READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524






ବର୍ଷ-୨ | ସଂଖ୍ୟା-୩୫ | ୧୦ - ୧୬ ସେପ୍ଟେମ୍ବର, ୨୦୧୮ | ଭୁବନେଶ୍ୱର | Monday Weekly | VOL-2 | ISSUE-35 | 10th - 16th SEPTEMBER, 2018 | BHUBANESWAR | ₹ 5/- (8 Pages)


## ବିଧାନ ପରିଷଦ ସଙ୍କଳ୍ପ ଗୃହୀତ



**ଭୁବନେଶ୍ୱର :** ବିଧାନସଭାରେ ବିଧାନପରିଷଦ ଗଠନ ପାଇଁ ଆଗତ ସଙ୍କଳ୍ପ ଗୃହୀତ ହୋଇଯାଇଛି। ସଂକଳ୍ପକୁ ୧୦୪ ଜଣ ବିଧାୟକ ସମର୍ଥନ କରିଥିବା ବେଳେ ଏହା ବିପକ୍ଷରେ ଗୋଟିଏ ବି ଭୋଟ ପଡ଼ିନାହିଁ। ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହି ସଙ୍କଳ୍ପ ଆଗତ କରିଥିଲେ। ଗୃହରେ ଉପସ୍ଥିତ ଥିବା ବିଜେଡିର ସମସ୍ତ ୧୦୪ ବିଧାୟକ ସଙ୍କଳ୍ପ ସପକ୍ଷରେ ଭୋଟ ଦେଇଥିଲେ। କିନ୍ତୁ ସଂକଳ୍ପ ଗୃହୀତ ହେବା ପୂର୍ବରୁ ଏହାକୁ ବିରୋଧ କରି କଂଗ୍ରେସ ଓ ବିଜେପିର ବିଧାୟକମାନେ କକ୍ଷତ୍ୟାଗ କରିଥିଲେ। ସଙ୍କଳ୍ପ ଗୃହୀତ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ସ୍ୱାଗତ କରି କହିଥିଲେ, ଓଡ଼ିଶାର ବିକାଶଧାରା ଦ୍ରୁତ ଗତିରେ ଚାଲିଛି। ଏହାକୁ ଗତିଶୀଳ କରିବାକୁ ଚିନ୍ତନ ଜରୁରୀ। ଏହି ପରିପ୍ରେକ୍ଷୀରେ ବିଧାନପରିଷଦ ବଡ଼ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ସଙ୍କଳ୍ପ ପ୍ରସ୍ତାବ ଉପରେ ଆଲୋଚନାରେ ଭାଗ ନେଇ କଂଗ୍ରେସ ଓ ବିଜେପି ବିଧାୟକମାନେ ବିଧାନ ପରିଷଦ ଗଠନକୁ ତୀବ୍ର ସମାଲୋଚନା କରିଥିଲେ। ରାଜ୍ୟ ଋଣ ଭାର ଓ ଦୁର୍ନୀତିରେ ବୁଡ଼ି ରହିଥିବା ବେଳେ ନିର୍ବାଚନୀ ବର୍ଷରେ ଦଳୀୟ ନେତାମାନଙ୍କୁ ଥଇଥାନ ପାଇଁ ବିଜେଡି ସରକାର ଏବେ ବିଧାନପରିଷଦ ଗଠନ କରିବାକୁ ଯାଉଛନ୍ତି ବୋଲି ବିରୋଧୀମାନେ ଅଭିଯୋଗ କରିଥିଲେ। ସଂସଦୀୟ ବ୍ୟାପର ମନ୍ତ୍ରୀ ଶ୍ରୀ ଆରୁଖ ଗୃହରେ ବିଧାନପରିଷଦ ଗଠନ ସଂକ୍ରାନ୍ତ ସଙ୍କଳ୍ପ ଆଗତ କରି କହିଥିଲେ, ବିଧାନପରିଷଦ ପାଇଁ ଗଠିତ କମିଟି ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ଦେଇଛି। ଏବେ ଦେଶର ୭ଟି ରାଜ୍ୟରେ ବିଧାନପରିଷଦ କାର୍ଯ୍ୟ କରୁଛି। ➤ ପୃ-୬

### ତୈଳ ଦର ବୃଦ୍ଧି, ଶିକ୍ଷକ ସମସ୍ୟା ଓ ଚାରା ଘୋଟାଲାକୁ ନେଇ ଗୃହ ଅଚଳ

## ସମାଧାନ ପାଇଁ ଚିନ୍ତା କାହିଁ



**ଭୁବନେଶ୍ୱର :** ତୈଳ ଦର ବୃଦ୍ଧି ଓ ଶିକ୍ଷକ ସମସ୍ୟାକୁ ନେଇ ବିଧାନସଭାରେ ଅଚଳାବସ୍ଥା ଦେଖା ଦେଇଥିଲା। କଂଗ୍ରେସ ପକ୍ଷରୁ ତେଲ ଡାଡି ଓ ଶିକ୍ଷକଙ୍କ ଦାବି ପ୍ରସଙ୍ଗ ଉଠିଥିଲା ବେଳେ ବିଜେପି ପକ୍ଷରୁ ଚାରା ଦୁର୍ନୀତି ନେଇ ଗୃହରେ ପ୍ରଶ୍ନକାଳ ବାଧାପ୍ରାପ୍ତ ହୋଇଥିଲା। ଶାସକ ବିଜେଡି ସଭ୍ୟମାନେ ତୈଳ ଦର ବୃଦ୍ଧିକୁ ନେଇ ହୋ ହଲ୍ଲା କରିବାରୁ ଗୃହକାର୍ଯ୍ୟ ଅଚଳ ହୋଇଥିଲା। ତୈଳ ଦର ବୃଦ୍ଧି ପାଇଁ ବିଜେଡି ସଭ୍ୟମାନେ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। କେନ୍ଦ୍ର ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତିକୁ ଦାୟୀ କରିଛି ବିଜେଡି। ଅନ୍ୟପକ୍ଷେ କଂଗ୍ରେସ ସଭ୍ୟମାନେ ଶିକ୍ଷକଙ୍କ ଦାବି ନେଇ ଗୃହରେ ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ପାଇଁ ସ୍ଥିର ହୋଇଥିବାରୁ ଗୃହ କାର୍ଯ୍ୟ ଚଳାଇବାକୁ ଦାବି କରିଥିଲେ। ମୌସୁମୀ ଅଧିବେଶନର ଚତୁର୍ଥ ଦିନରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଶାସକ ଦଳର ବିଧାୟକମାନେ ନିଜ ନିଜ ଆସନରେ ଠିଆ ହୋଇ ତୈଳଦର ବୃଦ୍ଧିକୁ ତୀବ୍ର ବିରୋଧ କରିଥିଲେ। ସେମାନେ ବିଭିନ୍ନ ସ୍ଲୋଗାନ ଦେବା ସହ ତୁରନ୍ତ ତୈଳଦର ହ୍ରାସ ➤ ପୃ-୬

### ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

## କେନ୍ଦ୍ରକୁ ପୁଣି ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ



**ସମ୍ବଲପୁର :** ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟର ଏକ ବେଞ୍ଚ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଣିଥରେ କେନ୍ଦ୍ରକୁ ଚିଠି ଲେଖିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କେନ୍ଦ୍ର ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ ପଶ୍ଚିମ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟର ବେଞ୍ଚ ସ୍ଥାପନ ପାଇଁ ସେ ୨୦୧୩ ସେପ୍ଟେମ୍ବର ୨୮ ଓ ୨୦୧୪ ଫେବୃଆରୀ ୧୩ରେ ତତ୍କାଳୀନ କେନ୍ଦ୍ର ଆଇନମନ୍ତ୍ରୀଙ୍କୁ ପତ୍ର ଲେଖିଥିଲେ। ଏଥିରେ ସେ ଦର୍ଶାଇଥିଲେ ଯେ, ଏହି ଅଞ୍ଚଳର ଲୋକେ ନ୍ୟାୟ ପାଇଁ ଓଡ଼ିଶା ହାଇକୋର୍ଟ ବେଞ୍ଚ ସମ୍ପୃକ୍ତ ଅଞ୍ଚଳରେ ସ୍ଥାପନ ପାଇଁ ଦାବି କରି ଆସୁଛନ୍ତି। କାରଣ ସେମାନେ ନ୍ୟାୟ ପାଇବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ସେ ଲେଖିଥିବା ପତ୍ରରେ ଏହି ଦୁଇ ଅଞ୍ଚଳରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ କରାଗଲେ ରାଜ୍ୟ ସରକାର ସମସ୍ତ ପ୍ରକାର ସମ୍ବଳ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ➤ ପୃ-୬

## 'ଆର୍ଥିକ ବିକାଶରେ ବଡ଼ ଭୂମିକା ନେଇପାରିବ ଓଡ଼ିଶା'



**ଭୁବନେଶ୍ୱର :** ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜି (ଆଇସିଟି) ମୁମ୍ବାଇର ଭୁବନେଶ୍ୱର କ୍ୟାମ୍ପସରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଥମ ବ୍ୟାଚ୍‌ର ପ୍ରଥମ ବର୍ଷ ପାଠପଢ଼ାର ଶୁଭାରମ୍ଭ କରିଛନ୍ତି। ଆଇସିଟି-ଭାରତୀୟ ତୈଳନିଗମ (ଆଇଓସି) ମିଳିତ ସହଯୋଗିତାରେ ଏହି ରାଷ୍ଟ୍ରୀୟ ମାନର ଶିକ୍ଷାନୁଷ୍ଠାନ ରେକର୍ଡ ସମୟରେ ସମସ୍ତ ପ୍ରକ୍ରିୟା ଶେଷ କରି ଶିକ୍ଷାବର୍ଷ ଆରମ୍ଭ କରିଥିବାରୁ ଆଇସିଟି-ଆଇଓସିକୁ ଅଭିନନ୍ଦନ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ। ୬୦ ଜଣ ପ୍ରଥମ ଶିକ୍ଷାବର୍ଷରେ ନାଁ ଲେଖିଥିବା ଛାତ୍ରଛାତ୍ରୀଙ୍କୁ ଏହି କାଯ୍ୟକ୍ରମର ଷ୍ଟାର୍ ଭାବରେ ବର୍ଣ୍ଣନା କରିବା ସହ ଏହି କ୍ୟାମ୍ପସ୍ ଦେଶରେ ନୂଆ ପିଢ଼ିର ଦକ୍ଷ ମାନବ ସମ୍ବଳ ତିଆରି କରିବା ସହ ଦେଶ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଆଶାବ୍ୟକ୍ତ କରିଛନ୍ତି ଶ୍ରୀ ପ୍ରଧାନ। ପ୍ରଥମବର୍ଷରେ ନାମ ଲେଖାଇଥିବା ଛାତ୍ରଛାତ୍ରୀ ଓ ତାଙ୍କର ଅଭିଭାବକ ମାନଙ୍କୁ ଶ୍ରୀ ପ୍ରଧାନ କହିଛନ୍ତି, ସରକାରୀ ବା ବେସରକାରୀ ଚାକିରି ବଦଳରେ ନୂଆ ଯୁଗରେ ସୃଷ୍ଟି ହୋଇଥିବା କେମିକାଲ ଇକୋ ସିଷ୍ଟମ୍‌ରେ ଉଦ୍ୟମୀ ହେବାର ଅନେକ ସମ୍ଭାବନାର ସୁଯୋଗ ନେବାପାଇଁ ଅନୁରୋଧ କରିଥିଲେ। ଦେଶର ଜିଡିପିର ଦ୍ରୁତ ବିକାଶ ପାଇଁ ପୂର୍ବଭାରତରେ ବିକାଶ ଯାତ୍ରାର ଦ୍ରୁତ ଗତି ମୋଦି ସରକାରଙ୍କ ପ୍ରାଥମିକତା ବୋଲି କହିଛନ୍ତି ଶ୍ରୀ ପ୍ରଧାନ। ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ପେଟ୍ରୋଲିୟମ ଟେକ୍ନୋଲୋଜି ଡେରାଡୁନରୁ ପ୍ରସ୍ତୁତ ହୋଇଥିବା ବାୟୋଫୁଏଲରେ ସ୍ପାଇସ୍‌ଜେଟର ବିମାନ ଡେରାଡୁନରୁ ଦିଲ୍ଲୀ ପରୀକ୍ଷଣ ଯାତ୍ରା କରିସାରିଛି। ଆଇସିଟି ମୁମ୍ବାଇର ଲାବୋରେଟୋରିରେ ପ୍ରାକୃତିକ ବର୍ଜ୍ୟବସ୍ତୁରୁ ଇନ୍ଧନ ପ୍ରସ୍ତୁତିର ଟେକ୍ନୋଲୋଜି ଆଜି ଦେଶ ସାମ୍ନାରେ ଉପଲବ୍ଧ ଅଛି। ବିଶ୍ୱର ଉର୍ଜା ବିଶେଷଜ୍ଞମାନଙ୍କ ମତ ହେଲା ଆଗାମୀ ଦିନରେ ଚୀନରେ ଉର୍ଜାର ଆବଶ୍ୟକତା ବାର୍ଷିକ ୧.୩ ପ୍ରତିଶତ ବୃଦ୍ଧି ହେବା ବେଳେ ଭାରତରେ ଏହା ୪.୨ ପ୍ରତିଶତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାରେ ଏକ ଅତ୍ୟାଧୁନିକ କୋଇଲାରୁ ଗ୍ୟାସ ଓ ଗ୍ୟାସରୁ ୟୁରିଆ ଓ ଆମୋନିଆ ପ୍ଲାଣ୍ଟର ଶୁଭାରମ୍ଭ କରିବେ। ପାରାଦୀପ ତୈଳ ବିଶୋଧନାଗାରରୁ ➤ ପୃ-୬

## ପ୍ରତ୍ୟକ୍ଷ ନିର୍ବାଚିତ ହେବେ ପୌରାଧ୍ୟକ୍ଷ, ମେୟର

**ଭୁବନେଶ୍ୱର :** ଶୁକ୍ରବାର ସଂଧ୍ୟାରେ ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାନସଭା ଚାଲୁଥିବାରୁ ଗଣମାଧ୍ୟମକୁ କ୍ୟାବିନେଟ ସମ୍ପର୍କିତ ସୂଚନା ଦିଆଯାଇନାହିଁ। ତେବେ ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କ୍ୟାବିନେଟରେ ୮ ଟି ପ୍ରସ୍ତାବ ଉପରେ ମୋହର ବାଜିଛି। ବିଶେଷ କରି ପୌର ଆଇନ ସଂଶୋଧନ ନେଇ କ୍ୟାବିନେଟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏଣିକି ପୌରାଧ୍ୟକ୍ଷ ଓ ଉପାଧ୍ୟକ୍ଷ ଭୋଟରମାନଙ୍କ ଦ୍ୱାରା ସିଧାସଳଖ ନିର୍ବାଚିତ ହେବେ। ଏନେଇ ପୌର ଆଇନରେ ସଂଶୋଧନ କରାଯିବ। ବୈଠକରେ ପୌର ଆଇନ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ମୋହର ମାରିଛି। ସେହିପରି କୃଷି ବିଭାଗର ଗୋଟିଏ ଅର୍ଥ ବିଭାଗର ୩ଟି ଓ ଜଳ ସେଚନ ବିଭାଗର ୩ ଟିକୁ ମିଶାଇ ମୋଟ ୮ ଟି ପ୍ରସ୍ତାବକୁ କ୍ୟାବିନେଟରେ ଅନୁମୋଦନ ମିଳିଥିବା ସୂଚନା ମିଳିଛି।


PLOT FOR SALE@BHUBANESWAR



Yellow Zone, 30ft wide Road
Mouza :
Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455



30ft Internal Road
Mouza :
Pandiapada
Contact Immediately :
8658607286 / 8917571455


### ସୁପ୍ରିମ୍‌କୋର୍ଟଙ୍କ ଐତିହାସିକ ରାୟ

## ସମଲିଙ୍ଗୀ ସମ୍ପର୍କ ଅପରାଧ ନୁହେଁ



**ନୂଆଦିଲ୍ଲୀ :** ଭାରତୀୟ ପିଙ୍ଗଳ କୋଡ଼ର ୩୭୭ ଦଫା ନେଇ ଚାଲିଥିବା ମାମଲାର ବିଚାର କରି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଘୋଷଣା କରିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ଏହି ଧାରା ସଂପର୍କରେ ପ୍ରଧାନ ବିଚାରପତି ଦୀପକ ମିଶ୍ର କହିଛନ୍ତି ଯେ ଏହା ହେଉଛି ସଂପୂର୍ଣ୍ଣ ଅଯୌକ୍ତିକ, ଅସମର୍ଥନୀୟ ଏବଂ ସ୍ପଷ୍ଟତଃ ଏକତରଫା। ସୁପ୍ରିମ କୋର୍ଟ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ୫ ଜଣିଆ ଖଣ୍ଡପୀଠ ଏହି ମାମଲାର ବିଚାର କରୁଥିଲେ। ଖଣ୍ଡପୀଠର ଅନ୍ୟ ସଦସ୍ୟମାନେ ହେଲେ ବିଚାରପତି ରୋହିନଟନ୍ ଏଫ. ନରିମାନ, ବିଚାରପତି ଏଏମ ଖାନୱିଲକର, ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ ଏବଂ ବିଚାରପତି ଇନ୍ଦୁ ମାଲହୋତ୍ରା। ଗୁରୁବାର ସୁପ୍ରିମକୋର୍ଟଙ୍କର ଏହି ଖଣ୍ଡପୀଠର ସଦସ୍ୟମାନେ ଅଲଗା ଅଲଗା ଭାବେ ନିଜ ନିଜର ରାୟ ଘୋଷଣା କରିଥିଲେ। ତେବେ ସମସ୍ତେ ଗୋଟିଏ କଥାରେ ସହମତ ଥିଲେ ଯେ ସହମତିଭିତ୍ତିକ ସମଲିଙ୍ଗୀ ଯୌନ ସଂପର୍କ ଅବୈଧ ନୁହେଁ। ଯେଉଁଠି ସହମତି ନାହିଁ ତାହା ଅବୈଧ। ସେହିପରି ପଶୁମାନଙ୍କ ସହିତ ଯୌନ ସଂପର୍କ ମଧ୍ୟ ଅବୈଧ। ଭାରତୀୟ ପିଙ୍ଗଳ କୋଡ଼ର ୩୭୭ ଦଫା ପୁରୁଣାକାଳିଆ ଓ ସମ୍ବିଧାନର ୧୪ ଧାରାରେ ପ୍ରଦତ୍ତ ବ୍ୟକ୍ତି ସ୍ୱାଧୀନତାର ପରିପନ୍ଥୀ ବୋଲି ଖଣ୍ଡପୀଠର ସଦସ୍ୟମାନେ ସ୍ପଷ୍ଟ ରାୟ ପ୍ରଦାନ କରିଛନ୍ତି। ଏ ସଂପର୍କରେ ପ୍ରଥମେ ନିଜର ଏବଂ ବିଚାରପତି ଏଏମ ଖାନୱିଲକରଙ୍କ ତରଫରୁ ରାୟ ଘୋଷଣା କରିଥିଲେ ପ୍ରଧାନ ବିଚାରପତି ଦୀପକ ମିଶ୍ର। ସେ କହିଛନ୍ତି ଯେ ୩୭୭ ଦଫା ହେଉଛି ଅଯୌକ୍ତିକ, ଅସମର୍ଥନୀୟ ଓ ➤ ପୃ-୬

## ବକ୍ରବାଣୀ



ଟାୟାର ଜଳେଇ ଲୋକଙ୍କୁ କନ୍ଦେଇ ମାରୁଛ
ଭାଲୁକୁ ନଚେଇ ହଙ୍ଗାମା ମଚେଇ ନାଚୁଛ !
ବିଧାନସଭାକୁ ଅଚଳ କରେଇ ଦଉଛ
ହିସାବ କରିକି ପାଉଣା ଯୋଡିକି ନଉଛ !
ଅଜ୍ଞାତ ବାସରେ ଯିବାକୁ ପସନ୍ଦ କରୁଛ
ତୃତୀୟ ନମ୍ବରେ ମିଳିବ ଆନନ୍ଦ ଭାବୁଛ !
ପାୱାର ଦର୍କାର ନାହିଁକି ଦଳର ଲାଗୁଛ
ଜାତୀୟ ଦଳଟେ ଓଲଟା ଫଳଟେ ମାଗୁଛ !
ଅଜ୍ଞାତ ବାସରେ ଯିବାକୁ ଶପଥ ନେଇଛ
ବିଜେଡି ସାଥିରେ ଚୋରାରେ ପିରତୀ ରଚିଛ !

—ଟୁଟୁ

## ଗ୍ରାମାଞ୍ଚଳ ଓ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ



**ଭୁବନେଶ୍ୱର :** ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ୨୦୧୮-୧୯ ବର୍ଷ ପାଇଁ ବିଧାନସଭାରେ ୧୨ ହଜାର ୭୯୦ କୋଟି ଟଙ୍କାର ଅତିରିକ୍ତ ବଜେଟ ଉପସ୍ଥାପନ କରିଛନ୍ତି। ବିରୋଧୀଙ୍କ ହଟ୍ଟଗୋଳ ଜାରି ରଖିବାରୁ ଅର୍ଥମନ୍ତ୍ରୀଙ୍କୁ ତାଙ୍କ ବଜେଟ ଅଭିଭାଷଣ ମାତ୍ର ୧୫ ମିନିଟ୍ ମଧ୍ୟରେ ଶେଷ କରିବାକୁ ପଡ଼ିଛି। ଏହି ଅତିରିକ୍ତ ବଜେଟରେ ପ୍ରାଶାସନିକ ବ୍ୟୟ ୧୮୦୦ କୋଟି, କାର୍ଯ୍ୟକ୍ରମ ବ୍ୟୟ ୯୬୧୧ କୋଟି, ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ୧୩୬୪ କୋଟି ଅନ୍ତର୍ଭୁକ୍ତ। ଅତିରିକ୍ତ ବଜେଟ ଉପସ୍ଥାପନ କରି ଅର୍ଥମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି, ରାଜ୍ୟ ସରକାର ଗ୍ରହଣ କରିଥିବା ନୂତନ ଯୋଜନା ଓ କାର୍ଯ୍ୟକ୍ରମ ପାଇଁ ଅର୍ଥର ଆବଶ୍ୟକତା ଥିବାରୁ ଏହି ଅତିରିକ୍ତ ବଜେଟ ଆଗତ ହୋଇଛି। ଭାରତ ସରକାରଙ୍କ ପ୍ରବର୍ତ୍ତିତ ନୂତନ ଯୋଜନାଗୁଡ଼ିକ ପାଇଁ ମଧ୍ୟ ରାଜ୍ୟ ଅଂଶ ବାବଦରେ ବ୍ୟୟର ଆବଶ୍ୟକତା ରହିଛି। ସେହିପରି ଓଡ଼ିଶା ଆକସ୍ମିକ ପାଣ୍ଠିରୁ ନିଆଯାଇଥିବା ଅଗ୍ରୀମ ଅର୍ଥର ଭରଣା କରିବାକୁ ପଡ଼ିବ। ରାଜ୍ୟ କର୍ମଚାରୀଙ୍କ ପାଇଁ ସପ୍ତମ ବେତନ କମିଶନ ସୁପାରିସ ଲାଗୁ ହେବା ପରେ ଏ ବାବଦ ବ୍ୟୟ ଓ ବକେୟା ବେତନର ୪୦ ପ୍ରତିଶତ ପ୍ରଦାନ କରିବାକୁ ସରକାରଙ୍କୁ ଅତିରିକ୍ତ ବ୍ୟୟ କରିବାକୁ ହେବ। ନ୍ୟାୟିକ ଅଧିକାରୀମାନଙ୍କୁ ୨୦୧୬ ଜାନୁଆରୀ ପହିଲାରୁ ବେତନର ୩୦ ପ୍ରତିଶତ ମଧ୍ୟବର୍ତ୍ତୀକାଳୀନ ରାଶି ପ୍ରଦାନ ନିମିତ୍ତ ଅଧିକ ଅର୍ଥର ଆବଶ୍ୟକତା ରହିଛି। ଅତିରିକ୍ତ ବଜେଟରେ ବରାଦ ହୋଇଥିବା ୧୨,୭୯୦ କୋଟି ଟଙ୍କା ମଧ୍ୟରୁ ସହବନ୍ଧିତ ସମ୍ବଳ ସୂତ୍ରରୁ ୫୧୬୬ କୋଟି ଟଙ୍କା, ଅଣବନ୍ଧିତ ସମ୍ବଳରୁ ୧୦୦୦ କୋଟି ଟଙ୍କା, ବିଭିନ୍ନ ବିଭାଗର ସମର୍ପିତ ବ୍ୟୟବରାଦର ଓ ଅନୁଦାନରୁ ୧୦୮୨ କୋଟି ଟଙ୍କା ଏବଂ ବର୍ଷ ଶେଷକୁ ➤ ପୃ-୬




## କେମିତି କଟିବ ଏ ସପ୍ତାହ

**ମେଷ** – ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବିଦ୍ୟାର୍ଥୀମାନେ କମ୍ ପରିଶ୍ରମରେ ଅଧିକ ଫଳପ୍ରଦ ହେବେ। ନୂତନ ଯାନ କ୍ରୟ କରିବାର ସମୟ ଆସିବ। ବ୍ୟବସାୟରେ ଉନ୍ନତି କରିବେ।

**ବୃଷ** – ଆଶା କରିଥିବା କର୍ମରେ ଶୁଭଫଳ ମିଳିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। ରାଜନୈତିକ କ୍ଷେତ୍ରରେ ସଫଳତା ହାସଲ କରିବେ। ଗୃହରେ ଶାନ୍ତି ବଜାୟ ରହିବ।

**ମିଥୁନ** – ନୂତନ ଯାନ କ୍ରୟ କରିବେ। ବନ୍ଧୁଙ୍କଠାରୁ ସାହାଯ୍ୟ ମିଳିପାରେ। କର୍ମକ୍ଷେତ୍ରରେ ଆଶା କରିଥିବା ଇଚ୍ଛା ପୂରଣ ହେବ। ବ୍ୟବସାୟୀମାନେ ଲାଭରୁ ବଞ୍ଚିତ ରହିବେ। ରାଜନୈତିକ କ୍ଷେତ୍ରରେ ସଫଳ ହେବେ।

**କର୍କଟ** – କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ଦୀର୍ଘଦିନର ପୁରୁଣା କାମର ସମାଧାନ ହେବ। ଅତୀତ ଘଟଣାକୁ କେନ୍ଦ୍ରକରି ପଡୋଶୀଙ୍କ ସହ ବିବାଦ ରହିପାରନ୍ତି। ବ୍ୟବସାୟୀମାନେ ବ୍ୟବସାୟରେ ଲାଭବାନ୍ ହେବେ।

**ସିଂହ** – ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ଶରୀର ପ୍ରତି ସତର୍କ ରହିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବନ୍ଧୁମିଳନ ଘଟିପାରେ।

**କନ୍ୟା** – ଧର୍ମାନୁଷ୍ଠାନରେ ସମୟ ଅତିବାହିତ କରିବେ। ବିଦେଶ ଯାତ୍ରା କରିପାରନ୍ତି। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ବିଦେଶଯାତ୍ରା କରିବେ। ମହିଳାମାନେ ଆନନ୍ଦରେ ସମୟ କାଟିବେ। ସନ୍ତାନଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିପାରନ୍ତି।

**ତୁଳା** – କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସା ପାଇବେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ତୀର୍ଥସ୍ଥାନ ଭ୍ରମଣ କରି ଆନନ୍ଦିତ ହେବେ। ଶାରୀରିକ ଅସୁସ୍ଥତା ଦୂର ହେବ। ବ୍ୟବସାୟରେ ଲାଭବାନ୍ ହେବେ।

**ବିଛା** – ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ଲାଗି ରହିଥିବା ଜମିଜମା ବିବାଦର ସମାଧାନ ଘଟିବ।

**ଧନୁ** – ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତିର ବାତାବରଣ ଖେଳିଯିବ। ମାନସିକ ସୁସ୍ଥତା ଅନୁଭବ କରିବେ। ଯାନବାହନ ପ୍ରତି ସତର୍କ ରହିବେ।

**ମକର** – ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଯାନବାହନଠାରୁ ଦୂରେଇ ରୁହନ୍ତୁ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ପରିବାର ମଧ୍ୟରେ ଆନନ୍ଦ ଖେଳିଯିବ।

**କୁମ୍ଭ** – କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ପ୍ରଶଂସା ପାଇବେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ଅବଲମ୍ବନ କରନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଫଳ ପାଇବେ। ବେକାରୀ ସମସ୍ୟା ଦୂର ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମୀନ** – ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଲାଗି ରହିଥିବା ବିବାଦର ସମାଧାନ ହେବ। ସାମାଜିକ ଉତ୍ସବରେ ସହଯୋଗ କରିବେ। ନୂତନ କର୍ମରେ ଯୋଗ ଦେଇ ପ୍ରଶଂସିତ ହେବେ। ବିଦ୍ୟାର୍ଥୀମାନେ ଶୁଭଫଳ ପାଇବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୭୩୪୧୧

### ମବ୍ ଲିଞ୍ଚିଂ ନେଇ ସୁପ୍ରିମ୍‌କୋର୍ଟ ଖପ୍ପା

# ଗାଇଡ ଲାଇନ ଖିଲାପକାରୀ ରାଜ୍ୟ ଉପରେ କଡ଼ା ଆଭିମୁଖ୍ୟ

**ନୂଆଦିଲ୍ଲୀ :** ସୁପ୍ରିମକୋର୍ଟ ମବ୍ ଲିଞ୍ଚିଂ (ଭିଡ଼ ହିଂସା) ଘଟଣାରେ କେତେକ ରାଜ୍ୟ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିନଥିବାରୁ ଉଦ୍‌ବେଗ ପ୍ରକାଶ କରିଛନ୍ତି। ମବ୍ ଲିଞ୍ଚିଂ ରୋକିବା ନେଇ ଶୀର୍ଷ ଅଦାଲତ ଗତ ଜୁଲାଇ ୧୭ରେ କେତେକ ଗାଇଡ୍ ଲାଇନ୍ ଜାରି କରିଥିଲେ। ଏହାକୁ ଲାଗୁ କରିବା ଲାଗି ୪ ସପ୍ତାହ ସମୟ ଦିଆଯାଇଥିଲା। କିନ୍ତୁ ଇତିମଧ୍ୟରେ ୧୬ଟି ରାଜ୍ୟ ଏ ସମ୍ପର୍କିତ ସତ୍ୟପାଠ ସୁପ୍ରିମକୋର୍ଟରେ ଦାଖଲ କରିଥିଲା ବେଳେ ଅନ୍ୟ ରାଜ୍ୟଗୁଡ଼ିକ ଏଥିରେ ଖିଲାପ କରିଥିବାରୁ କୋର୍ଟ ଏହି ରାଜ୍ୟଗୁଡ଼ିକ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରି ଏକ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ର, ବିଚାରପତି ଜଷ୍ଟିସ୍ ଏଏମ୍ ଖାନୱିଲ୍‌କର ଓ ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ଙ୍କୁ ନେଇ ଗଠିତ ଖଣ୍ଡପୀଠ ଖିଲାପ କରିଥିବା ରାଜ୍ୟଗୁଡ଼ିକୁ ଚେତାବନୀ ଦେଇ ଏକ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନଚେତ୍ ସମ୍ପୃକ୍ତ ରାଜ୍ୟର ସ୍ୱରାଷ୍ଟ୍ର ସଚିବଙ୍କୁ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହେବାକୁ ପଡ଼ିବ ବୋଲି ଖଣ୍ଡପୀଠ କହିଛନ୍ତି। ଶୁଣାଣି ସମୟରେ କଂଗ୍ରେସ ନେତା ତେହସିନ୍ ପୁନାୱାଲା ରାଜସ୍ଥାନ ମୁଖ୍ୟ ଶାସନ ସଚିବ, ପୁଲିସ ମୁଖ୍ୟ କୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିନଥିବା ଦର୍ଶାଇ ସେମାନଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ କରିବାକୁ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ମାସରେ ରକ୍‌ବର୍ ଖାନ୍ ନାମକ ଜଣେ ଦୁଗ୍ଧ ଚାଷୀ ଲିଞ୍ଚିଂର ଶିକାର ହେବା ମାମଲାରେ ସୁପ୍ରିମକୋର୍ଟ ଏହି ଗାଇଡ୍ ଲାଇନ୍ ଜାରି କରିଥିଲେ। କୋର୍ଟ କହିଥିଲେ, ଯାହା ବି ହେଉ, ସମାଜରେ ଶାନ୍ତି ଓ ସଦ୍‌ଭାବ ବଜାୟ ରଖିବାକୁ ହେବ। ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଅଧିକାରୀମାନେ ୱେବ୍‌ସାଇଟ୍‌ରେ ମବ୍ ଲିଞ୍ଚିଂ ବିରୋଧରେ ଏଥିନେଇ ଗାଇଡ୍ ଲାଇନ୍ ଜାରି କରିବେ। କେନ୍ଦ୍ର ସରକାରଙ୍କୁ ମବ୍ ଲିଞ୍ଚିଂ ରୋକିବା ପାଇଁ ଆଇନ ପ୍ରଣୟନ କରିବା ନେଇ ଚିନ୍ତା କରିବାକୁ କୋର୍ଟ କହିଥିଲେ। ସୁପ୍ରିମକୋର୍ଟ ତାଙ୍କ ଗାଇଡ୍ ଲାଇନ୍‌ରେ ଦର୍ଶାଇଥିଲେ, ଏଭଳି ମାମଲାର ତଦନ୍ତରେ ଏସ୍‌ପି ନୋଡାଲ ଅଫିସର ରହିବେ। ତତ୍କାଳ ଏତଲା ରୁଜୁ ହେବ। ଫାଷ୍ଟ ଟ୍ରାକ୍ କୋର୍ଟରେ ଏହାର ବିଚାର ହେବ। ପୀଡ଼ିତଙ୍କୁ କ୍ଷତିପୂରଣ ମଧ୍ୟ ଦିଆଯିବ।

# ହ୍ରାସ ପାଇବ ଜିଏସ୍‌ଟି ସ୍ଲାବ୍ ସଂଖ୍ୟା

**ବେଙ୍ଗାଲୁରୁ :** ନିକଟ ଭବିଷ୍ୟତରେ ଜିଏସ୍‌ଟି ଦର ସ୍ଲାବ୍ ସଂଖ୍ୟାରେ ପରିବର୍ତ୍ତନ କରିବା ପାଇଁ କେନ୍ଦ୍ର ଯୋଜନା କରୁଛି। ବର୍ତ୍ତମାନ ଏହି ସଂଖ୍ୟା ୫ ଥିବାବେଳେ ଏଥିରେ ୨ ପର୍ଯ୍ୟନ୍ତ ହ୍ରାସ କରାଯିବ ବୋଲି ବେଙ୍ଗାଲୁରୁ ଜୋନ୍ କେନ୍ଦ୍ରୀୟ ଟିକସର ପ୍ରିନ୍ସିପାଲ୍ ଚିଫ୍ କମିଶନର୍ ଏକେ ଜ୍ୟୋତିସୀ ପ୍ରକାଶ କରିଛନ୍ତି। ବେଙ୍ଗାଲୁରୁ ଚ୍ୟାମ୍ବର ଅଫ୍ ଇଣ୍ଡଷ୍ଟ୍ରୀ ଆଣ୍ଡ୍ କମର୍ସ (ବିସିଆଇସି) ଦ୍ୱାରା ଆୟୋଜିତ ଏକ ଜିଏସ୍‌ଟି ୱାର୍କସପ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଶ୍ରୀ ଜ୍ୟୋତିସୀ କହିଛନ୍ତି ଯେ ୯୦% କର ୧୮% ଦର ସ୍ଲାବ୍ ଅନ୍ତର୍ଗତ ଆସୁଛି। ଜିଏସ୍‌ଟି ଲାଗୁ ହେବା ପରଠାରୁ ସରକାର ନୂତନ ଅପ୍ରତ୍ୟକ୍ଷ ଟିକସ ଆଇନ ସମ୍ବନ୍ଧରେ ଟିକସଦାତାଙ୍କର ଅନେକ ଭୁଲ୍ ଧାରଣାକୁ ଦୂର କରିଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଜିଏସ୍‌ଟି କ୍ଷତିକାରକ ଆଇନ ନୁହେଁ, ବରଂ ଏହା ଏକ ପରିବର୍ତ୍ତନଶୀଳ ଆଇନ। କ୍ରମଶଃ ଆଇନ ବ୍ୟବସ୍ଥା ସୁଧୁରିବା ସହିତ ପୂର୍ବରୁ ନୂତନ ଟିକସ ବ୍ୟବସ୍ଥାକୁ ଅବରୋଧ କରୁଥିବା ତଥା ଏହା ଉପରେ ସନ୍ଦେହ କରୁଥିବା ଉଦ୍ୟୋଗଗୁଡ଼ିକ ବର୍ତ୍ତମାନ ସ୍ୱଇଚ୍ଛାରେ ଆଇନର ଅନୁପାଳନ କରୁଛନ୍ତି। ଆମେ ଏହି ତଥ୍ୟକୁ ସ୍ୱୀକାର କରୁଛୁ ଯେ ଜିଏସ୍‌ଟି ଲାଗୁ ହେବା ଆରମ୍ଭରେ ଅନେକ ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହେବା ସହିତ ଏହାର ଅନୁପାଳନରେ ମଧ୍ୟ ଅନେକ ଜଟିଳତା ସୃଷ୍ଟି ହୋଇଥିଲା। ମାତ୍ର ଏବେ ଏଥିରେ କେତେକାଂଶରେ ସୁଧାର ଆସୁଛି ଏବଂ ଲୋକେ ଧୀରେ ଧୀରେ ଏହାକୁ ଆପଣାଉଛନ୍ତି। ସରକାର ଡାଟା ଆନାଲିଟିକ୍ସର ଉପଯୋଗ କରୁଛନ୍ତି ଏବଂ ଏହାର ଦୋଷ ଦୁର୍ବଳତା ସମ୍ବନ୍ଧରେ ପୂର୍ବରୁ ହିଁ ଜଣାପଡ଼ିଥିଲା ବୋଲି ସେ କହିଛନ୍ତି। ବର୍ତ୍ତମାନର ରେକର୍ଡ ମୁତାବକ ଏବେ ମୋଟ ୮ ଲକ୍ଷ କରଦାତା ରହିଥିବାବେଳେ ବିଭାଗ ପ୍ରତି ମାସରେ ୬୫୦୦ କୋଟି ଟଙ୍କା ଆଦାୟ କରେ।

### ଏକକ ନିର୍ବାଚନ ନେଇ ଆଇନ କମିଶନଙ୍କ ମତ

# ଇଭିଏମ୍ କିଣାରେ ଖର୍ଚ୍ଚ ହେବ ୪୫୫୫ କୋଟି

**ନୂଆଦିଲ୍ଲୀ :** ଦେଶରେ ଏକସଂଗେ ଲୋକସଭା ଓ ବିଧାନସଭା ନିର୍ବାଚନ କରିବାକୁ ହେଲେ ନୂଆ ଇଭିଏମ୍ (ଇଲେକ୍‌ଟ୍ରୋନିକ୍ ଭୋଟିଙ୍ଗ୍ ମେସିନ୍) ଓ ପେପର୍ ଟ୍ରେଲ୍ ମେସିନ୍ ତୁରନ୍ତ କିଣିବା ପାଇଁ ୪୫୫୫ କୋଟି ଟଙ୍କା ଦରକାର। ଆଇନ କମିଶନ ଗତ ସପ୍ତାହରେ ଦେଇଥିବା ଚିଠା ରିପୋର୍ଟରେ ଏହା ଦର୍ଶାଇଛନ୍ତି। ନିର୍ବାଚନ କମିଶନଙ୍କ ହିସାବ ଦର୍ଶାଇ ଆଇନ କମିଶନ କହିଛନ୍ତି, ୨୦୧୯ ସାଧାରଣ ନିର୍ବାଚନ ପାଇଁ ୧୦୬୦୦୦୦ ଭୋଟ୍ ଗ୍ରହଣ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏକକ ନିର୍ବାଚନ ହେଲେ ଇଭିଏମ୍‌ର ବ୍ୟାଲଟ୍ ୟୁନିଟ୍ ଓ କଣ୍ଟ୍ରୋଲ ୟୁନିଟ୍ ଅଭାବ ପଡ଼ିବ। ଏବେ ଇଭିଏମ୍‌ର ପ୍ରାୟ ୧୨.୯ ଲକ୍ଷ ବ୍ୟାଲଟ୍ ୟୁନିଟ୍ କମ୍ ରହିଛି। ୯.୪ ଲକ୍ଷ କଣ୍ଟ୍ରୋଲ ୟୁନିଟ୍ ଏବଂ ୧୨.୩ ଲକ୍ଷ ଭିଭିପ୍ୟାଟ୍ (ଭୋଟର ଭେରିଫାଏବଲ୍ ପେପର ଅଡିଟ୍ ଟ୍ରେଲ୍ ମେସିନ୍) ଅଭାବ ରହିଛି। ଇଭିଏମ୍‌ରେ ଗୋଟିଏ କଣ୍ଟ୍ରୋଲ ୟୁନିଟ୍ (ସିୟୁ), ଗୋଟିଏ ବ୍ୟାଲଟ୍ ୟୁନିଟ୍ (ବିୟୁ) ଓ ଭିଭିପ୍ୟାଟ୍ ରହିଛି। ଏହାର ମୂଲ୍ୟ ୩୩ ହଜାର ୨୦୦ ଟଙ୍କା ବୋଲି ଏହି ରିପୋର୍ଟରେ କୁହାଯାଇଛି। ଗୋଟିଏ ଇଭିଏମ୍ ପ୍ରାୟ ୧୫ ବର୍ଷ ପର୍ଯ୍ୟନ୍ତ ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିବ ବୋଲି ଯଦି ବିଚାର କରାଯାଏ, ଏଭଳି ପରିସ୍ଥିତିରେ ୨୦୨୪ରେ ୨ୟ ଏକକ ନିର୍ବାଚନ କରିବା ଲାଗି ବର୍ତ୍ତମାନର ଇଭିଏମ୍ ମୂଲ୍ୟ ହିସାବରେ ୧୭୫୧.୧୭ କୋଟି ଟଙ୍କା ଦରକାର ପଡ଼ିବ। ୨୦୨୯ରେ ତୃତୀୟ ଏକକ ନିର୍ବାଚନ କରାଗଲେ ଇଭିଏମ୍ କିଣିବା ବାବଦରେ ୨୦୧୭.୯୩ କୋଟି ଟଙ୍କା ଆବଶ୍ୟକ ପଡ଼ିବ। ଏହି ହିସାବ ଅନୁଯାୟୀ ବିଚାରକଲେ ୨୦୩୪ରେ ଏକକ ନିର୍ବାଚନ ପାଇଁ ୧୩୯୮୧.୫୮ କୋଟି ଦରକାର ପଡ଼ିବ। ବର୍ତ୍ତମାନର ମୂଲ୍ୟ ଆଧାରରେ ଏହି ଖର୍ଚ୍ଚ ଆକଳନ କରାଯାଇଛି ବୋଲି ନିର୍ବାଚନ କମିଶନ ପକ୍ଷରୁ କୁହାଯାଇଛି। ଯଦି ଲୋକସଭା ଓ ବିଧାନସଭା ନିର୍ବାଚନ ଏକସଙ୍ଗେ କରାଯାଏ, ଏଥିପାଇଁ ଅଧିକ ଖର୍ଚ୍ଚ ପଡ଼ିବ ନାହିଁ। କେବଳ ପ୍ରତି ଭୋଟ୍‌ଗ୍ରହଣ କେନ୍ଦ୍ର ପାଇଁ ଗୋଟିଏ ଅତିରିକ୍ତ ଇଭିଏମ୍ ଛଡ଼ା ଆଉ ଅଧିକ ଖର୍ଚ୍ଚ ହେବ ନାହିଁ। ବଡ଼ ବଡ଼ ଭୋଟଗ୍ରହଣ କେନ୍ଦ୍ରରେ ଅତିରିକ୍ତ ପୁଲିସ କର୍ମଚାରୀ ଆବଶ୍ୟକ ହେବେ। କାରଣ ଅଧିକ ଇଭିଏମ୍ ବ୍ୟବହାର କରାଗଲେ ଏହାର ସୁରକ୍ଷା ପାଇଁ ଅଧିକ ପୁଲିସ କର୍ମଚାରୀ ଦରକାର ପଡ଼ିବ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି।

# ସ୍ୱିଫ୍ଟ ସମସ୍ୟା ଦୂର କର : ଆର୍‌ବିଆଇ

**ନୂଆଦିଲ୍ଲୀ :** ବିଶ୍ୱସ୍ତରରେ ଯେଉଁ ଆର୍ଥିକ ମେସେଜିଂ ବ୍ୟବସ୍ଥା 'ସ୍ୱିଫ୍ଟ' ସାହାଯ୍ୟରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଅଧିକାରୀମାନେ ଏଭଳି ବୃହତ୍ କାରସାଦି ଭିଆଇଥିଲେ, ସେଥିରେ ସୁଧାର ଆସିନଥିବାନେଇ ଚିନ୍ତାପ୍ରକଟ କରିଛନ୍ତି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ। ଜାନୁଆରୀ ମାସରେ ଏସବୁ ସାମ୍ନାକୁ ଆସିବାପରେ ଏଥିରେ ସୁଧାର ଆଣିବାପାଇଁ ରିଜର୍ଭ ବ୍ୟାଙ୍କ ଏକ ଗୁପ୍ତ ନିର୍ଦ୍ଦେଶ ଜାରି କରିଥିଲେ। ସମସ୍ତ ବ୍ୟାଙ୍କର ସିଇଓଙ୍କୁ ଆସିଥିବା ଏହି ନିର୍ଦ୍ଦେଶନାମାରେ ବ୍ୟାଙ୍କ ଜାଲିଆତି ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଆସିଥିଲା। କିନ୍ତୁ ବର୍ତ୍ତମାନ ମଧ୍ୟ ଭାରତରେ ଏପରି ବ୍ୟାଙ୍କ ଅଛନ୍ତି, ଯେଉଁମାନେ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶକୁ କଡ଼ାକଡ଼ିଭାବେ ଲାଗୁ କରିନାହାନ୍ତି। ରିଜର୍ଭବ୍ୟାଙ୍କ ବର୍ତ୍ତମାନ ଏହି ବ୍ୟାଙ୍କଗୁଡ଼ିକୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ପିଏନ୍‌ବି ଜାଲିଆତି ପରେ ଅନେକ ଦିନ ଯାଏ ଏହି ଘଟଣା ସାମ୍ନାକୁ ଆସିନଥିଲା। କାରଣ ଏହାର ସ୍ୱିଫ୍ଟ ସିଷ୍ଟମ୍ ବ୍ୟାଙ୍କର କୋର୍ ବ୍ୟଙ୍କିଙ୍ଗ ସିଷ୍ଟମ୍ ସହିତ ଜଡ଼ିତ ନଥିଲା। ସେଥିପାଇଁ ଅନେକ ପିଏନ୍‌ବି ବ୍ୟାଙ୍କ



ଅଧିକାରୀ ସ୍ୱିଫ୍ଟ ନେଟ୍‌ୱର୍କ ବ୍ୟବହାର କରି ଅନ୍‌ଅଥରାଇଜ୍‌ଡ ଲେଟର୍ସ ଅଫ୍ ଅଣ୍ଡରଟେକିଂ (ଏଲଓୟୁ) ଯୋଗାଇଦେଇଥିଲେ, ଏହା ବ୍ୟାଙ୍କ ପ୍ରଦତ୍ତ ଏପରି ଏକ ଗ୍ୟାରେଣ୍ଟି ଯାହାଦ୍ୱାରା ବିଦେଶରେ ଅର୍ଥ ଉଠାଇହେବ। ଘଟଣା ଚକ୍ର ସରିବା ପର୍ଯ୍ୟନ୍ତ ପୁରୁଣା ଏଲଓୟୁ ବଦଳରେ ନୂତନ ଏଲଓୟୁ ବଦଳିଚାଲିଥାଏ। ଅଗଷ୍ଟ ମାସ ଶେଷରେ ଜାରି ହୋଇଥିବା ଆରବିଆଇ କାରଣ ଦର୍ଶାଅ ନୋଟିସ୍‌ରେ ପ୍ରାୟ ୨୫ଟି ବ୍ୟାଙ୍କରେ ରହିଥିବା ସମସ୍ୟା ବାବଦରେ ଆଲୋଚନା କରାଯାଇଥିଲା। ଏହି ପ୍ରସଙ୍ଗ ସହିତ ସଂଶ୍ଲିଷ୍ଟ ଜଣେ ବ୍ୟକ୍ତିଙ୍କ କହିବା ଅନୁଯାୟୀ, ଏଥିରେ ଅନେକ ଭ୍ରମ ଭରି ରହିଛି। ବୃହତ୍ କାରବାର ପାଇଁ ଦୁଇ ଥାକିଆଭାବେ ନିଶ୍ଚିତ କରାଯାଇ ଋଣ ଦେବାକୁ ନିର୍ଦ୍ଦେଶ ରହିଛି। ଏପରି କିଛି ପଦକ୍ଷେପ ବ୍ୟାଙ୍କର କାରବାରକୁ ଧିମା କରିଦେବା ନିଶ୍ଚିତ। କିନ୍ତୁ ଏଥିରେ ବୃହତ୍ ବ୍ୟାଙ୍କ ଠକେଇର ମୂଲ୍ୟ ମଧ୍ୟ ଦେବାକୁ ପଡୁଛି। ବ୍ୟାଙ୍କଗୁଡ଼ିକୁ ଦିଆଯାଇଥିବା ମୌଳିକ ନିର୍ଦ୍ଦେଶ ମଧ୍ୟରେ ରହିଥିଲା, ବ୍ୟାଙ୍କଗୁଡ଼ିକ ନିଶ୍ଚିତ କରାଇବେ ଯେ ସ୍ୱିଫ୍ଟ କାରବାର କୋର ବ୍ୟାଙ୍କିଙ୍ଗ୍ ସିଷ୍ଟମ୍ ବା ବ୍ୟାଙ୍କର ଆକାଉଣ୍ଟିଙ୍ଗ୍ ସିଷ୍ଟମରେ ପ୍ରତିଫଳିତ ହେଉଛି କିମ୍ବା ୨୦୧୮ ଏପ୍ରିଲ ୩୦ ସୁଦ୍ଧା କୋର ବ୍ୟାଙ୍କିଙ୍ଗ୍ ସିଷ୍ଟମ୍ ବା ବ୍ୟାଙ୍କର ଆକାଉଣ୍ଟିଙ୍ଗ୍ ସିଷ୍ଟମରେ ଉପଲବ୍ଧ ହେଉଛି। ଏଥିରେ ଆହୁରି ମଧ୍ୟ କୁହାଯାଇଥିଲା କର୍ପୋରେଟ୍ ଗ୍ରାହକମାନେ ସେମାନଙ୍କ ଫଣ୍ଡ ଏବଂ ନନ୍-ଫଣ୍ଡର ସୀମା ନିର୍ଦ୍ଧାରଣ କରିବେ। ଅନ୍ୟପକ୍ଷରେ ବ୍ୟାଙ୍କର ରିସ୍କ ମ୍ୟାନେଜ୍‌ମେଣ୍ଟ ଟିମ୍ ଏହା ଉପରେ ନଜର ରଖିବେ ଏବଂ ପ୍ରତି ସପ୍ତାହରେ ନିର୍ଦ୍ଧାରିତ ସୀମାର ଉପଯୋଗିତା ଯାଞ୍ଚ କରିବେ ବୋଲି ମଧ୍ୟ ଏଥିରେ ଉଲ୍ଲେଖ କରାଯାଇଥିଲା।

# ଜାପାନଠୁ ୧୮ ବୁଲେଟ୍ ଟ୍ରେନ୍ କିଣିବ ଭାରତ

**ନୂଆଦିଲ୍ଲୀ :** ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ମହତ୍ତ୍ୱାକାଂକ୍ଷୀ ବୁଲେଟ୍ ଟ୍ରେନ୍ ପରିଯୋଜନା। ଏହି ପରିପ୍ରେକ୍ଷୀରେ ଜାପାନରୁ ପ୍ରାୟ ୭ ହଜାର କୋଟି ଟଙ୍କା ମୂଲ୍ୟର ୧୮ଟି ବୁଲେଟ୍ ଟ୍ରେନ୍ କିଣିବା ପାଇଁ ଭାରତ ସରକାର ପ୍ରସ୍ତୁତି ଚଳାଇଛନ୍ତି। ଗୋଟିଏ ଟ୍ରେନ୍‌ରେ ୧୦ଟି ଲେଖାଏଁ କୋଚ୍ ରହିବ ଏବଂ ଏହା ଘଣ୍ଟାପ୍ରତି ୩୫୦ କିଲୋମିଟର ବେଗରେ ଯାତାୟାତ କରିବ। ଦେଶରେ ପ୍ରଥମ ବୁଲେଟ୍ ଟ୍ରେନ୍ ମୁମ୍ବାଇ-ଅହମ୍ମଦାବାଦରେ ଚାଲିବା ପାଇଁ ପ୍ରସ୍ତାବ ରହିଥିବାବେଳେ ଆସନ୍ତା ୨୦୨୨ ସୁଦ୍ଧା ଏହାର କାର୍ଯ୍ୟ ଶେଷ ହୋଇଯିବ ବୋଲି ଜନୈକ ଅଧିକାରୀ ପ୍ରକାଶ କରିଛନ୍ତି। ଏଥିରେ ଯାତ୍ରା କରିବାକୁ ହେଲେ ଯାତ୍ରୀମାନଙ୍କୁ ୩ ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ହେବ। ବୁଲେଟ୍ ଟ୍ରେନ୍ ମାମଲାରେ ଜାପାନର ସିଙ୍କନ୍‌ସେନ୍ ବା ବୁଲେଟ୍ ଟ୍ରେନ୍‌ର ଜ୍ଞାନକୌଶଳ ଅଧିକ ଉନ୍ନତମାନର।



ଅନ୍ୟ କେଉଁ ଦେଶର ବୁଲେଟ୍ ଟ୍ରେନ୍‌ର ଜ୍ଞାନକୌଶଳ ସହିତ ଏହାକୁ ତୁଳନା କରାଯାଇପାରିବ ନାହିଁ। ତେଣୁ ଜାପାନ ଠାରୁ ଏହାକୁ କିଣିବା ପାଇଁ ସରକାର ପ୍ରସ୍ତୁତି ଚଳାଇଛନ୍ତି। ବୁଲେଟ୍ ଟ୍ରେନ୍ ଯୋଗାଇବା ପୂର୍ବରୁ ଜାପାନ ଭାରତକୁ ସେଫ୍ଟି ଟେକ୍ନୋଲୋଜି ସମ୍ବନ୍ଧରେ ପ୍ରଶିକ୍ଷଣ ଦେବ। ଦେଶରେ ୨୦୨୩ ସୁଦ୍ଧା ବୁଲେଟ୍ ଟ୍ରେନ୍ ଚଳାଇବାର ପ୍ରସ୍ତାବ ରହିଛି, କିନ୍ତୁ ସରକାର ଏହାକୁ ୨୦୨୦ ସୁଦ୍ଧା ଚଳାଇବାକୁ ଯୋଜନା କରୁଛନ୍ତି। ପ୍ରତି ବର୍ଷ ଦେଶରେ ପାଖାପାଖି ୧୦୦ଟି ଟ୍ରେନ୍ ଦୁର୍ଘଟଣା ହୋଇଥାଏ। ଗତ ପାଞ୍ଚବର୍ଷ ମଧ୍ୟରେ ଟ୍ରେନ୍ ଦୁର୍ଘଟଣାରେ ପ୍ରାୟ ୫୬୦ ଜଣଙ୍କର ମୃତ୍ୟୁ ଘଟିଛି। ସେଫ୍ଟି ଟେକ୍ନୋଲୋଜି ମାମଲାରେ ନିକଟରେ ଭାରତୀୟ ରେଳବାଇ ଜାପାନ ଇଣ୍ଟର୍‌ନ୍ୟାସ୍‌ନାଲ୍ କର୍ପୋରେସନ୍ (ଜେଆଇସିଏ) ସହିତ ବୁଝାମଣା କରିଛି। ବୁଝାମଣା ଅନ୍ତର୍ଗତ ଜେଆଇସିଏ ଭାରତକୁ ନିଜର ବିଶେଷଜ୍ଞମାନଙ୍କୁ ପଠାଇବ।

# ମହଙ୍ଗା ହେବ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ

**ନୂଆଦିଲ୍ଲୀ :** ପେଟ୍ରୋଲ୍ ଏବଂ ଡିଜେଲ୍‌ର ମୂଲ୍ୟ ଲଗାତାର ବଢ଼ିଚାଲିଛି। ଏହି ବର୍ଦ୍ଧିତ ମୂଲ୍ୟ ଆମାଜନ୍ ଗ୍ରାହକଙ୍କ ଉପରେ ପ୍ରଭାବ ପକାଇପାରେ ବୋଲି ଅନୁମାନ କରାଯାଉଛି। ତେଣୁ ଭବିଷ୍ୟତରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧି ହେବାର ସମ୍ଭାବନା ରହିଛି। ଏହା ମଧ୍ୟରେ ସାବୁନ୍, ଡିଟର୍‌ଜେଣ୍ଟ, ସୌନ୍ଦର୍ଯ୍ୟ ବଢ଼ାଇବାରେ ବ୍ୟବହୃତ ସାମଗ୍ରୀ, ବିସ୍କୁଟ୍, ହେୟାର୍ ଅଏଲ୍, ଟୁଥ୍‌ପେଷ୍ଟ ଏବଂ ଏୟାର୍‌ଫ୍ରେସ୍‌ନର ଭଳି ଅନେକ ଆଇଟମ୍ ସାମିଲ ଅଛି। ପନିପରିବା ମୂଲ୍ୟରେ ମଧ୍ୟ ଏହାର ପ୍ରଭାବ ପରିଲକ୍ଷିତ ହେବ। ଏହା ମଧ୍ୟରେ କେତେକ କମ୍ପାନୀ ଅନେକ ସାମଗ୍ରୀ ମୂଲ୍ୟକୁ ବଢ଼ାଇଦେଇଛନ୍ତି। ବିଶେଷଜ୍ଞଙ୍କ ମୁତାବକ, ସେପ୍ଟେମ୍ବର ମାସର ଦ୍ୱିତୀୟ ସପ୍ତାହରେ ଏ ସମସ୍ତ ଆଇଟମ୍‌ର ଖୁଚୁରା ଦାମ୍‌ରେ ୫-୮% ବୃଦ୍ଧି ହୋଇପାରେ। ୧୦୦ ଟଙ୍କାରେ ମିଳୁଥିବା ସାମଗ୍ରୀ ଆଲୋଚ୍ୟ ସପ୍ତାହରେ ୧୦୫ କିମ୍ବା ୧୦୮ ଟଙ୍କାରେ ମିଳିବ ବୋଲି ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି। ଡଲାର ତୁଳନାରେ ଟଙ୍କାରେ ଲଗାତାର ହ୍ରାସ କାରଣରୁ ସରାକରଙ୍କୁ ପେଟ୍ରୋଲ୍-ଡିଜେଲ୍‌ର ଆମଦାନୀ ପାଇଁ ଅଧିକ ମୂଲ୍ୟ ଦେବାକୁ ପଡୁଛି। କଞ୍ଜ୍ୟୁମର ଗୁଡ୍ସ ସେକ୍ଟରର ବିଶିଷ୍ଟ କମ୍ପାନୀ ହିନ୍ଦୁସ୍ତାନ ୟୁନିଲିଭର୍ ତରଫରୁ ଏହାର ଡିଟର୍‌ଜେଣ୍ଟ, ସ୍କିନ୍ କେୟାର ଏବଂ କେତେକ ବଛା ବଛା ସାବୁନ୍‌ର ମୂଲ୍ୟରେ ଗତ ମାସ ୫ରୁ ୭% ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପାରାଚ୍ୟୁଟ୍ ଏବଂ ମାରିକୋ କମ୍ପାନୀ ଏହାର ହେୟାର ଅଏଲ୍ ପୋର୍ଟ୍‌ଫୋଲିଓରେ ୭% ପର୍ଯ୍ୟନ୍ତ ବଢ଼ାଇଥିବାବେଳେ ଓରଲ୍ କେୟାର ଫର୍ମ କୋଲ୍‌ଗେଟ୍ ପାମୋଲିନ୍ କିଛି ବ୍ରାଣ୍ଡ୍ ଉପରେ ୪%ର ବୃଦ୍ଧି କରିଛନ୍ତି। ଡିଜେଲ୍ ଦାମ୍ ବଢ଼ିବାରୁ ପନିପରିବା ଏବଂ ଫଳ ଦାମ୍ ମଧ୍ୟ ବଢ଼ିଛି। କାରଣ ଫଳ ଏବଂ ପନିପରିବା ପରିବହନରେ ଡିଜେଲ୍ ଚାଳିତ ବାହନର ବ୍ୟବହାର ହୋଇଥାଏ।

# 'ବିକାଶ ଦର କମିବା ପାଇଁ ରାଜନ୍ ଦାୟୀ'

**ନୂଆଦିଲ୍ଲୀ :** ୨୦୧୮-୧୯ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ ଗତ ତିନିବର୍ଷ ମଧ୍ୟରେ ସର୍ବାଧିକ ବିକାଶ ଦର ଉଲ୍ଲେଖ କରାଯିବା ପରେ ନିଜର ପ୍ରତିକ୍ରିୟା ରଖିଛନ୍ତି ନିତି ଆୟୋଗର ଉପାଧ୍ୟକ୍ଷ ରାଜୀବ କୁମାର। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନଙ୍କୁ ନିନ୍ଦା କରିବା ସହିତ ପୂର୍ବର ତ୍ରୟମାସଗୁଡ଼ିକରେ ତାଙ୍କ ପାଇଁ ଦେଶର ଆର୍ଥିକ ବିକାଶ ଦର କମିଛି ବୋଲି ସେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ରାଜନଙ୍କ ପାଇଁ ଗତ ତିନିବର୍ଷ ଧରି ଅର୍ଥ ବ୍ୟବସ୍ଥାରେ ହ୍ରାସ ଲଗାତାର ଜାରି ରହିଥିଲା। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସ ପୂର୍ବରୁ ଲଗାତାର ୯ଟି ତ୍ରୟମାସରେ ହ୍ରାସ ଉଲ୍ଲେଖ କରାଯାଇଥିବାବେଳେ ଏଥିପାଇଁ ରାଜନଙ୍କ ଆର୍ଥିକ ନୀତି ସମ୍ପୂର୍ଣ୍ଣ ରୂପେ ଦାୟୀ ବୋଲି ସେ କହିଛନ୍ତି। କେବଳ ରାଜନ ଏବଂ ତାଙ୍କ ନୀତି ଯୋଗୁଁ ହିଁ ବିକାଶ ଦରରେ ହ୍ରାସ ଘଟୁଛି। ତାଙ୍କ ନୀତି ଯୋଗୁଁ ଗତ ତ୍ରୟମାସ ଗୁଡ଼ିକରେ ନନ୍-ପର୍ଫର୍ମିଂ ଆସେଟ୍ସ (ଏନ୍‌ପିଏ) ବଢ଼ିବା ସହିତ ଅଭିବୃଦ୍ଧି ହ୍ରାସ ପାଇଥିଲା। ଏନ୍‌ପିଏରେ ବୃଦ୍ଧି କାରଣରୁ ଗତ ତିନିବର୍ଷ ଧରି ଦେଶର ବିକାଶ ଦରରେ ହ୍ରାସ ଘଟୁଥିଲା। ମାତ୍ର ଏଥିପାଇଁ ବିମୁଦ୍ରାକରଣ ଦାୟୀ ନୁହେଁ ବୋଲି ରାଜୀବ କହିଛନ୍ତି। ଏଥିସହ ବିମୁଦ୍ରାକରଣ ଯୋଗୁଁ ବିକାଶ ଦର କମିଥିଲା ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଏବଂ ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କ ଆରୋପକୁ ଖାରଜ କରି ଏହା ସମ୍ପୂର୍ଣ୍ଣ ଭୁଲ୍ ଧାରଣା ବୋଲି ଶ୍ରୀ କୁମାର କହିଛନ୍ତି। ସେହିପରି ଏନ୍‌ପିଏରେ ବୃଦ୍ଧି ହେବାରୁ ଉଦ୍ୟୋଗଗୁଡ଼ିକୁ ବ୍ୟାଙ୍କିଙ୍ଗ୍ ସେକ୍ଟର ଉଧାର ଦେବା ବନ୍ଦ କରିଦେଇଥିଲେ। ଏହାବାଦ୍ ମଧ୍ୟମ ଏବଂ ନିମ୍ନ ସ୍ତରର ବ୍ୟବସାୟୀମାନଙ୍କର କ୍ରେଡିଟ୍ ଗ୍ରୋଥ୍ ନକାରାତ୍ମକ ଦିଗ ଅଭିମୁଖେ ଯାଇଥିବାବେଳେ ବୃହତ୍ ଉଦ୍ୟୋଗ ପାଇଁ ଏହା ୧ରୁ ୨.୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଥିଲା। ତେବେ ଭାରତୀୟ ଅର୍ଥନୀତି



ଇତିହାସରେ ଏହା ସର୍ବାଧିକ ହ୍ରାସ ବୋଲି ସେ କହିଛନ୍ତି। ମୋଦି ସରକାରଙ୍କ ସମ୍ବନ୍ଧରେ ଉଲ୍ଲେଖ କରି ସେ କହିଛନ୍ତି ଯେ ଯେତେବେଳେ ମୋଦି ସରକାର ଶାସନକୁ ଆସିଲେ ସେତେବେଳେ ବ୍ୟାଙ୍କ୍‌ଗୁଡ଼ିକର ଏନ୍‌ପିଏ ୪ ଲକ୍ଷ କୋଟି ଟଙ୍କା ରହିଥିଲା। ମାତ୍ର ୨୦୧୭ ମସିହା ମାର୍ଚ୍ଚ ସୁଦ୍ଧା ଏଥିରେ ବୃଦ୍ଧି ଘଟି ୧୦.୫ ଲକ୍ଷ କୋଟି ସ୍ତରକୁ ପାର୍ କରିସାରିଥିଲା। ଏନ୍‌ପିଏର ଆକଳନ କରିବା ପାଇଁ ରାଜନ ନୂଆ ନୂଆ ପଦ୍ଧତିଗୁଡ଼ିକୁ ଆପଣାଇଥିଲେ, ଯଦ୍ଦ୍ୱାରା ବ୍ୟାଙ୍କଗୁଡ଼ିକର ଏନ୍‌ପିଏ ଲଗାତାର ବଢ଼ିଚାଲିଲା ଏବଂ କମ୍ପାନୀଗୁଡ଼ିକ ଉପରୁ ବ୍ୟାଙ୍କର ଭରସା ଉଠିଗଲା। ପରିଣାମସ୍ୱରୂପ ଦେଶର କମ୍ପାନୀଗୁଡ଼ିକୁ ବ୍ୟାଙ୍କ ଠାରୁ ନୂଆ ଋଣ ମିଳିଲାନାହିଁ ଏବଂ ଅର୍ଥ ବ୍ୟବସ୍ଥାରେ ସ୍ଥିରତା ପରିଲକ୍ଷିତ ହେବାକୁ ଲାଗିଲା, ଯାହା ଫଳରେ ସମସ୍ତ ଘରୋଇ ଉତ୍ପାଦ (ଜିଡିପି)ରେ ଦୁର୍ବଳାବସ୍ଥା ପରିଲକ୍ଷିତ ହେଲା ବୋଲି ସେ ଦାବି କରିଛନ୍ତି। ପ୍ରକାଶଯୋଗ୍ୟ, ୨୦୧୮-୧୯ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସ (ଏପ୍ରିଲ୍-ଜୁନ୍)ରେ ଜିଡିପି ବିକାଶ ଦର ୮.୨ ପ୍ରତିଶତ ରହିଛି। ଏହା ପୂର୍ବରୁ ୨୦୧୬-୧୭ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ ୮% ଅଭିବୃଦ୍ଧି ଉଲ୍ଲେଖ କରାଯାଇଥିଲା। ସେହିପରି ୨୦୧୬-୧୭ ଆର୍ଥିକ ବର୍ଷର ଚତୁର୍ଥ ତ୍ରୟମାସରେ ଜିଡିପି ୬.୧ ପ୍ରତିଶତ ରହିଥିଲା ଏବଂ ୨୦୧୭-୧୮ର ପ୍ରଥମ ତ୍ରୟମାସରେ ଏହା ୫.୭ ପ୍ରତିଶତ ରହିଥିଲା। ଲଗାତାର ୮ଟି ତ୍ରୟମାସ ପରେ ପୁଣିଥରେ ବିକାଶ ଦରରେ ବଡ଼ଧରଣର ସୁଧାର ହୋଇଛି।




## ‘ଅନୁଦାନପ୍ରାପ୍ତ ସ୍କୁଲ୍ ଓ କଲେଜକୁ ଜମି ପାଇଁ ନୀତି ପ୍ରସ୍ତୁତ ହେବ’

**ଭୁବନେଶ୍ୱର :** ରାଜ୍ୟରେ ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜଗୁଡ଼ିକୁ ସରକାରୀ ଜମି ପ୍ରଦାନ ନିମନ୍ତେ ଏକ ନୀତି ପ୍ରସ୍ତୁତ ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡ଼ିକର ତାଲିକା ଏବଂ ସେମାନଙ୍କ ଦଖଲରେ ଥିବା ଜମିର ପରିମାଣ, ଛାତ୍ରଛାତ୍ରୀଙ୍କ ସଂଖ୍ୟା ଏବଂ ବକେୟା ଥିବା ସରକାରୀ ଦେୟ ଆଦିର ତଥ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ତୁରନ୍ତ ଜଣାଇବା ନିମନ୍ତେ ବିଭାଗ ପକ୍ଷରୁ ଉଚ୍ଚଶିକ୍ଷା ବିଭାଗ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ପତ୍ର ଲେଖାଯାଇଛି। ଏଥିସହିତ ସମସ୍ତ ଜିଲ୍ଲାପାଳଙ୍କୁ ମଧ୍ୟ କ୍ଷେତ୍ର ଅଧିକାରୀଙ୍କ ସହାୟତାରେ ଏ ଦିଗରେ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରି ପ୍ରେରଣ କରିବା ପାଇଁ ଅନୁରୋଧ କରାଯାଇଛି। ଶିକ୍ଷାନୁଷ୍ଠାନଗୁଡ଼ିକରୁ ସଂଗୃହୀତ ତଥ୍ୟ ଆଧାରରେ ଖୁବ୍ ଶୀଘ୍ର ନୀତି ପ୍ରଣୟନ କରିବା ପାଇଁ ଏକ କ୍ୟାବିନେଟ୍ ମେମୋରାଣ୍ଡମ୍ ପ୍ରସ୍ତୁତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି। ବୈଠକର ପ୍ରସ୍ତାବ ଅନୁଯାୟୀ ଜମିଗୁଡ଼ିକ ଶିକ୍ଷାନୁଷ୍ଠାନକୁ ସିଧାସଳଖ ଦିଆ ନଯାଇ ସମ୍ପୃକ୍ତ ବିଭାଗକୁ ଦିଆଯିବ। ଏଥିସହିତ ଗ୍ରାଣ୍ଟ-ଇନ୍-ଏଡ୍/ ବ୍ଲକ୍ ଗ୍ରାଣ୍ଟ ପାଉଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକ ଦ୍ୱାରା ବେଆଇନ ଦଖଲରେ ଥିବା ସରକାରୀ ଜମିର ପରିମାଣ ଓ ଏହାର ମୂଲ୍ୟ ଏବଂ ମାର୍ଚ୍ଚ ୨୦୧୮ ମସିହା ପର୍ଯ୍ୟନ୍ତ ଏଥି ନିମନ୍ତେ ଧାର୍ଯ୍ୟ କରାଯାଇଥିବା ଜରିମାନା ଆଦିର ତଥ୍ୟ ନିର୍ଦ୍ଧାରିତ ଫର୍ମାଟରେ ରାଜସ୍ୱ ବିଭାଗକୁ ତୁରନ୍ତ ପଠାଇବା ପାଇଁ ଜିଲ୍ଲାପାଳମାନଙ୍କୁ ପତ୍ର ଲେଖାଯାଇଛି।

## ନୂଆଁଖାଇ ଲଗ୍ନ ଧାର୍ଯ୍ୟ

**ସମ୍ବଲପୁର :** ସମ୍ବଲପୁର ସମଲେଇ ଗୁଡ଼ିରେ ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀଙ୍କୁ ନୂଆଁଖାଇ ପାଇଁ ଲଗ୍ନ ନିର୍ଣ୍ଣୟ କରାଯାଇଛି। ଝାଡୁଆପଡ଼ା ବ୍ରହ୍ମପୁରା ଗୁଡ଼ିରେ ଅନୁଷ୍ଠିତ ପଣ୍ଡିତ ସଭାରେ ଆସନ୍ତା ୧୪ ତାରିଖ ଶୁକ୍ରବାର ଶ୍ରୀ ସମ୍ବତ୍ ୨୦୭୫, ଶକାବ୍ଦ ୧୯୪୦ ସିଂହ ୨୯ ଦିନ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ପ୍ରଶସ୍ତ ତୁଳା ଲଗ୍ନେ ସକାଳ ୮ଟା ୧୦ରୁ ୮ଟା ୪୦ ମଧ୍ୟେ ଦେବୀ ସମଲେଶ୍ୱରୀଙ୍କଠାରେ ନବାନ୍ନ ଭୋଗ ଲାଗି ହେବ। ଦୀର୍ଘ ବର୍ଷରୁ ଚାଲି ଆସିଥିବା ପରମ୍ପରା ଅନୁଯାୟୀ ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ କମିଟି ଆନୁକୂଲ୍ୟରେ ନନ୍ଦୋତ୍ସବରେ ପଣ୍ଡିତ ସଭା ବସିଥିଲା। ଟ୍ରଷ୍ଟ କମିଟି ସଭାପତି ସରୋଜ ଦଳପତ, ସଭ୍ୟ ଶ୍ରୀମନ୍ତ କୁମାର ମିଶ୍ର, ଶୁଭେନ୍ଦ୍ର ପଣ୍ଡା, ସୁଶାନ୍ତ ପୁରୋହିତ, ପାର୍ଥସାରଥି ମିଶ୍ର ଓ ପ୍ରାଣରଞ୍ଜନ ପଣ୍ଡାଙ୍କ ଉପସ୍ଥିତିରେ ଅନୁଷ୍ଠିତ ସଭାରେ ପଣ୍ଡିତ ଅମରନାଥ ମିଶ୍ର, ପଣ୍ଡିତ ସଚ୍ଚିଦାନନ୍ଦ ପ୍ରସାଦ ମିଶ୍ର କରଶର୍ମା, ପଣ୍ଡିତ ମହେନ୍ଦ୍ର ପୂଜାରୀ, ପଣ୍ଡିତ କମଳାକାନ୍ତ ମିଶ୍ର, ପଣ୍ଡିତ ଶୈଳେନ୍ଦ୍ର ପୂଜାହାରୀ, ପଣ୍ଡିତ ସୁରେଶ ଚନ୍ଦ୍ର ଦେବତା, ପଣ୍ଡିତ ଗୋପୀନାଥ ପଣ୍ଡା, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ବିଷ୍ଣୁ ସହସ୍ର ନାମ ପାଠ କରିବା ପରେ ମା’ ସମଲେଶ୍ୱରୀଙ୍କ ରାଶି ଅନୁଯାୟୀ ନୂଆଁଖାଇ ଲଗ୍ନ ନିର୍ଣ୍ଣୟ କରିଥିଲେ। ଏହା ପରେ ଉପସ୍ଥିତ ପଣ୍ଡିତ ବର୍ଗ ବ୍ରହ୍ମପୁରା ଟ୍ରଷ୍ଟ କମିଟି କର୍ମକର୍ତ୍ତା ଦୁଲ୍‌ଦୁଲି ବାଜା ସହ ଏକ ପଟୁଆରରେ ସମଲେଇ ଗୁଡ଼ିକୁ ଯାଇ ମୁଖ୍ୟ ପୂଜକ ଅମ୍ବିକା ରାୟଙ୍କୁ ଧାର୍ଯ୍ୟ ଲଗ୍ନପତ୍ର ପ୍ରଦାନ କରିଥିଲେ। ଏ ଅବସରରେ ସମଲେଇଗୁଡ଼ିର ଅନ୍ୟ ପୂଜକମାନେ ମଧ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ଦିନ ନୂଆଁଖାଇ ପାଳନ କରାଯାଉଥିଲା। ୧୯୯୨ରେ ସମ୍ବଲପୁରର ଓଡ଼ିଶା ସାଂସ୍କୃତିକ ସମାଜ ଉଦ୍ୟମରେ ପଶ୍ଚିମ ଓଡ଼ିଶାର ସମସ୍ତ ଅଞ୍ଚଳର ପଣ୍ଡିତ ଓ ସାମାଜିକ ନେତୃବର୍ଗଙ୍କୁ ନେଇ ଅନୁଷ୍ଠିତ ବୈଠକରେ ନୂଆଁଖାଇର ମହାନତା ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଭାବଗତ ସଂହତି ଦୃଷ୍ଟିରୁ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ସବୁ ଅଞ୍ଚଳରେ ଗୋଟିଏ ଦିନରେ ନୂଆଁଖାଇ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ନୂଆଁଖାଇ ସଂପୃକ୍ତ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବଦେବୀଙ୍କ ଲଗ୍ନ ଅନୁଯାୟୀ ଧାର୍ଯ୍ୟ କରିବାକୁ ସ୍ଥିର ହୋଇଥିଲା। ଏହାକୁ ସାଧାରଣରେ ଗ୍ରହଣ କରି ନିଆଯାଇଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ନୂଆଁଖାଇକୁ ସାରା ରାଜ୍ୟରେ ଛୁଟି ଦିବସ ଭାବେ ଘୋଷଣା କରିଥିଲେ। ତଦନୁଯାୟୀ ୧୯୯୩ରୁ ପ୍ରତିବର୍ଷ ଭାଦ୍ରବ ଶୁକ୍ଳ ପଞ୍ଚମୀ ତିଥିରେ ନିଜ ନିଜ ଅଞ୍ଚଳର ଦେବ ଦେବୀଙ୍କ ଲଗ୍ନ ଅନୁଯାୟୀ ପଶ୍ଚିମଓଡ଼ିଶାରେ ନୂଆଁଖାଇ ପାଳିତ ହୋଇ ଆସୁଛି। କେବଳ କଳାହାଣ୍ଡି ଜିଲ୍ଲାର ସଦର ମହକୁମା ଭବାନୀପାଟଣା ଏବଂ ପୂର୍ବତନ ଜମିଦାରୀ ଅଞ୍ଚଳ ଜୟପାଟଣା, ଥୁ.ରାମପୁର, ଲାଞ୍ଜିଗଡ଼ ଓ ମଦନପୁର ରାମପୁରରେ ଭାଦ୍ରବ ଶୁକ୍ଳପକ୍ଷ ଦଶମୀ ତିଥିରେ ନୂଆଁଖାଇ ପାଳିତ ହେଉଛି।

### ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲ ଲୋକାର୍ପିତ

# ‘ଆମର ଲକ୍ଷ୍ୟ ସୁସ୍ଥ ଓ ସୁଖୀ ଓଡ଼ିଶା’

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ବାଲେଶ୍ୱରଠାରେ ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲକୁ ଲୋକାର୍ପିତ କରିଛନ୍ତି। ଏହି ଅବସରରେ ଆୟୋଜିତ ଉତ୍ସବରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସୁସ୍ଥ ଓ ସୁଖୀ ଓଡ଼ିଶା ଆମର ଲକ୍ଷ୍ୟ। ଏହି ମେଡିକାଲ୍ କଲେଜ ଦ୍ୱାରା ବାଲେଶ୍ୱରବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ପୂରଣ ହୋଇଛି। ଏହା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହୋଇପାରିବ। ବ୍ୟାସକବି ଫକୀରମୋହନ ସେନାପତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଫକୀରମୋହନ ଓଡ଼ିଆ ଭାଷା ଓ ସାହିତ୍ୟର ତ୍ରାଣକର୍ତ୍ତା ଥିଲେ। ସଙ୍କଟ ସମୟରେ ସେ ତାଙ୍କ ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଆ ଭାଷା ଓ ସାହିତ୍ୟର ଗୌରବକୁ ପୁନରୁଦ୍ଧାର କରିଥିଲେ। ସେ ଥିଲେ ଶିକ୍ଷା ଓ ବ୍ୟକ୍ତି ସ୍ୱତନ୍ତ୍ରତାର ବାର୍ତ୍ତାବହ। ତାଙ୍କ ନାମରେ ଏହି ଶିକ୍ଷାନୁଷ୍ଠାନକୁ ଲୋକାର୍ପିତ କରି ସେ ବହୁତ ଖୁସି। ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ଓ ଯୋଜନା କରିଛନ୍ତି। ଏହା ସହିତ ଅଗଷ୍ଟ ୧୫ ତାରିଖରେ ସାରା ରାଜ୍ୟରେ ଆରମ୍ଭ ହୋଇଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଦ୍ୱାରା ରାଜ୍ୟବାସୀଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ମିଳିପାରିବ। ୨୦୦୦ ମସିହାରେ ରାଜ୍ୟର ସମୁଦାୟ ଏମ୍‌ବିବିଏସ୍ ସିଟ୍ ସଂଖ୍ୟା ୩୨୧ ଥିବାବେଳେ, ବର୍ତ୍ତମାନ ରାଜ୍ୟର ଏହି ସଂଖ୍ୟା ୧୦୫୦କୁ ଟପିଛି। ସ୍ୱାସ୍ଥ୍ୟ ଶିକ୍ଷା କ୍ଷେତ୍ରରେ ଓଡ଼ିଶାରେ ଏକ ନୂଆ ଯୁଗର ସୃଷ୍ଟି ହୋଇଛି। ଏହି ଅବସରରେ ନିଜ ବୃତ୍ତିର ଉଚ୍ଚ ଆଦର୍ଶକୁ ବଜାୟ ରଖି ଗରିବ ଲୋକମାନଙ୍କୁ ଶ୍ରଦ୍ଧା ଓ ଅନୁକମ୍ପାର ସହିତ ସେବା କରିବା ପାଇଁ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ପ୍ରଥମ ମହିଳା କବି ତଥା ଡାକ୍ତର କୁନ୍ତଳା କୁମାରୀ ସାବତଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ଏଥିରେ ଯୋଗଦେଇ କହିଥିଲେ ଯେ, ଓଡ଼ିଶାବାସୀଙ୍କୁ ଉନ୍ନତମାନର ଚିକିତ୍ସା



ସେବା ଯୋଗାଇବା ପାଇଁ ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ ହେବାକୁ ସେ ରାଜ୍ୟକୁ ଅନୁରୋଧ କରିଛନ୍ତି। ରାଜ୍ୟ ସରକାର ତାଙ୍କ ଅନୁରୋଧ ରକ୍ଷା କରିବେ ବୋଲି ତାଙ୍କର ବିଶ୍ୱାସ ରହିଛି। ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ଜେନା, ଶିଳ୍ପ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ, ସାଂସଦ ଅର୍ଜୁନ ଚରଣ ସେଠୀ, ସାଂସଦ ରବୀନ୍ଦ୍ର ଜେନା, ରେମୁଣା ବିଧାୟକ ଗୋବିନ୍ଦ ଦାସ, ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ରମେଶ ଚନ୍ଦ୍ର ରାଉତ ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମକୁ ମେଡିକାଲ୍ କଲେଜ ଆଣ୍ଡ ହସ୍‌ପିଟାଲ୍‌ର ଡିନ୍ ପ୍ରତାପ ରଥ ପରିଚାଳନା କରିଥିଲେ। ମେଡିକାଲ ଅଧ୍ୟକ୍ଷ ଡା. ସୁଧୀର ଘୋଷ ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ ଯେ ଫକୀରମୋହନ ମେଡିକାଲ କଲେଜ ନିର୍ମାଣ ପାଇଁ ୧୯୮.୫୧ କୋଟି ଟଙ୍କା ବିନିଯୋଗ ହୋଇଥିବାବେଳେ ରାଜ୍ୟ ସରକାର ଏଥିପାଇଁ ୧୩୩.୨୬ କୋଟି ଟଙ୍କା ଓ କେନ୍ଦ୍ର ସରକାର ୬୫.୨୫ କୋଟି ଟଙ୍କା ଯୋଗାଇ ଦେଇଛନ୍ତି। ସେହିପରି ହସ୍ପିଟାଲ ନିର୍ମାଣ ପାଇଁ ୧୧୫ କୋଟି ଟଙ୍କା ବିନିଯୋଗ ହେବାର ଥିବାବେଳେ ରାଜ୍ୟ ସରକାର ୯୭ କୋଟି ଓ କେନ୍ଦ୍ର ସରକାର ୧୮ କୋଟି ଟଙ୍କା ଖର୍ଚ୍ଚ କରିବେ। ମେଡିକାଲ କଲେଜ ପାଇଁ ରାଜ୍ୟ ସରକାର ୨୨.୬୮ ଏକର ଜମି ମଧ୍ୟ ଯୋଗାଇ ଦେଇଛନ୍ତି। ୧୦୦ ସିଟ୍ ବିଶିଷ୍ଟ ଏହି ମେଡିକାଲ୍ କଲେଜର ପ୍ରଥମବର୍ଷରେ ୯୯ ଛାତ୍ରଛାତ୍ରୀ ଆଡ୍‌ମିସନ୍ ନେଇଛନ୍ତି। ଆସନ୍ତା ୨୦ ତାରିଖ ପରେ ଏଠାରେ ପାଠପଢ଼ା ଆରମ୍ଭ ହେବ। ମେଡିକାଲ୍ କଲେଜ୍‌ରେ ନନ୍ କ୍ଲିନିକାଲ୍ ଓ ପାରା କ୍ଲିନିକାଲ୍ ବିଭାଗ ରହିଥିବା ବେଳେ ଆଗାମୀ ଦିନରେ ଏହାକୁ ଲେଭଲ୍ ୱାନ୍ ଟ୍ରମା ସେଣ୍ଟର୍ ଭାବେ ନିର୍ମାଣ କରିବା ପାଇଁ ଯୋଜନା ରହିଛି। ଉଲ୍ଲେଖଯୋଗ୍ୟଯେ ୨୦୧୪ ଅକ୍ଟୋବର ୨୮ରେ ଏହି ମେଡିକାଲ୍ କଲେଜ ପାଇଁ ଶିଳାନ୍ୟାସ କରାଯାଇଥିଲା।

# ପେଟ୍ରୋଲ, ଡିଜେଲ୍ ଦର ବୃଦ୍ଧିରେ ବିଜେଡିର ପ୍ରତିବାଦ

**ଭୁବନେଶ୍ୱର :** କେନ୍ଦ୍ର ତୈଳ ମନ୍ତ୍ରାଳୟର ବାରମ୍ବାର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ତେଲ ଦର ଆକାଶଛୁଆଁ ହେଲାଣି। ଏହାକୁ ନିୟନ୍ତ୍ରଣ କରିବା ପରିବର୍ତ୍ତେ କେନ୍ଦ୍ର ସରକାର ଆଖିବୁଜି ଶୋଇଯାଇଛନ୍ତି। ଦର ଉପରେ ଲଗାମ କଷିବା ପରିବର୍ତ୍ତେ ଖୋଦ୍ କେନ୍ଦ୍ର ତୈଳ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଥିଲାଗି କେତେବେଳେ ଆମେରିକାକୁ ତ ଆଉ କେତେବେଳେ ରାଜ୍ୟର ତେଲ ଉପରେ ଭାଟ୍‌କୁ ବିରୋଧ କରିବାରେ ବ୍ୟସ୍ତ। ଅପରପକ୍ଷେ ତୈଳ ଦର ବୃଦ୍ଧିରେ ଆଦୌ କମା ଓ ପୂର୍ଣ୍ଣଚ୍ଛେଦ ପଡୁନାହିଁ। ଏହାର ପ୍ରଭାବ ପରିବହନ ଉପରେ ପଡୁଥିବାରୁ ଖାଦ୍ୟ ପେୟ ଠାରୁ ଆରମ୍ଭ କରି ଅତ୍ୟାବଶ୍ୟକ ସାମଗ୍ରୀର ଦର ମଧ୍ୟ ବଢୁଛି। ଏପରିକି ଚଳିତ ସପ୍ତାହରେ ଓଡ଼ିଶାରେ ପେଟ୍ରୋଲ ଦର ୮୦ ଟଙ୍କାରେ ପହଞ୍ଚିଛି। ଏହାର ପ୍ରତିବାଦରେ ବିଜୁ ଯୁବ-ଛାତ୍ର-ମହିଳା ଜନତା ଦଳ ପକ୍ଷରୁ ୩ଦିନ ବ୍ୟାପୀ ସମଗ୍ର ରାଜ୍ୟରେ ଶାନ୍ତିପୂର୍ଣ୍ଣ ଜନସଚେତନତା କାର୍ଯ୍ୟକ୍ରମ ପାଇଁ ନିଷ୍ପତ୍ତି




ନିଆଯାଇଥିଲା। ସୂଚନାଯୋଗ୍ୟ, ୨୦୧୪ରେ ଅଶୋଧିତ ତୈଳ ଦର ବ୍ୟାରେଲ୍ ପିଛା ୧୦୫ ଡଲାର ଥିବା ବେଳେ ୪ବର୍ଷ ପରେ ଆଜିର ଦିନରେ ଏହା ୭୮ ଡଲାରକୁ ଖସିଆସିଛି। ଅଥଚ ପେଟ୍ରୋଲ ଓ ଡିଜେଲ୍ ଦର ଲଗାତାର ବୃଦ୍ଧି ପାଇଚାଲିଛି। ଏହାର ଏକମାତ୍ର କାରଣ ହେଉଛି କେନ୍ଦ୍ର ସରକାରଙ୍କ ଲାଭଖୋର ମନୋବୃତ୍ତି। ଏପରିକି କେନ୍ଦ୍ର ସରକାର ଉତ୍ପାଦ ଶୁଳ୍କ ଉଠାଇବାକୁ ମନା କରିଥିବା ମଧ୍ୟ କେତେକ ସମ୍ବାଦପତ୍ରରେ ପ୍ରକାଶ ପାଇଛି। ଗୋଟିଏ ପଟେ କେନ୍ଦ୍ର ସରକାର ପିଟୁଣି ଟିକସ ବସାଇ ଚାଲିଥିବା ବେଳେ ଅନ୍ୟପଟେ ରାଜ୍ୟ ସରକାରଙ୍କୁ ଭାଟ୍ କମାଇବାକୁ ପରାମର୍ଶ ଦେବାରେ ହେଳା କରୁନାହାନ୍ତି। ଓଡ଼ିଶାରେ ତେଲ ଉପରେ ଭାଟ୍ ଅନ୍ୟ ରାଜ୍ୟଗୁଡିକ ତୁଳନାରେ କମ୍ ରହିଛି। ଗତ ୪ବର୍ଷ ମଧ୍ୟରେ ୧୨ଥର କେନ୍ଦ୍ର ସରକାର ଉତ୍ପାଦ ଶୁଳ୍କ ବୃଦ୍ଧି କରିଥିବାରୁ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ଦର କମିଥିଲେ ହେଁ ଭାରତବର୍ଷରେ ଏହାର ଓଲଟା ଘଟୁଛି। ସେଥିଯୋଗୁ ଆରମ୍ଭ ହୋଇଥିବା ଜନସଚେତନତା କାର୍ଯ୍ୟକ୍ରମରେ ତୈଳ ଦର ବୃଦ୍ଧିକୁ ଦୃଢ଼ ବିରୋଧ କରାଯାଇଥିଲା। ତତ୍‌ସହିତ କେନ୍ଦ୍ର ସରକାରଙ୍କ ଜନସ୍ୱାର୍ଥ ବିରୋଧୀ ନୀତିର ପର୍ଦ୍ଦାଫାସ୍ କରିବା ସହ କିପରି ତୈଳ କ୍ଷେତ୍ରରେ ଜାତୀୟ ରାଜସ୍ୱ ୨୦୧୩-୧୪ରେ ଯାହା ଥିଲା, ତାହା ତୁଳନାରେ ୨୦୧୬-୧୭ରେ ଅପେକ୍ଷାକୃତ ୨୮୫ ପ୍ରତିଶତ ବୃଦ୍ଧି ପାଇଲା, ସେ ସଂପର୍କରେ ସାଧାରଣ ଖାଉଟିଙ୍କୁ ସଚେତନ କରାଯାଇଥିଲା।

## ଆଗୁଆ ନିର୍ବାଚନ ସପକ୍ଷରେ ବିଜେଡି

**ଭୁବନେଶ୍ୱର :** ଆଗୁଆ ନିର୍ବାଚନ ପାଇଁ ବିଜେଡି ପ୍ରସ୍ତୁତ। ଏ ସମ୍ପର୍କରେ ବିଜେଡି ସାଂସଦ ପିନାକୀ ମିଶ୍ର ମୁଖ୍ୟ ନିର୍ବାଚନ କମିଶନରଙ୍କ ଭେଟି ଦାବି ଜଣାଇଛନ୍ତି। ଆଗୁଆ ନିର୍ବାଚନ ପାଇଁ ଦଳ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ବିଜେଡି ତରଫରୁ କୁହାଯାଇଛି। କେନ୍ଦ୍ରୀୟ ନିର୍ବାଚନ କମିଶନରଙ୍କୁ ଭେଟିଲା ବେଳେ ବିଜେଡି ସାଂସଦ ଶ୍ରୀ ମିଶ୍ର କହିଛନ୍ତି, ଆଚରଣ ବିଧି ଲାଗୁ ହେଲା ପରେ କାମ ଅଟକିଯାଏ। ଲୋକେ ଅସୁବିଧା ଭୋଗନ୍ତି। ଏକାଠି ନିର୍ବାଚନ ହେଲେ ଆଚରଣ ବିଧି ଅବଧି ଦୀର୍ଘ ହେବନି। ସାଂସଦ ଶ୍ରୀ ମିଶ୍ର କହିଛନ୍ତି, କେନ୍ଦ୍ର ସରକାର ଲୋକସଭା ଓ କିଛି ରାଜ୍ୟର ବିଧାନସଭା ନିର୍ବାଚନ ଏକା ସମୟରେ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ଆଉ ଏଥିରେ ଓଡ଼ିଶା ସାମିଲ୍ ହେଲେ ଲାଭରେ ରହିବ। କାରଣ ଏପରି ହେବା ଦ୍ୱାରା ରାଜ୍ୟ ସରକାରଙ୍କର ୧୦୦୦ କୋଟି ଟଙ୍କା ଖର୍ଚ୍ଚ ବଞ୍ଚିଯିବ। ସାଂସଦ ଶ୍ରୀ ମିଶ୍ର କହିଛନ୍ତି, ବିଜେଡି ପାଇଁ ଆଗୁଆ ନିର୍ବାଚନ କିଛି ନୂଆ କଥା ନୁହେଁ। ୨୦୦୪ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ଜନତା ଦଳର ସରକାର ଭାଙ୍ଗି ଏକ ବର୍ଷ ପୂର୍ବରୁ ନିର୍ବାଚନ କରାଇଥିଲେ। ଏକାସଙ୍ଗେ ନିର୍ବାଚନ ହେଲେ ଲୋକମାନଙ୍କ ପାଇଁ ସୁବିଧା ହେବ ବୋଲି ସେ କହିଛନ୍ତି। ସେ କହିଛନ୍ତି, ଏକାସଙ୍ଗେ ନିର୍ବାଚନ ହେଲେ ରାଜ୍ୟବାସୀ ଲାଭବାନ୍ ହୋଇପାରିବେ। କାରଣ ଏକସଙ୍ଗେ ନିର୍ବାଚନ ହେଲେ କେନ୍ଦ୍ର ଅଧିକରୁ ଅଧିକ ଖର୍ଚ୍ଚ ବହନ କରେ। ଅନ୍ୟପକ୍ଷରେ ଏକାସଙ୍ଗେ ନିର୍ବାଚନ ହେଲେ ରାଜ୍ୟ ସରକାରଙ୍କୁ ବହୁତ କମ୍ ଖର୍ଚ୍ଚ କରିବାକୁ ପଡ଼େ। ତେଣୁ ବର୍ତ୍ତମାନ ସମୟରେ ଯଦି ଏକସଙ୍ଗେ ନିର୍ବାଚନ ହୁଏ, ତେବେ ପ୍ରାୟ ୧୦୦୦ କୋଟି ଟଙ୍କା ରାଜ୍ୟର ବିକାଶରେ ଲାଗିପାରିବ। ନିର୍ବାଚନ କମିଶନ ଗୁରୁତ୍ୱର ସହ ଆମ କଥା ନେଇଛନ୍ତି ବୋଲି ସାଂସଦ ଶ୍ରୀ ମିଶ୍ର କହିଛନ୍ତି। କିଛି ଦିନ ପୂର୍ବରୁ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ମହାରଥୀ ମଧ୍ୟ ଏକାଠି ନିର୍ବାଚନ ନହେଲେ ବିଜେଡିକୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ ବୋଲି କହିଥିଲେ। ସେପଟେ ବିଜେଡିର ଏ ତତ୍ପରତାକୁ ଭିନ୍ନ ଦୃଷ୍ଟିରେ ଦେଖିଛନ୍ତି ବିରୋଧୀ। ବିଜେପି ଯେତେବେଳେ ଅସୁବିଧାରେ ପଡୁଛି, ବିଜେଡି ସେତେବେଳେ ସଂହଯୋଗର ହାତ ବଢ଼ାଉଛି ବୋଲି ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଛନ୍ତି। ଯଦି ଆଗୁଆ ନିର୍ବାଚନ କେବଳ ଲୋକସଭା ନିର୍ବାଚନ ହୁଏ, ତେବେ କାଳେ ମୋଦି ମ୍ୟାଜିକ୍ କାମ କରିଯିବ ଓ ବିଜେପି କିଛି ଆସନ ଛଡ଼ାଇନେବ, ବିଜେଡିକୁ ସେହି ଚିନ୍ତା ଘାରି ଥିବା ଶ୍ରୀ ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ବିଧାନସଭା ପୂର୍ବରୁ ଲୋକସଭା ନିର୍ବାଚନ ଆଚରଣ ବିଧି ଲାଗୁ ହେଲେ ରାଜ୍ୟ ସରକାର କୌଣସି ଲୋଭନୀୟ ସ୍କିମ୍ ଘୋଷଣା କରିପାରିବେ ନାହିଁ। ଗୋଟିଏ ପଟେ ନିର୍ବାଚନ ପରିଚାଳନା ନେଇ ନିର୍ବାଚନ କମିଶନଙ୍କ ପ୍ରସ୍ତୁତି ଏବଂ ଅନ୍ୟପକ୍ଷରେ ବିଜେଡିର ଆଭିମୁଖ୍ୟ ଭିତରେ ଆଗୁଆ ନିର୍ବାଚନ ହେବାର ବେଶ୍ ସମ୍ଭାବନା ରହିଛି।

## ୧୯୮୬ ମସିହା ଶିଶୁ ଶ୍ରମିକ ଉଚ୍ଛେଦ ଓ ଥଇଥାନ ଆଇନକୁ ସଠିକ୍ କାର୍ଯ୍ୟକାରୀ ପାଇଁ ଜିଲ୍ଲାସ୍ତରୀୟ ବୈଠକ

**ବାଲେଶ୍ୱର :** ରାଜ୍ୟର ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ସରକାରଙ୍କ ନିଷ୍ପତ୍ତିକୁ ବାଲେଶ୍ୱର ଜିଲ୍ଲାରେ ସଫଳ କରିବାକୁ ଜିଲ୍ଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ପୂର୍ବାହ୍ନରେ ଶିଶୁ ଶ୍ରମିକ ଉଚ୍ଛେଦ ଓ ଥଇଥାନ ସଂପର୍କରେ ଏକ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ବୈଠକର ଆବାହକ ତଥା ଜିଲ୍ଲା ଶ୍ରମ ଅଧିକାରୀ କୁବେର ବେହେରାଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ମାନସ ପାଢ଼ୀ, ଡି.ଆର.ଡି.ଏ ଏ.ପି.ଡି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ନୀଳଗିରି ଉପଜିଲ୍ଲାପାଳ ଆବୋଲୀ ନାରାୟଣେ (ଆଇ.ଏ.ଏସ୍), ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ସହକାରୀ ଶ୍ରମ ଅଧିକାରୀ, ବାଲେଶ୍ୱର, ଶ୍ରମ ନିରୀକ୍ଷକ, ନୀଳଗିରି ଓ ଶ୍ରମ ନିରୀକ୍ଷକ ବାଲେଶ୍ୱର, ଶିଶୁ ମଙ୍ଗଳ ପ୍ରୋଗ୍ରାମ ଅଫିସର ସି.ଡବ୍ଲୁ.ସି.ର ପ୍ରତିନିଧି ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ବାଳାଶ୍ରମର ଅଧିକ୍ଷକ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ବି.ଏ.ସି.ଡି. ତଥା ଶିଶୁ ଶ୍ରମିକ ବିରୋଧୀ ଅଭିଯାନ ମୁଖ୍ୟ ଗୋପାଳ କର ଏବଂ ଶ୍ରମିକ ନେତା ଗୌରାଙ୍ଗ ଚରଣ ପାଣିଗ୍ରାହୀ ପ୍ରମୁଖ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସମସ୍ତ ବ୍ଲକ୍‌ସ୍ତରରୁ ଜିଲ୍ଲା ସ୍ତର ପର୍ଯ୍ୟନ୍ତ ସଚେତନତା ପାଇଁ କମିଟି ଗଠନ, ପ୍ରତି ତିନି ମାସରେ ସମୀକ୍ଷା ବୈଠକ ଓ ବିଭିନ୍ନ ଶିଳ୍ପ ସଂସ୍ଥାରେ ଶିଶୁ ଶ୍ରମିକ କାର୍ଯ୍ୟ କରୁଥିବା ମାଲିକ, ବ୍ୟବସାୟ ପ୍ରତିଷ୍ଠାନର ମାଲିକ ଆଦିକୁ ନେଇ ଜିଲ୍ଲା ସ୍ତରୀୟ ସଚେତନତା ଶିବିର ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଅଛି। ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରି ସେମାନଙ୍କୁ ଶିକ୍ଷା ଓ ସାମାଜିକ ନିରାପତ୍ତା ଯୋଗାଇଦେବାକୁ ବୈଠକରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ଯେଉଁ ପ୍ରତିଷ୍ଠାନମାନେ ଆଇନ ଅବମାନନା କରୁଛନ୍ତି ସେମାନଙ୍କ ବିରୋଧରେ ଶିଶୁ ଓ କିଶୋର ଶ୍ରମିକ ଆଇନକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଗଲା। ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ହୋଇଛି। ଏହି ଜିଲ୍ଲା ସ୍ତରୀୟ କମିଟିର ନୋଡ଼ାଲ୍ ଅଫିସର ଭାବେ ନୀଳଗିରି ସବ୍‌କଲେକ୍ଟର ଆବୋଲି ନାରାୟଣେଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଅଛି। ଆଜିର ଶିଶୁ ଦେଶର ଆଗାମୀ କାଲିର ଭବିଷ୍ୟତ, ଶିଶୁ ହସିଲେ ଦେଶ ହସିବ, ଏହି କଥାର ବାସ୍ତବ ରୂପାୟନ ପାଇଁ ଶିଶୁ ଶ୍ରମ ଅଭିଯାନକୁ ଅଧିକ ବ୍ୟାପକ ଓ କ୍ରିୟାଶୀଳ କରିବା ପାଇଁ ବୈଠକରେ ଗୁରୁତ୍ୱ ଆରୋପ କରାଯାଇଥିଲା। ଏହି ଜନସଚେତନତା କାର୍ଯ୍ୟକ୍ରମ ଶିଶୁ ଶ୍ରମିକଙ୍କ ଲାଗି କଲ୍ୟାଣକର ହେବ ବୋଲି ଜିଲ୍ଲାପାଳ ଶ୍ରୀ ରାଉତ ଆଶା ପ୍ରକାଶ କରିଥିଲେ।

## ଜଳ ଘେରରେ ଉତ୍ତରକୂଳ ଗ୍ରାମ ପଞ୍ଚାୟତ

**ସାଲେପୁର :** ଗତ ୩ଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ ନିଶ୍ଚିନ୍ତକୋଇଲି ବ୍ଲକ ଉତ୍ତରକୂଳ ଗ୍ରାମ ପଞ୍ଚାୟତର ପିଙ୍ଗୁର, ମୁଗୁରିଆ, ବିରିବନ୍ଧ ଓ ସାହାସପୁର ଗ୍ରାମ ସମ୍ପୂର୍ଣ୍ଣ ଜଳବନ୍ଦୀ ଅବସ୍ଥାରେ ରହିଛି। ଯାହାଫଳରେ ସ୍ଥାନୀୟ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିଛି କଚାଘର ଭାଙ୍ଗି ଯିବା ସହ ଚାଷ ଜମିରେ ୫ ଫୁଟ ଉଚ୍ଚରେ ପାଣି ଜମି ରହିଛି। ଗୃହପାଳିତ ପଶୁ ଘରୁ ବାହାରି ପାରୁନାହାନ୍ତି। ଜିଲ୍ଲା ପ୍ରଶାସନ ଏବଂ ବ୍ଲକ ପ୍ରଶାସନ ତୁରନ୍ତ ଏହି ଅଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିବାକୁ ସାଧାରଣରେ ଦାବି ହେଉଛି।

# ସଙ୍କଟରେ ମାଟିକୁ ଜୀବନ୍ତ କରୁଥିବା ମଣିଷ

### ଆଗକୁ ସପ୍ତପୁରୀ ଅମାବାସ୍ୟା ,ମାଟି ତିଆରି ହନୁମାନ ମୁଖ୍ୟ ଆକର୍ଷଣ

**ସୋନପୁର :** ଜୀବନ ସଂଗ୍ରାମରେ ଅନେକ ସମ୍ପ୍ରଦାୟ ଏବେବି ନିଜର କୌଳିକ ବୃତ୍ତି ଭରସାରେ କାଳାତିପାତ କରୁଛନ୍ତି । ଆଧୁନିକ ଯନ୍ତ୍ରପାତିର ବ୍ୟବହାର ସତ୍ତ୍ୱେ ସେମାନେ ନିଜର କୌଳିକ ବୃତ୍ତିରୁ ଓହରି ନଯାଇ ଜାରି ରଖିଛନ୍ତି ସଂଗ୍ରାମ। ଏଭଳି ଏକ ସମ୍ପ୍ରଦାୟ ହେଉଛି ସୁବର୍ଣ୍ଣ ୁର ଜିଲା ସଦର ମହକୁମାର କୁମ୍ଭାର ବା କୁମ୍ଭକାର ସଂପ୍ରଦାୟ ମାଟି ସହ ନିଜ ମୁଣ୍ଡ ଝାଳ ତୁଣ୍ଡରେ ମାରି ଏହି ସମ୍ପ୍ରଦାୟ ତିଆରି କରନ୍ତି ଅନେକ ଟେରାକୋଟା ସାଙ୍ଗକୁ ଭଳିକି ଭଳି ଘରକରଣା ସାମଗ୍ରୀ । ଏହି ଶିଳ୍ପୀ ମାନଙ୍କ କୁଶଳୀ ହାତରେ ଜୀବନ୍ତ ହୋଇ ଉଠିଥାଏ ନିର୍ଜୀବ ମାଟି ସବୁ । କିନ୍ତୁ ବର୍ତ୍ତମାନ ଆବଶ୍ୟକ ହେଉଥିବା ସାମଗ୍ରୀର ଘୋର ଅଭାବ ସାଙ୍ଗକୁ ସରକାରୀ ପ୍ରୋତ୍ସାହନର ଅଭାବ ଯୋଗୁଁ ଏହି ସମ୍ପ୍ରଦାୟର ଶିଳ୍ପକଳା ଏବେ ବିଲୁପ୍ତର ଦ୍ୱାରଦେଶରେ ପହଞ୍ଚି ସାରିଛି। ପୂର୍ବରୁ ଏହି ସମ୍ପ୍ରଦାୟର ପରିବାର ମାନେ ମାଟିରେ ଭାରରନ୍ଧା ହାଣ୍ଡି, ଛୋଟ ହାଣ୍ଡି (ସରେଇ), ମାଠିଆ, ଦୀପ, ଧୂ ଷ୍ଟାଣ୍ଡ, କଳସ, ବିବାହ ରୁଖା, ବତି ଷ୍ଟାଣ୍ଡ ସାଙ୍ଗକୁ ଏହି ସହରର ପ୍ରସିଦ୍ଧ ଲଙ୍କାପୋଡି ଉତ୍ସବରେ ମାଟିର ସ୍ୱତନ୍ତ୍ର ହନୁମାନ, କାଁଚିକୁଁଢି ଆଦି ତିଆରି କରୁଥିଲେ । ଏହା ସବୁ ନିର୍ମାଣ ପାଇଁ ସ୍ୱତନ୍ତ୍ର ଭାବରେ ଉପଲବ୍ଧ ହେଉଥିବା ମାଟିକୁ ଆଣି ତାକୁ ପାଗ କରି ଚିକ୍କଣ କରିବା ପରେ ଚକ (କୁମ୍ଭାର ଚକ) ଉପରେ ରଖି ଏହି ସବୁ ଜିନିଷ ନିର୍ମାଣ କରୁଥିଲେ। ତେବେ ନିର୍ମାଣ ପରେ ଏହାକୁ ସ୍ୱତନ୍ତ୍ର ଭାବେ ମାଟିରେ ନିର୍ମିତ ଏକ ଉଆରେ ନିର୍ଦ୍ଦିଷ୍ଟ ଥାକରେ ରଖି ତା’ ଉପରେ ଛୋଟଛୋଟ ଡାଳ, ଝାଟି ଘୋଡାଇ ନିଆଁ ଲଗାଇ ଏକ ନିର୍ଦ୍ଦିଷ୍ଟ ଉତ୍ତାପରେ ପୋଡୁଥିଲେ। ଯାହାକି ପରେ କଳା ହାଣ୍ଡିର ରଙ୍ଗ କଳା ହେଉଥିବା ବେଳେ ଅଧିକାଂଶ ସାମଗ୍ରୀ ଲାଲ ରଙ୍ଗ ହେଉଥିଲା। ତେବେ ଏହି ସ୍ୱତନ୍ତ୍ର ଶିଳ୍ପକଳା କେବଳ ଏହି ସମ୍ପ୍ରଦାୟ ନିକଟରେ ରହିବା ସହ



ଏମାନେ ଏହାକୁ ନିଜର କୌଳିକ ବୃତ୍ତି ଭାବରେ ଗ୍ରହଣ କରି ପରିବାର ପୋଷଣ କରୁଥିଲେ। କିନ୍ତୁ ବର୍ତ୍ତମାନ ଏସବୁ ସାମଗ୍ରୀ ପାଇଁ ମାଟିର ଘୋର ଅଭାବ ସାଙ୍ଗକୁ ଛୋଟଛୋଟ ଡାଳ ଓ ଝାଟିର ଅଭାବ ଯୋଗୁଁ ଏଭଳି ସାମଗ୍ରୀ ନିର୍ମାଣ କରିବା ଏମାନଙ୍କ ପକ୍ଷେ ଅତ୍ୟନ୍ତ କଷ୍ଟକର ହୋଇପଡିଛି । ଅନ୍ୟ ପକ୍ଷରେ ଆଧୁନିକ ମଣିଷ ସମାଜ ପଙ୍କରମ୍ପରକ୍ଷକ ହାଣ୍ଡି, ମାଠିଆ, ମାଟି ଦୀପ ଆଦି ସାମଗ୍ରୀର ବ୍ୟବହାର ସମ୍ପର୍ଣ୍ଣ ବନ୍ଦ କରି ଦେଇଥିବାରୁ ଏମାନେ ଏବେ ପରିବାର ପୋଷଣ କରିବା ଅତ୍ୟନ୍ତ କଷ୍ଟକର ହୋଇପଡିଛି । ତଥାପି ଏହି ପରିବାର ମାନେ ବର୍ତ୍ତମାନ ସପ୍ତପୁରୀ ଅମାବାସ୍ୟା ପାଇଁ ମାଟି ହନୁମାନ ତିଆରି କରୁଥିବା ବେଳେ ବର୍ଷର ବିଭିନ୍ନ ସମୟରେ କେବଳ କଳସ, ଦୀପ ତିଆରି କରୁଛନ୍ତି । ଆଉ ଏସବୁ ଜିନିଷ ବିକ୍ରି କରି ଏହି ପରିବାରଗୁଡିକ ଚଳୁଥିବା ସ୍ଥାନୀୟ କୁମ୍ଭାରପଡାର ଇନ୍ଦୁମତି ରଣା ଓ ପ୍ରହଲ୍ଲାଦ ରଣା ପ୍ରକାଶ କରିଛନ୍ତି। ଏପରିକି ଆସନ୍ତା ସପ୍ତପୁରୀ ସମୟରେ ମାଟି ହନୁମାନ ନିର୍ମାଣ ପାଇଁ ଏମାନେ ବାହୁଡା ଯାତ୍ରା ଠାରୁ ସଜବାଜ ହେଉଥିବା କହିଛନ୍ତି। ତେବେ କେବଳ ମାଟିକୁ ନେଇ ନିଜର ଜୀବନ ଜୀବିକା ଚଳଉଥିବା ଏହି ଶିଳ୍ପୀ ପରିବାର ମାନେ ପ୍ରସ୍ତୁତ କରୁଥିବା ମାଟି ସାମଗ୍ରୀର ଉତ୍ପାଦନ ପାଇଁ ସରକାରୀ ପ୍ରୋତ୍ସାହନ ସାଙ୍ଗକୁ ଆବଶ୍ୟକ ହେଉଥିବା ଆନୁଷଙ୍ଗିକ ସାମଗ୍ରୀ ଗୁଡିକୁ ସରକାର ରିହାତି ମୂଲ୍ୟରେ ଯୋଗାଇ ଦେବା ଓ ଏମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବିକ୍ରି ପାଇଁ ଆବଶ୍ୟକ ବଜାର ସୁବିଧା ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୦ - ୧୬ ସେପ୍ଟେମ୍ବର, ୨୦୧୮

# ସବୁ ମାୟା ସଦୃଶ

ସମ୍ପାଦକୀୟ

ତାରକ ମହାନ୍ତି



**ପ**ରିବର୍ତ୍ତିତ ପରିସ୍ଥିତିରେ ଦିନକୁ ଦିନ ସମ୍ପର୍କର ପରିଭାଷା ଯେଭଳି ବଦଳି ବଦଳି ଯାଉଛି। ପ୍ରତ୍ୟେକ ବ୍ୟକ୍ତି ନିଜସ୍ୱ ଚିନ୍ତାଧାରା ସାବ୍ୟସ୍ତ କରିବାକୁ ଅଡି ବସିବା ଦ୍ୱାରା ବ୍ୟବସ୍ଥା ଉପରେ ଏହାର କୁପ୍ରଭାବ ମଧ୍ୟ ପଡୁଛି। ଯିଏ ଯେତିକି ଯୋଗ୍ୟ ନେଇ ନିଜକୁ ତା'ଠାରୁ ଅଧିକ ଯୋଗ୍ୟ ମନେ କରିବା ଦ୍ୱାରା ସାମାଜିକ ଶୃଙ୍ଖଳା ବ୍ୟାହତ ହେବା ସହିତ ପାରିପାର୍ଶ୍ୱିକ ସହଯୋଗ କ୍ଷେତ୍ରରେ ପ୍ରତିବନ୍ଧକ ସାଜୁଛି। ଯେଉଁଥିପାଇଁ ମଣିଷ ମନରୁ ଭାବ ପ୍ରବଣତା ହଜିଯିବା ସହିତ ସେ ଅଧିକରୁ ଅଧିକ ବସ୍ତୁବାଦୀ ଦୁନିଆ ସହିତ ନିଜର ସମ୍ପର୍କ ଯୋଡି ବସୁଛି। ସମାଜର ତଳ ସ୍ତରରୁ ଉପରକୁ ଉଠୁଥିବା ବା ଉଠିଥିବା ବ୍ୟକ୍ତି ଯେଉଁ ଅଭାବ ଅସୁବିଧା ଦେଇ ଗତି କରିଛି ତାହା ନିଜର ପିଲାଛୁଆ, ପରିବାର ସଦସ୍ୟମାନେ ଗ୍ରହଣ କରିବାକୁ ରାଜି ନୁହଁନ୍ତି। ଆଖି ସାମ୍ନାରେ ଦେଖୁଥିବା ବର୍ତ୍ତମାନର ଝଲମଲ ଦୃଶ୍ୟ ସହିତ ନିଜ ଜୀବନକୁ ଯୋଡି ପରିବାରର ସଦସ୍ୟମାନେ ଅଧିକ ଉଡିବା ଆଶାରେ ଯେତିକି କ୍ରିୟାଶୀଳ ରହୁଛନ୍ତି ସେତିକି ଭାବନା ଏତେବାଟକୁ ଆଣିଥିବା ଲୋକପାଇଁ ନାହିଁ। ବରଂ କଥା କଥାକେ ଅନ୍ୟର ଉଦାହରଣ ଦେଇ ପରିବାର ପାଇଁ ସଂଗ୍ରାମ କରିଥିବା ବ୍ୟକ୍ତିର ଜୀବନକୁ କଳୁଷିତ କରିଦେଉଛନ୍ତି। ଅନନ୍ୟୋପାୟ ପରିସ୍ଥିତିରେ ସାମ୍ନା କରୁଥିବା ଘଟଣା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ଅଧିକରୁ ଅଧିକ ସ୍ୱଚ୍ଛନ୍ଦ ଜୀବନ ଯାପନ କରିବା ପାଇଁ ଆଜିକାଲିର ପିଲାମାନେ ଯେଭଳି ଅବତାରଣା କରୁଛନ୍ତି ତାହା ସର୍ବାଦୌ ଗ୍ରହଣଯୋଗ୍ୟ ନୁହେଁ। ନିଜେ କିଛି କରି ଦେଖେଇବାର ମାନସିକତା ଅପେକ୍ଷା ପରିବାରର ପ୍ରତିପତ୍ତି ଓ ସଞ୍ଚୟକୁ ଉଡେଇ ଦେବା ନିଶାରେ ମସ୍‌ଗୁଲ ରହିବାର ଅଜବ ନିଶା ବର୍ତ୍ତମାନ ପିଢ଼ିକୁ ନର୍କଗାମୀ କରିଦେଉଛି।

ଯେଉଁକଥାଟି ସର୍ବସମ୍ମତ ଗ୍ରହଣଯୋଗ୍ୟ, ସେକଥା ଅପେକ୍ଷା ନିଜର ବାଦଶାହୀ ଚିନ୍ତାଧାରାକୁ ଗୁରୁତ୍ୱପୂର୍ଣ୍ଣ ମନେ କରି ପରିବାର ଉପରେ ଚାପ ସୃଷ୍ଟି କରୁଥିବା ଯୁବପିଢ଼ି ଜାଣନ୍ତିନି ଯେ, ସାମ୍ରାଜ୍ୟ ତିଆରି କରିବା ଏତେ ସହଜ ନୁହେଁ। ଏଥିପାଇଁ କେତେ ଶ୍ରମ ଦେବାକୁ ହୁଏ ଯନ୍ତ୍ରଣାକୁ ପିଇବାକୁ ପଡେ ସେ କଥାର ମୂଲ୍ୟ ସେମାନଙ୍କ ପାଖରେ ନଥାଏ ଯେମିତି। ପ୍ରତ୍ୟେକ ଘଟଣାରେ ଏହା ସମସ୍ତେ ଅନୁଭବ କରୁଥିଲେ ବି ମୁହଁ ଖୋଲି କହି କେହି ଏହାର ସୁଫଳ ପାଆନ୍ତି ନାହିଁ। ବରଂ ଏହାଦ୍ୱାରା ପରିବାର ଓ ସମାଜ ଭିତରେ ଅନେକ ଯୁକ୍ତିତର୍କ ଚାଲେ। ଯୁକ୍ତି ଗୁଡିକ ତଥ୍ୟଭିତ୍ତିକ ନହୋଇ ବେଳେ ବେଳେ ଏଭଳି ବିତଣ୍ଡା ଦିଗକୁ ଗତିକରେ ଯେ, ଯେଉଁଥିରେ ଠିକ୍ କଥା କହୁଥିବା ବ୍ୟକ୍ତିର ସମ୍ମାନ ହାନୀ ଘଟିଥାଏ। ଏହା କେବଳ କୌଣସି ବ୍ୟକ୍ତି ବିଶେଷଙ୍କ ଘଟଣା ନୁହେଁ। ଦୈନନ୍ଦିନ ଜୀବନ ଧାରାର ଏହାଏକ ଅଂଶବିଶେଷ ହୋଇଥିଲେ ବି ବାହ୍ୟ ପରିପ୍ରକାଶ ସମ୍ଭବପର ହୁଏନାହିଁ। ମଣିଷ ଜୀବନରେ ଦାପ୍ତରିକ କାର୍ଯ୍ୟଧାରା, ସଭା ସମିତି ତଥା କର୍ତ୍ତବ୍ୟରତ ଅନେକ ସ୍ଥାନରେ ଏଭଳି ଘଟଣାମାନ ଘଟିଥାଏ। ଯେଉଁଥିରୁ ଜଣେ ବ୍ୟକ୍ତି ବା ଅନେକ ବ୍ୟକ୍ତି ଅଶାନ୍ତିକର ପରିସ୍ଥିତି ସହିତ ମୁକାବିଲା କରି ବଞ୍ଚିବାର ଦମ୍ଭ ଦେଖାଇ ମୁକୁଳି ଆସିବା ବ୍ୟତିରେକ ଅନ୍ୟ କୌଣସି ଉପାୟ ନଥାଏ। ପରେ ଘଟଣାକୁ ସାମ୍ନା କରିଥିବା ବ୍ୟକ୍ତି ବା ବ୍ୟକ୍ତିବିଶେଷ ମାନସିକ ଅବସାଦ ସହିତ ନିଜକୁ ଧିକ୍କାର କରି ନିଜ ଭିତରେ ନିଜେ ଆତ୍ମଦହନରେ ଛଟପଟ ହୁଅନ୍ତି। ଅନ୍ୟପାଇଁ ନିଜ ଜୀବନକୁ ସମ୍ପୂର୍ଣ୍ଣ ତ୍ୟାଗ କରିଥିବା ବ୍ୟକ୍ତିଟିଏ ମାନସିକ ଯନ୍ତ୍ରଣାରେ ଛଟପଟ ହେବା ଫଳରେ ତା'ର ଜୀବନ ଚର୍ଯ୍ୟାରେ ଏହାର ଅନେକ ପ୍ରଭାବ ଦେଖାଦିଏ। କେହି କେହି ବ୍ୟାଧିଗ୍ରସ୍ତ ହୋଇପଡିବା ସହିତ ଆଉ କେହି ସହିବାର ସୀମା ଲଙ୍ଘି ଆତ୍ମହତ୍ୟାର କଠୋର ନିଷ୍ପତ୍ତିରେ ଅଟଳ ରହିଥାନ୍ତି। ଯେହେତୁ ବର୍ତ୍ତମାନ ପିଢ଼ିର ମାନସିକତା ସହ ପୁରୁଣା ପିଢ଼ିର ଲୋକମାନଙ୍କ ଭାବନାରେ ଅନେକ ଅସମାନତା ପରିଦୃଷ୍ଟ ହୁଏ। ବିଭିନ୍ନ କାରଣକୁ ନିଜ ମଣିଷ ଦୁଃଖକୁ ଛାତିରେ ଚାପି ଧରି ଅପ୍ରକାଶ୍ୟ ବେଦନାରେ ଭାଙ୍ଗିପଡେ। ହେଲେ ଭାଙ୍ଗି ପଡୁଥିବା ମଣିଷର ମନ ସହ ମନ ମିଶାଇ ସମସ୍ୟାର ସମାଧାନ ପାଇଁ କେହି ଆଗେଇ ଆସେନାହିଁ। ଯେଉଁଥିପାଇଁ ଦ୍ୱନ୍ଦ୍ୱ ଓ ପୀଡନର ଜ୍ୱାଳା ମଧ୍ୟ ଦେଇ ଗତି କରୁଥିବା ବ୍ୟକ୍ତି ବା ବ୍ୟକ୍ତିମାନେ ପରିଶେଷରେ କୌଣସି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ଆତ୍ମହତ୍ୟାକୁ ଶ୍ରେୟଷ୍କର ମନେକରନ୍ତି। ଏମିତି ଅନେକ କିଛି ଘଟଣା ବୁଦ୍ଧିଜୀବୀ ସମାଜକୁ ଭାରାକ୍ରାନ୍ତ କରୁଥିଲେ ଏଥିରୁ ମୁକୁଳି ଯିବାର ଯୁ'କାହା ପାଖରେ ନଥାଏ ଯେମିତି। ପାରିପାର୍ଶ୍ୱିକ ଅବସ୍ଥା ବିଷୟରେ ସଚେତନ ନଥାଇ ପରିବାର ମାନଙ୍କରେ ସମୟେ ସମୟେ ଝଡ ଉଠେ। ଏହି ଝଡର କାରଣ ପାଇଁ ଯିଏ ଦାୟୀ ସିଏ ନିଜକୁ ନିର୍ଦ୍ଦୋଷ କହି ଅନ୍ୟ ଉପରେ ଦୋଷ ଲଦି ଚାଲେ। ନିର୍ଦ୍ଦୋଷ ବ୍ୟକ୍ତି ଯେତେବେଳେ ଅନ୍ୟ ପାଇଁ ଉପହାସିତ ବା ଭର୍ତ୍ସିତ ହୁଏ ସେତେବେଳେ ବିଦ୍ରୋହ ଦାନା ବାନ୍ଧେ। ଏହା କେତେବେଳେ କେଉଁ ଦିଗକୁ ଗତି କରିବ ତାହା ପୂର୍ବରୁ ଅନୁମାନ କରିବା କଷ୍ଟକର। ନିର୍ଦ୍ଦିଷ୍ଟ ଭାବେ କୌଣସି ଘଟଣାକୁ ଦୋଷ ଦେଇ ମଣିଷ ମାନସିକ ଶାନ୍ତି ଲାଭ କରିପାରେନାହିଁ। ଘଟଣା ପରେ ଘଟଣା ଘଟି ଚାଲିଥାଏ। ହେଲେ ଶାନ୍ତିରେ ଟିକିଏ ବଞ୍ଚିବାର ଯେଉଁ ମୋହ ଅଦୃଶ୍ୟରେ ବ୍ୟାଧିଗ୍ରସ୍ତ ହେଉଥାଏ। ଫଳରେ ତୀବ୍ର ମାନସିକ ଯାତନା ଭିତରେ ଜୀବନ ଜୀଉ ଜୀଉ କେତେବେଳେ ଅବଶିଷ୍ଟ ଆୟୁଷ ସରିଆସେ ତାହା କେବେକେବେ କଳ୍ପନା ବାହାର ବୋଲି ଧରିନେବାକୁ ପଡେ।

ଚେତନରେ ହେଉ ଅବଚେତନରେ ମଣିଷ ଦୈନନ୍ଦିନ ଏଭଳି ଅନେକ ଘଟଣାକୁ ଅଙ୍ଗେ ନିଭାଉଛି। ହେଲେ କଷ୍ଟ ଭାବେ ମୁକ୍ତ ସ୍ୱରରେ ଏକଥାକୁ କହିବା ଯେମିତି ମୁସ୍କିଲ, ସହିବା ମଧ୍ୟ ସେହିଭଳି ମୁସ୍କିଲ। ଜ୍ଞାତସାରରେ ଘଟୁଥିବା କିଛି ଘଟଣା ସାମାଜିକ ଜୀବନ ଓ ପାରିବାରିକ ଜୀବନକୁ ନିଆଁରେ ପୋଡିଦେଲା ଭଳି ଅବସ୍ଥା ସୃଷ୍ଟି କରୁଥିଲେ ବି ଜୀବନ ଜଞ୍ଜାଳର ମୋହ ମଣିଷକୁ ଏମିତି ବାନ୍ଧି ରଖିଥାଏ ଯେ, ନା ସେ ସମ୍ପର୍କକୁ ଛାଡିଦେଇପାରେ କିମ୍ବା ଆନନ୍ଦରେ ଜାବୁଡିନିଏ। କେତେକ ଘଟଣାରେ ପରିବାର ସ୍ୱାର୍ଥହାନୀ, ପ୍ରତିଷ୍ଠାରେ ଆଞ୍ଚ ଆସିବା ଭୟରେ ମଣିଷ ନିରବ ରହେ ତ ଆଉ କେଉଁଠି ପିଲାଛୁଆଙ୍କ ମର୍ଯ୍ୟାଦାହାନୀ ଆଶଙ୍କାରେ ତୁନି ପଡେ। ଗୁରୁତ୍ୱପୂର୍ଣ୍ଣ ଘଟଣା ବ୍ୟତିରେକ ବହୁ ଅନାବନା ଘଟଣା ମଣିଷକୁ ବେଳେବେଳେ ବ୍ୟସ୍ତ ବିବ୍ରତ କରିଥାଏ। ଯେଉଁଥିରୁ ମୁହଁ ଫେରାଇନେବା ସହଜ ହୋଇଥିଲେ ବି ଏହା ଏଭଳି କଷ୍ଟଦାୟକ ହୋଇଥାଏ ଯେ, ପରିସମାପ୍ତିରେ ଆତ୍ମଦହନ ହିଁ ସାର। ଯେଉଁମାନଙ୍କର ପାରିବାରିକ ଜୀବନ ଶାନ୍ତିପୂର୍ଣ୍ଣ ନୁହେଁ ସେମାନଙ୍କର ଧନାର୍ଢ୍ୟ ଆଟୋପ କେବଳ ଲୋକ ଦେଖାଣିଆ। ଭିତରେ ଭିତରେ ଅଶାନ୍ତିର ପୂର୍ଣ୍ଣକୁମ୍ଭ ରହିଥିଲେ ସୁଦ୍ଧା ସେମାନେ ବାହାରକୁ ମିଛ ହସ ଦେଖାଇ କେବଳ ସମ୍ମାନ ବଞ୍ଚାଇବା ବ୍ୟତିରେକ ଆଉକିଛି କରିପାରନ୍ତି ନାହିଁ। ଆତ୍ମଗର୍ବରେ ଲୀନ କେତେକ ବ୍ୟକ୍ତି ନିଜର ଆସ୍ପର୍ଦ୍ଧାକୁ ସାବ୍ୟସ୍ତ କରିବା ପାଇଁ ଯେତିକି ତତ୍ପର ସେହି ଅନୁପାତରେ ସମାଜର ମଙ୍ଗଳ କାମନା ପାଇଁ ତତ୍ପର ହୋଇ ନଥାନ୍ତି। ଯାହାଫଳରେ ପାଖ ପଡୋଶୀ ଓ ବାହ୍ୟ ଦୁନିଆଁରେ ସେମାନଙ୍କ ପାଇଁ ସମ୍ମାନ ତ ଦୂରର କଥା ତାଙ୍କ ପାଇଁ କାହା ମନରେ ଶ୍ରଦ୍ଧା ମଧ୍ୟ ନଥାଏ। ଭୟରେ ଭଲପାଇବା ଭଳି ଅଭିନୟ ସେମାନଙ୍କୁ ପ୍ରଲୁବ୍ଧ କରୁଥିଲେ ବି ବାସ୍ତବରେ ସବୁ ମାୟା ସଦୃଶ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬ ,ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଆଚାରଃ ପରମ ଧର୍ମଃ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

**ଶି**କ୍ଷା ଓ ସଚେତନତା ହେଲା ସଶକ୍ତୀକରଣର ଚାବିକାଠି । ଶିକ୍ଷା ଓ ସଚେତନତା ପାଇଁ ପ୍ରଥମ ପାହାଚ ହେଲା ସାକ୍ଷରତା । ତେଣୁ ସଶକ୍ତୀକରଣର ଲକ୍ଷ୍ୟ ହାସଲ ପାଇଁ ଯାତ୍ରାର ପ୍ରବେଶ ଦ୍ୱାର ହେଉଛି ସାକ୍ଷରତା । ସେପ୍ଟେମ୍ବର ୮ ତାରିଖରୁ ପାଳନ କରାଯାଏ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଭାବେ । ଏହି ଦିନଟିକୁ ସମଗ୍ର ବିଶ୍ୱରେ ସାକ୍ଷାରତା ଦିବସ ଭାବେ । ଏହି ଦିନଟିକୁ ସମଗ୍ର ବିଶ୍ୱରେ ସାକ୍ଷାରତା ଦିବସ ଭାବେ ପାଳନ କରିବା ପାଇଁ ୟୁନେସ୍କୋ ବିଧିବଦ୍ଧ ଘୋଷଣା କରିଥିଲା ୧୯୬୫ ନଭେମ୍ବର ୧୭ ତାରିଖରେ । ଏହା ପରଠାରୁ ଅର୍ଥାତ୍ ୧୯୬୬ ମସିହାରୁ ଏହାକୁ ପାଳନ କରାଯାଉଛି । ଶିକ୍ଷା ହିଁ ଜାତୀୟ ପ୍ରଗତିର ବାହକ । ଏକ ସାକ୍ଷରତା ଭିତ୍ତିକ ଜନଗୋଷ୍ଠୀ ସମାଜର ବୈପ୍ଳବିକ କ୍ରାନ୍ତୀ ସୃଷ୍ଟି କରି ପାରିବେ । ସାକ୍ଷରତା ଯଥାର୍ଥରେ ସଶକ୍ତିକରଣର ପ୍ରଥମ ପାହାଚ । କେନ୍ଦ୍ର ସରକାରଙ୍କ ଠାରୁ ରାଜ୍ୟ ସରକାର ସାକ୍ଷରତା ହାର ବୃଦ୍ଧି ପାଇଁ ବ୍ୟାପକ ଲୋକହିତକର ଯୋଜନା ହାତକୁ ନେଉଛନ୍ତି । ସରକାରୀ ବ୍ୟବସ୍ଥା ବ୍ୟତୀତ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ବେସରକାରୀ ସଙ୍ଗଠନ ମଧ୍ୟ ସାକ୍ଷରତା କାର୍ଯ୍ୟକ୍ରମକୁ ବ୍ୟାପକ ପାଇଁ ନିଜର ସାଧ୍ୟମତ ଉଦ୍ୟମ ଜାରି ରଖିଛନ୍ତି । ଆମ୍ଭମାନଙ୍କର ଶାସ୍ତ୍ରରେ ଅଛି - ଆଚାରଃ ପରମ ଧର୍ମଃ। ଯେଉଁଥିରେ ଆମ୍ଭେମାନେ ବଞ୍ଚିପାରୁ, ବୃଦ୍ଧିପାଉ, ସମାଜରେ ସମସ୍ତଙ୍କ ସହିତ ସ୍ନେହପରବଶ ହୋଇ ଚାଲିପାରୁ ତାର କୌଶଳ ଗୁଡ଼ିକ ହାତ କଲମରେ କରିବା ଭିତର ଦେଇ ଯେଉଁ ଜ୍ଞାନ ଆସେ ତାହା ହିଁ ଅସଲ ଶିକ୍ଷା। ପ୍ରକୃତ ମନୁଷ୍ୟତ୍ୱର ଜାଗରଣ ହେଲା ଶିକ୍ଷାର ଉଦ୍ଦେଶ୍ୟ। କେବଳ ଭଲ ଚିକିତ୍ସକ, ଇଂଜିନିୟର, ଅଧ୍ୟାପକ ବା ଓକିଲ ତିଆରି କରିବା ଶିକ୍ଷାର ଉଦ୍ଦେଶ୍ୟ ନୁହେଁ। ସତ୍ ଆଦର୍ଶଙ୍କ ଠାରେ ଦୀକ୍ଷା ନେଇ ଆଚାର୍ଯ୍ୟ ଅନୁସରଣ ମାଧ୍ୟମରେ ମାନବୀୟ ମୂଲ୍ୟବୋଧ ଗୁଡ଼ିକ ବାସ୍ତବରେ ରୂପାୟନ ହେଲେ ହିଁ ଶିକ୍ଷାର ଉଦ୍ଦେଶ୍ୟ ସାର୍ଥକ ହୁଏ। ଛାତ୍ର, ଶିକ୍ଷକ ଓ ଅଭିଭାବକ - ପ୍ରତ୍ୟେକଙ୍କର ସତର୍କ ଓ ଦାୟିତ୍ୱଶୀଳ ଭୂମିକା ରହିବା ଆବଶ୍ୟକ। ନିଜସ୍ୱ ଘର ଗୁଡ଼ିକ ଯେଭଳି ଆଦର୍ଶ ଶିକ୍ଷାର ମନ୍ଦିର ହୋଇଉଠିପାରେ ସେ ଦିଗରେ ଯତ୍ନବାନ ହେବା ଆବଶ୍ୟକ। ଏହା ବାଦ୍ ଦେଇ ରାଷ୍ଟ୍ରର ମଧ୍ୟ ଶିକ୍ଷା ପ୍ରତି କର୍ତ୍ତବ୍ୟ ରହିଛି। ଏହି ପ୍ରସଙ୍ଗରେ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱଭାବ, ସୁଲଭ ଭଙ୍ଗୀରେ କହିଛନ୍ତି - ଅଭ୍ୟାସ ବ୍ୟବହାର ଭଲ ଯେତେ, ଶିକ୍ଷା ତା'ର ଜାଣିବୁ ସେତେ। ଲେଖାପଢ଼ାରେ ଦକ୍ଷ ହେଲେ ହିଁ ଶିକ୍ଷା ତାକୁ କୁହେନା, ଅଭ୍ୟାସ ବ୍ୟବହାର ସହଜ ଜ୍ଞାନ ନା ହେଲେ ଶିକ୍ଷା ହୁଏନା। ମାତୃଭକ୍ତି ଅଟୁଟ ଯେତେ ସେହି ଶିଶୁ ହୁଏ କୃତୀ ସେତେ। ଦାୟିତ୍ୱଭରା ଯାହା କିଛି ଅଛି, ସବୁଠାରୁ ବଡ଼ ଶିକ୍ଷକତା, ଇଷ୍ଟନିଷ୍ଠ ସ୍ୱଭାବ ଛଡ଼ା ଅଧ୍ୟାପନା ବର୍ବରତା। ଚରିତ୍ରହୀନ ଶିକ୍ଷକ ଛାତ୍ର ଜୀବନର ଭକ୍ଷକ। ଇଷ୍ଟ ନାହିଁ ନେତା ଯିଏ, ଯମର ଦଲାଲ କିନ୍ତୁ ସିଏ।

ପୂର୍ବକାଳରେ ଗୁରୁକୁଳ ଆଶ୍ରମରେ ଜଣେ ଜଣେ ଋଷି ବା ପ୍ରଧାନ ଶିକ୍ଷକଙ୍କ ପାଖରେ ଦଶ ହଜାରରୁ ଷାଠିଏ ହଜାର ପର୍ଯ୍ୟନ୍ତ ଶିଷ୍ୟ ରହୁଥିଲେ। ବାସ୍ତବ କର୍ମ ମାଧ୍ୟମରେ ଶିକ୍ଷା ହେଉଥିଲା। ନ କରି ପାଇବାର ଦାବି ଥିଲା ନାହିଁ। ବଶିଷ୍ଠ, ଭରଦ୍ୱାଜ, ବିଶ୍ୱାମିତ୍ର, ଗୌତମ ଇତ୍ୟାଦି ଋଷିମାନଙ୍କ ଆଶ୍ରମରେ ଛାତ୍ରମାନେ ଶିକ୍ଷା ଲାଭ କରୁଥିଲେ। ଏହି ସବୁ ଆଶ୍ରମ ଭିତରେ କୌଣସି ଦ୍ୱନ୍ଦ୍ୱ ନଥିଲା ବରଂ ଛାତ୍ର ବିନିମୟ ହେଉଥିଲା। ସେହି ସବୁ ବିଶ୍ୱବିଦ୍ୟାଳୟରେ ଛାତ୍ର ଥିଲେ ଉପମନ୍ୟୁ, ଆରୁଣି ଓ ଉଦ୍ଦାଳକ ଇତ୍ୟାଦି। ପୂର୍ଣ୍ଣାଙ୍ଗ ଶିକ୍ଷା ନିମିତ୍ତ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବ୍ରହ୍ମସୂତ୍ର ପ୍ରଦାନ କରିଛନ୍ତି। ସେଗୁଡ଼ିକ ହେଲା - ସୁକେନ୍ଦ୍ରିକତା, ସତର୍କତା, ତୀବ୍ରତା, ଅନୁସନ୍ଧିତ୍ସା, ବିଚାର ପ୍ରବଣତା, ଉପସ୍ଥିତ ବୁଦ୍ଧି ଓ ହୃଦ୍ୟ ଅନୁଚଳନ। ଏହା ହିଁ ହେଉଛି ବ୍ରହ୍ମସୂତ୍ର ଓ ସୁକେନ୍ଦ୍ରିକତାର କେନ୍ଦ୍ର ହେଉଛନ୍ତି ଗୁରୁ ବା ଆଚାର୍ଯ୍ୟ। ପିଲାମାନଙ୍କର ପ୍ରଥମ ଶିକ୍ଷା ଆରମ୍ଭ ହୁଏ ତାଙ୍କର ମାତା ପିତାଙ୍କ ଠାରୁ। ମା'ର ଅଭ୍ୟାସ, ଧୈର୍ଯ୍ୟ, କଥାବାର୍ତ୍ତା, ଚାଲିଚଳନ, କର୍ମନିଷ୍ଠା, ଭକ୍ତି ଓ ସେବାର ପ୍ରତ୍ୟକ୍ଷ ପ୍ରଭାବ ପିଲାମାନଙ୍କ ଉପରେ ପଡ଼େ। ପିଲାର ସ୍ୱଭାବ, ରୁଚି, ପସନ୍ଦ ଓ ବୈଶିଷ୍ଟ୍ୟ ପ୍ରତ୍ୟେକ ମା'ଙ୍କର ନଖ ଦର୍ପଣରେ ରହିବା ଉଚିତ। ଶାସନ, ତୋଷଣ, ଆଦର ଓ ସୋହାଗ ଇତ୍ୟାଦି ମାଧ୍ୟମରେ ପିଲାମାନଙ୍କ ଭିତରେ ଶିକ୍ଷାର ମୂଳଭିତ୍ତି ଯାହାକି ଭକ୍ତି ଓ ନିଷ୍ଠା ଶିଖାଇବାକୁ ପଡ଼େ।

ଶିକ୍ଷକମାନଙ୍କୁ ଆହ୍ୱାନ ଦେଇ ଯୁଗାବତାର ଶ୍ରୀ ଶ୍ରୀ ଠାକୁର କହିଛନ୍ତି - ଶିକ୍ଷକମାନେ ଛାତ୍ରମାନଙ୍କର ଆଦର୍ଶ ହେବେ, ଶିକ୍ଷକ ମାନଙ୍କ ଉପରେ ଛାତ୍ର ମାନଙ୍କର ନିଷ୍ଠା, ଆନୁଗତ୍ୟ ଓ କୃତିସମ୍ବେଗ ରହିବା ଉଚିତ। ଶିକ୍ଷା କେବଳ ଆକ୍ଷରିକ ଓ ମୁଖସ୍ତ ନକରି ଚରିତ୍ର ଗଠନରେ ସହାୟ ନ ହେଲେ ତାହା ସମାଜକୁ ଠିକ୍ ଦିଗ୍‌ଦର୍ଶନ ଦିଏ ନାହିଁ। ଶ୍ରୀ ଶ୍ରୀ ଠାକୁର କହିଛନ୍ତି - ଶିକ୍ଷକର ନାହିଁ ଇଷ୍ଟଟାଣ, କିଏ ଜଗାଇବ ଛାତ୍ର ପ୍ରାଣ। ଲେଖାପଢ଼ା ବା ଆକ୍ଷରିକ ଜ୍ଞାନ ବିଦ୍ୟା ନୁହେଁ। ଅଭ୍ୟାସ ଓ ବ୍ୟବହାରର ସାର୍ଥକ ସକ୍ରିୟ ନିୟନ୍ତ୍ରଣ ହିଁ ହେଲା ଶିକ୍ଷା। ଏହି ଚରିତ୍ର ଶିକ୍ଷକମାନଙ୍କ ଠାରୁ ଛାତ୍ରମାନଙ୍କ ପାଖକୁ ସଞ୍ଚାରିତ ହୁଏ। ଆଦର୍ଶକୁ ଧରି ସହଜାତ ସଂସ୍କାର ଗୁଡ଼ିକୁ ବାସ୍ତବରେ ମୂର୍ତ୍ତ କରି ଉଠାଇବା ହିଁ ଶିକ୍ଷା। ଛାତ୍ରଙ୍କର ସହଜାତ ସଂସ୍କାର, ରୁଚି, ବଂଶ ପରମ୍ପରା ଇତ୍ୟାଦିକୁ ଶିକ୍ଷକମାନେ ହିଁ ଅନୁସରଣ କରି ଶିକ୍ଷାକୁ ବୈଶିଷ୍ଟ୍ୟ ଅନୁପାତିକ କରି ଉଠାନ୍ତି। ଶିକ୍ଷକଙ୍କର ପ୍ରଧାନ ଦୋଷ ହେଲା ଅନ୍ୟ ଏକ ଶିକ୍ଷକଙ୍କୁ ବଦ୍‌ନାମ କରିବା। ଶିକ୍ଷା ଯେତେ ବାସ୍ତବ, ବ୍ୟବହାର, ପରିଚର୍ଯ୍ୟା ଓ କର୍ମଜଡ଼ିତ ହେବ ସେତେ ହିଁ ଭଲ। ଆଜିକାଲିର ଶିକ୍ଷା ଅଭିଳାଷ ବା ଗର୍ବେପ୍‌ସା ବଢ଼ାଇ ଦିଏ କିନ୍ତୁ ସତ୍ତା ସମ୍ବର୍ଦ୍ଧନୀ ସମ୍ପଦ ଆହରଣର କୌଶଳ ଶିଖାଏ ନାହିଁ। ଥିଲେ ଥାଉ ପଛେ ଗୁଣ ହଜାର, ଚରିତ୍ର ନଥିଲେ ସବୁ ଅସାର। କେବଳ ଆକ୍ଷରିକ ଶିକ୍ଷାରେ ଶିକ୍ଷିତ ବ୍ୟକ୍ତି ସମାଜର କୌଣସି ମଙ୍ଗଳ କର୍ମରେ ଜଡ଼ିତ ନ ହୋଇ କେବଳ ନିଜ ସ୍ୱାର୍ଥ ସନ୍ଧାନରେ ରତ ରହି ସମାଜର ଅଶେଷ କ୍ଷତି ସାଧନ କରନ୍ତି ଆଉ ଏହା ହିଁ ହେଉଛି କୁଶିକ୍ଷା। ଆଜିର ସାକ୍ଷରତା ଦିବସରେ ଜ୍ଞାନୀ, ଗୁଣୀ, ସୁହୃଦ୍ ବ୍ୟକ୍ତିମାନଙ୍କୁ ଆଦର୍ଶ ଶିକ୍ଷା, ଦୀକ୍ଷା ଓ ସମାଜ ଗଠନରେ ବ୍ରତୀ ହେବା ପାଇଁ ଆହ୍ୱାନ ଜଣାଉଛି। ବନ୍ଦେ ପୁରୁଷୋତ୍ତମଂ।

*ସହ-ପ୍ରତିରହ୍ଧିକ, ବିଭାଗୀୟମୁଖ୍ୟ*
*ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*
*ମୋ : ୯୪୩୭୦୫୧୯୫୭*

# ସଦା ବିଶ୍ୱରୂପମ୍ ଗଣେଶଂ ନମାମୀ



ଅମିନୀଲୁ ରାୟ

**ଓ**ଡିଶାର ସଂସ୍କୃତି ଓ ପରମ୍ପରା ଅନୁଯାୟୀ କେଉଁ ପ୍ରାଚୀନ କାଳରୁ ପ୍ରଚଳିତ ଶିବ ପୁରାଣ, ଚନ୍ଦ୍ର ପୁରାଣ, ଲିଙ୍ଗ ପୁରାଣ ପ୍ରଭୃତିରେ ପ୍ରଭୂ ଶ୍ରୀଗେଣଶଙ୍କ ଉପରେ ବିଶଦ ଭାବେ ବର୍ଣ୍ଣନା କରାଯାଇଛି । ନିତ୍ୟକର୍ମ ଦର୍ପଣର ଗଣେଶ ବିଶେଷାଙ୍କରେ ବର୍ଣ୍ଣିତ –

ଓଁ ଦ୍ୱୀମାରାଧ୍ୟଂ ଗଣାଧକ୍ଷଂ ଭାଲଚନ୍ଦ୍ରଂ ଗଜାନନଂ

ଉମାପୁତ୍ରଂ ନମସ୍ତେସ୍ତୁ ବିଘ୍ନନାଶଂ ନମାମ୍ୟହମ୍ ।

କଥିତ ଅଛି – ମିଥୁନ ମାସର ( ଆସାଢ ମାସର ) ଶୁକ୍ଲପକ୍ଷ ଚତୁର୍ଥୀ ତିଥିରେ ଉମା ମାହେଶ୍ୱରୀ ପାର୍ବତୀଙ୍କ ଅଙ୍ଗ ମଉଳିର ମିଶ୍ରଣରେ ଏକ ସୁନ୍ଦର ଶିଶୁପୁତ୍ର ସୃଷ୍ଟି ହୋଇଥିଲା । ସେହି ପୁତ୍ରଟିର ଶ୍ରଦ୍ଧାନାମ ଗଣେଶ । ପରେ ସେ ତାଙ୍କର ପିତାମାତା ଓ ସର୍ବ ଦେବାଦେବୀଙ୍କ ଆଶୀର୍ବାଦ କ୍ରମେ ଅଗ୍ରପୂଜ୍ୟ ଆଖ୍ୟା ଲାଭକରିଥିଲେ । ପ୍ରଭୂ ଶ୍ରୀଗଣେଶ ହେଉଛନ୍ତି ଏକାଧାରାରେ ଦୁଃଖ ନିବାରକ, ବିଘ୍ନନାଶକ, ସଙ୍କଟ ଦାୟକ, ଶୁଭ ମଙ୍ଗଳକାରକ, ସର୍ବାଗ୍ରେ ପୂଜିତ, ଗଣାଧକ୍ଷ, ଗଣନାଥ, ସ୍ୱର୍ଣ୍ଣମିତ୍ର, ଧୂମ୍ରକେତୁ, କପିଳୋ, ଭାଲଚନ୍ଦ୍ର, ଲମ୍ବୋଦର, ବିନାୟକ, ବକ୍ରତୁଣ୍ଡ ଇତ୍ୟାଦି ଇତ୍ୟାଦି ନାମରେ ପୂଜା ପାଇଥାନ୍ତି । ହିନ୍ଦୁମାନଙ୍କର ପରମ ଆରାଧ୍ୟ ଦେବତା ଶ୍ରୀଗଣେଶ ହେଉଛନ୍ତି ଦୁଃଖ ନିବାରକ ଓ ବିଘ୍ନ ନାଶକ । ସେ ସମସ୍ତଙ୍କର ଯଥା – ଦେବ, ଦାନବ ଓ ମାନବଙ୍କର । ତେଣୁ ଏଥିପାଇଁ ତାଙ୍କୁ ଗଣପତି କୁହାଯାଏ । ଗଣପତି ଶବ୍ଦକୁ ବ୍ୟାଖ୍ୟା କଲେ ଜଣାଯାଏ –' ଗ ' ର ଅର୍ଥ ଗଣ , ' ଣ ' ର ଅର୍ଥ ଜ୍ଞାନ , ' ଇ ' ର ଅର୍ଥ ଶକ୍ତି ଓ ମୁକ୍ତି , ' ଶ ' ର ଅର୍ଥ ସୁଖ ଓ ଶାନ୍ତି । ତେଣୁ ଏହିପରି ଭାବରେ ଶ୍ରୀଗଣେଶ ହେଉଛନ୍ତି ସ୍ୱୟଂ ଜ୍ଞାନଦାତା, ଶକ୍ତିଦାତା, ବିଘ୍ନ ବିନାଶକ, ସୁଖ ଶାନ୍ତି ପ୍ରଦାୟକ, ଅଗ୍ରପୂଜ୍ୟ ଇତ୍ୟାଦି । ଅନ୍ୟ ଏକ ଅର୍ଥରେ ବିଶ୍ଳେଷଣ କଲେ 'ଗଣ' ଶବ୍ଦର 'ଗ' ଅର୍ଥ ବୁଦ୍ଧି ଓ 'ଣ' ଅର୍ଥ ବିଜ୍ଞାନ । ତେଣୁ ପ୍ରଭୂ ଗଣପତି ବା ଗଣେଶ ହେଲେ ବୁଦ୍ଧି ଓ ବିଜ୍ଞାନର ପ୍ରଭୂ ।

ଶ୍ରୀଗଣେଶଙ୍କ ଦିବ୍ୟ ବିଗ୍ରହ ଅତି ବିଚିତ୍ର । ତାଙ୍କର ପାଦଠାରୁ ବେକ ପର୍ଯ୍ୟନ୍ତ ମନୁଷ୍ୟ ଶରୀର, ହସ୍ତୀର ମସ୍ତକ, ପୃଥୁଳ ଉଦର, ଏକ ଦନ୍ତ, ମୂଷିକ ବାହନ ଇତ୍ୟାଦି । ଏ ସମସ୍ତ ରୂପ ଅବୟବ ମଧ୍ୟରେ ଅନେକ ଗୁଢ ଓ ଧାର୍ମିକ ତତ୍ୱ ସଂଯୁକ୍ତ ହୋଇ ରହିଛି । ଗଣେଶଙ୍କର ବଡ ପେଟ ହେଉଛି ଉଦାରତା ଏବଂ ପୂର୍ଣ୍ଣ ସ୍ୱୀକୃତିର ପ୍ରତୀକ । ଏହାର ଅର୍ଥ ସାଧନା ପଥରେ ଯାଉଥିଲାବେଳେ ଅନେକ ବାଧାବିଘ୍ନକୁ ନିକ୍ଷେପ କରାଯିବା ସମୟରେ ଆମେ ସବୁକୁ ଅତି ସହଜ ଭାବରେ ଗ୍ରହଣ କରି ନିଜ ପଥରେ ଯିବା ଉଚିତ ହେବ । ତାଙ୍କର ବିଶାଳ ମସ୍ତକଟି ହେଉଛି ପ୍ରଚୁର ବୁଦ୍ଧିର ପ୍ରତୀକ । ତାଙ୍କର ବିଶାଳ କର୍ଣ୍ଣ ଦୁଇଟି ସୁଚାଇଦିଏ ଯେ ସବୁ କଥା ଶ୍ରବଣ କରିବ, କିନ୍ତୁ ଭଳି କଥାଗୁଡିକୁ ସ୍ୱତନ୍ତ୍ର କରି ରଖିଦେଇ ଅନାବଶ୍ୟକ ମୂଲ୍ୟହୀନ କଥାକୁ ତ୍ୟାଗ କରିବ । ସେହିପରି ତାଙ୍କର ବପୁ ବିଶାଳ ହେଲେ ବି ଚକ୍ଷୁ ଦୁଇଟି କ୍ଷୁଦ୍ର ଅର୍ଥାତ ପ୍ରତିଟି ଜିନିଷକୁ ହାତୀ ପରି ନିରୀକ୍ଷଣ ଶକ୍ତି ଥିବା ଆବଶ୍ୟକ । ମୂଷିକଟି କ୍ଷୁଦ୍ର ଜୀବଟିଏ ହେଲେବି ସେ ତାର ପୁଣ୍ୟ ବଳରେ ହୋଇପାରିଛି ଗଣେଶଙ୍କ ବାହନ । ଗଣେଶଙ୍କ ଦୀର୍ଘ ଶୁଣ୍ଢ ହେଉଛି ପ୍ରଚଣ୍ଡ ଧୀ-ଶକ୍ତିର ପ୍ରତୀକ । ଅଭୟ ମୁଦ୍ରାରେ ଉପରକୁ ଉଠିକରି ଥିବା ଗଣେଶଙ୍କର ହାତଟି ହେଉଛି ଆଶ୍ୱାସନାର ପ୍ରତୀକ ଏବଂ ମୁଦ୍ରାରେ ଥିବା ଅନ୍ୟ ହାତଟି ହେଉଛି ଯିଏ ଗଣେଶଙ୍କୁ ଭକ୍ତିର ସହ ପୂଜା କରେ ସିଏ ନିରନ୍ତର ଶ୍ରୀଗଣେଶଙ୍କଠାରୁ ଶକ୍ତି ଓ ସାମର୍ଥ୍ୟ ଲାଭ କରିଥାଏ । ଗଣେଶଙ୍କର ଗୋଟିଏ ଦାନ୍ତ ହେଉଛି ଏକାଗ୍ରତାର ପ୍ରତୀକ । ପୌରାଣିକ ମତରେ ଗଣେଶଙ୍କର ଦୁଇଟି ପତ୍ନୀ ରିଦ୍ଧି ଓ ସିଦ୍ଧି ଯଥାକ୍ରମେ ସୌଭାଗ୍ୟ ଓ ସଫଳତାର ପ୍ରତୀକ । ସ୍ୱସ୍ତିକ ଚିହ୍ନ ହେଉଛି ତାଙ୍କର ଶୁଭ ଓ ମଙ୍ଗଳକାରୀର ପ୍ରତୀକ । ଗଣେଶଙ୍କର ଶରୀରର ବର୍ଣ୍ଣ ତୁଷାର ଧବଳ ହୋଇଥିବାର କାରଣ ହେଲା – ଏହା ଅଜ୍ଞାନ ରୂପକ ଅନ୍ଧକାରକୁ ବିନାଶ କରିଥାଏ । ଗଣପତି ହେଉଛନ୍ତି ସମସ୍ତ ଜୀବଗଣଙ୍କର ପତି । କିନ୍ତୁ ତାତ୍ୱିକ ଦୃଷ୍ଟିକୋଣରୁ ଜଣାଯାଏ – ଗଣ ହେଉଛି ଆମ ଶରୀର ଭିତରେ ଥିବା ସମସ୍ତ ଇନ୍ଦ୍ରିୟ ଯଥା- ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା ଓ ଚର୍ମ ଏବଂ କର୍ମେନ୍ଦ୍ରିୟ ହେଉଛି ବାକ୍, ପାଣି, ପାଦ, ବାୟୁ ଓ ଉପସ୍ଥ । ଏମାନଙ୍କ ଅଧିପତି ହେଉଛି ମନ ଏବଂ ମନକୁ ନିୟନ୍ତ୍ରଣ କରୁଥିବା ବୁଦ୍ଧି, ଏ ସମସ୍ତଙ୍କର ନିୟନ୍ତ୍ରଣ କର୍ତା ହେଲେ ଗଣପତି । ସେ ସମସ୍ତ ଶରୀରରେ ବିଦ୍ୟମାନ । ତେଣୁ ଗଣେଶଙ୍କୁ ଆରାଧନା କରିବା ମାନେ ଅନ୍ତର୍ମୁଖୀ ହୋଇ ଏହି ଦିବ୍ୟସତ୍ୱାକୁ ଅନୁଭବ କରିବା । ତେଣୁ ଗଜାନନ ଯିଏକି ବିଦ୍ୟାବୁଦ୍ଧିର ଅଧିକାରୀ, ଯାହାଙ୍କ ପାଖରେ ସୃଷ୍ଟିର ରହସ୍ୟ, ଯିଏ ପାପ ବିନାଶକାରୀ, ଶତ୍ରୁ ସଂହାରକାରୀ, ସେ ସର୍ବ ଦେବାଦେବୀଙ୍କ ଆଗରେ ସ୍ଥାନ ପାଇ ଆସିଛନ୍ତି । ସେ ସଦା ସର୍ବଦା ବିଘ୍ନ ବିନାଶକାରୀ । ସୃଷ୍ଟିରେ ତେତ୍ରିଶକୋଟି ଦେବାଦେବୀଙ୍କ ମଧ୍ୟରେ ଅଗ୍ରପୂଜ୍ୟ ହୋଇ ବିଶ୍ୱବ୍ରହ୍ମାଣ୍ଡରେ ତଥା ପୃଥିବୀରେ ଗଣଦେବତା ଭାବେ ପଦବାଚ୍ୟ ହୋଇଛନ୍ତି ।

ଏଣୁ ଏସବୁ ସତ୍ୱେ ସଂପ୍ରତି କେତେକ ଶିକ୍ଷାନୁଷ୍ଠାନକୁ ବାଦ୍ ଦେଲେ ଓଡିଶାର ପୁରପଲ୍ଲୀ ତଥା ସହରାଂଚଳମାନଙ୍କରେ ପୂଜା ନାଁରେ ଏବେ ପ୍ରତିଦ୍ୱନ୍ଦୀତା ଚାଲିଛି । ପ୍ରଥମେ ଗ୍ରାମାଂଚଳକୁ ବିଚାରକୁ ନେଲେ ପ୍ରାୟ ଅଧିକାଂଶ ଗାଁରେ ରାଜନୈତିକ ହିଂସା କିମ୍ବା ଅନ୍ୟ କୌଣସି କାରଣବଶତଃ ଗାଁସବୁ ବିଭାଗ ହେବା ଫଳରେ କ୍ଲବ ପିଲାମାନଙ୍କ ମଧ୍ୟରେ ଭାଗ ଭାଗ ହୋଇ ପୂଜା ଅନୁଷ୍ଠିତ ହେଉଛି । ଯାହାଦ୍ୱାରା ପୂଜାରେ ସାଉଣ୍ଡ୍ ବକ୍ସର ଉତ୍କଟ ଶବ୍ଦରେ ଗାଁମାନଙ୍କରେ ଶବ୍ଦ ପ୍ରଦୁଷଣ ଯଥେଷ୍ଟ ମାତ୍ରାରେ ବୃଦ୍ଧି ପାଇବାରୁ ଏହା ମନରେ ଜନଅସନ୍ତୋଶ ସୃଷ୍ଟି କରିବାରେ ଲାଗିଛି । ପ୍ରତିଦ୍ୱନ୍ଦୀତାମୂଳକ ବଜାରରେ ପଣ୍ୟଦ୍ରବ୍ୟ ବିକ୍ରୟ ହେଉଥିଲା ଭଳି ଗଣେଶ ପୂଜା ଓ ଭଷାଣୀ ପ୍ରତିଦ୍ୱନ୍ଦୀତାର ସହ ଆରମ୍ଭ ହୋଇ ସମାପନ ହେଉଅଛି । ଗାଁଗଣ୍ଡାରେ ରାଜନୈତିକ କନ୍ଦଳ ଯୋଗୁଁ ଗ୍ରାମବାସୀଙ୍କ ମଧ୍ୟରେ ମନାନ୍ତର ତଥା ଗଣ୍ଡଗୋଳ ଲାଗିରହୁଥିବାରୁ ଏହା ପୂଜା ସମୟରେ ବିଷମ ପରିସ୍ଥିତି ସୃଷ୍ଟି କରୁଛି । ଏଭଳି ଭାବେ ପୂଜା କରିବା କେବଳ ଲୋକ ଦେଖାଣିଆ ବା ଏକ ପ୍ରହସନ ବ୍ୟତୀତ ଆଉ କିଛି ନୁହେଁ । ମନରୁ ଭକ୍ତିଭାବ ତ୍ୟାଗ କରି ବାଜା, ବାଣ, ମାଇକ୍‌ରେ ଗୁଡାଏ ଅର୍ଥ ବ୍ୟୟ କରି, ପଡୋଶୀ ପଡୋଶୀଙ୍କ ମଧ୍ୟରେ ମନ ଫଟାଫଟି ଥିଲାବେଳେ ଏଭଳି ପରସ୍ଥିତିରେ ପୂଜା କରିବାର ମାନେ କିଛି ନଥାଏ । ଏସବୁ ଖାଲି ଲୋକ ଦେଖାଣିଆ ତଥା ଆତ୍ମବଡିମା ବ୍ୟତୀତ ଅନ୍ୟ କିଛି ନୁହେଁ ପରି ମନେ ହୁଏ । ପୁନଶ୍ଚ ଓଡିଶା କାହିଁକି ବରଂ ଭାରତର ବଡ ବଡ ସହର ତଥା ନଗରମାନଙ୍କରେ ମଧ୍ୟ ଖୁବ ଜାକଯମକରେ କେଉଁ ଅନାଦି କାଳରୁ ପ୍ରତି ବର୍ଷ ଗଜାନନ ଚତୁର୍ଥୀ ବ୍ରତ ମହା ସମାରୋହରେ ପାଳିତ ହେଉଅଛି । କିନ୍ତୁ ପ୍ରକୃତ କଥା ଦେଖିବାକୁ ଗଲେ ଏବେ ସହରମାନଙ୍କରେ ଯେଉଁଭଳି ଭାବେ ଗଣନାଥଙ୍କ ପୂଜା ଅନୁଷ୍ଠିତ ହେଉଛି, ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି । ସାହି ସାହି ମଧ୍ୟରେ ଅନୁଷ୍ଠିତ ପୂଜା ପ୍ରତିଦ୍ୱନ୍ଦୀତାମୂଳକ ରୂପ ଧାରଣ କରୁଥିବାରୁ କେଉଁ ସାହିରେ ସୁନା ମୂର୍ତି ତ ଆଉ କେଉଁ ସାହିରେ ରୁପାର ମୂର୍ତି, ଆଉ କେଉଁ ସାହିରେ ଚାନ୍ଦିରେ ନିର୍ମିତ ମୂର୍ତିରେ ଝଲସୁଛନ୍ତି ପ୍ରଭୂ ଗଣନାଥ । ଏହିସବୁ କାରଣରୁ ସାହି ସାହି ଓ ବସ୍ତି ବସ୍ତି ମଧ୍ୟରେ ଗଣ୍ଡଗୋଳ ଘଟିବାରୁ ଏହା ପର ମୁହୁର୍ତରେ ପ୍ରତିଦ୍ୱନ୍ଦୀତା ଆଡକୁ ମୁହାଉଁଛି । ଉକ୍ତ ପୂଜାରେ ଅଜସ୍ର ଅର୍ଥ ପାଣି ସଦୃଶ ଖର୍ଚ୍ଚ ହେଉଥିବା ସମସ୍ତଙ୍କ ନଜରକୁ ଆସୁଥିଲେ ମଧ୍ୟ ଏତେ ପଇସା କିପରି ତଥା କେଉଁମାନଙ୍କଠାରୁ ଆଦାୟ ହେଉଛି ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି । ସହରର ପ୍ରତିଟି ଗଳିକନ୍ଦିରେ ଗଜାନନଙ୍କ ପୂଜା ବଡ ଧୁମଧାମ ସହ ଅନୁଷ୍ଠିତ ହେଉଥିଲାବେଳେ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ଯୋଗୁଁ ଏହା ଏକ ଭୟାନକ ପରିସ୍ଥିତି ସୃଷ୍ଟି ହେଉଛି । ଲୁଟତରାଜଠାରୁ ଆରମ୍ଭ କରି ଭିଡରେ ନାରୀମାନଙ୍କ ପ୍ରତି ଅଶାଳୀନ ବ୍ୟବହାର ଓ ଗଣ୍ଡଗୋଳ ପର୍ଯ୍ୟନ୍ତ ଦେଖାଦେଉ ଥିବାରୁ ଏହା ପ୍ରଭୂ ଗଣନାଥଙ୍କ ପ୍ରତି ବଡ ଅସମ୍ମାନ ହେଉଥିଲା ପରି ମନେ ହେଉଛି । ନାରୀଟିଏ ଖୁସି ତଥା ସୁଦ୍ଧପୁତ ମନରେ ପରିବାର ସହ ଗଣେଶଙ୍କୁ ଦର୍ଶନ କରିବାକୁ ଘରୁ ଗୋଡ କାଢିଥିଲାବେଳେ, ସେ ଯଦି କେତେକ ଅସଭ୍ୟ ତଥା ନିର୍ଲଜ ବ୍ୟକ୍ତିଙ୍କ ଶିକାର ହୁଏ, ତେବେ ଏଭଳି ପୂଜା କରିବାର ଯଥାର୍ଥତା କେଉଁଠି ? ତେଣୁ ସୁଦ୍ଧପୁତ ମନରେ ପୂଜା କରିବା ସହ ଲୋକ ଦେଖାଣିଆ କାର୍ଯ୍ୟକଳାପରୁ ଦୂରରେ ରହି, ପ୍ରତିହିଂସା ପରାୟଣ ନହୋଇ ପ୍ରତିଦ୍ୱନ୍ଦୀତାର ମନବୃତି ପରିତ୍ୟାଗ କରି, ସମାଜର ଅଭିବୃଦ୍ଧି ନିମନ୍ତେ କାନ୍ଧରେ କାନ୍ଧ ମିଶାଇ ଆମ ଓଡିଶାର ସ୍ୱାଭିମାନ, ପ୍ରାଚୀନ ସଂସ୍କୃତି ତଥା ପରମ୍ପରା ପ୍ରତି ସଠିକ୍ ଭାବେ ଧ୍ୟାନ ଦେଲେ ଏଭଳି ଦୁଃଖଦ ପରିସ୍ଥିତି ଭବିଷ୍ୟତରେ ସୃଷ୍ଟି ହେବ ନାହିଁ. ଏହା ନିଃସନ୍ଦେହ ।

*ଜଗତ୍‌ସିଂହପୁର*
*ମୋ - ୯୯୩୭୪୧୨୫୧୫*

# ମୋକ୍ଷ ପଥ

ଯୋଗୀ ଗଣେଶ୍ୱର

ଭାଗ-୨୧

***"ଗୁରୁ ଯେ ବୋଇଲେ ଦୀକ୍ଷା ଆମ୍ଭେ ଦେଲୁ ଦକ୍ଷିଣା ଦିଅ ଇଚ୍ଛାଏ। ଦକ୍ଷିଣାକୁ ଦେଲି ବଙ୍ଗ ବଜାରକୁ ରକ୍ଷାକର ମହାଶୟେ ।।"***

ନିଜ ନଗ୍ରରେ ବୁଲି ପଞ୍ଚଦ୍ୱାରରୁ ଭିକ୍ଷାନ୍ନ ସଂଗ୍ରହ କରିବା ପରେ ଯୋଗୀ ଗୋବିନ୍ଦ ଗୁରୁଙ୍କ ନିକଟରେ ଆସି ପହଞ୍ଚିଲେ। ଗୁରୁ ହାଡ଼ିପା ଆନନ୍ଦ ଗଦଗଦ୍ ଚିତ୍ତରେ ଗୋବିନ୍ଦଙ୍କୁ ପାଖରେ ବସାଇ ମଥା ସାଉଁଳି ଦେଲେ। କହିଲେ-ଗୋବିନ୍ଦ, ଗୁରୁଶିଷ୍ୟ ପରମ୍ପରାରେ ଗୁରୁଦକ୍ଷିଣା ଦେବା ବିଧି ରହିଛି। ତୁମେ ପ୍ରଥମ ଦିବସର ଭିକ୍ଷା କର୍ମ ସଂପାଦନ କଲ। ଏବେ ଆମ୍ଭଙ୍କୁ କି ପ୍ରକାର ଦକ୍ଷିଣା ଦେଉଛ ଦିଅ ତାହା ସାଦରେ ଗ୍ରହଣ କରିବୁ। ଗୁରୁଙ୍କ ବଚନ ଶ୍ରବଣ କରି ଗୋବିନ୍ଦ କରଯୋଡ଼ି ନମ୍ର କଣ୍ଠରେ କହିଲେ,ଗୁରୁଦେବ,ତୁମ୍ଭ ଆଜ୍ଞାରେ ସକଳ ସମ୍ପଦ ତ୍ୟାଗ କଲି। ମାତ୍ର ସମଗ୍ର ବଙ୍ଗଦେଶକୁ ତୁମ୍ଭ ଚରଣରେ ବନ୍ଦନା କରି ଅର୍ପଣ କରି ଦେଉଛି। ନିବେଦନ କରୁଛି ତାହାକୁ ଗୁରୁଦକ୍ଷିଣା ଭାବରେ ଗ୍ରହଣ କର। ଗୋବିନ୍ଦଙ୍କ ନିର୍ମଳଭାବ ଦେଖି ହାଡ଼ିପା କହିଲେ,ତୁମ୍ଭେ ଯାଚି ଦେଲ ଆମ୍ଭେ ଗ୍ରହଣ କଲୁ। ହେଲେ ସେଥିରେ ଆମ୍ଭର କିଛି କାର୍ଯ୍ୟ ନାହିଁ। ସଦ୍‌ଗୁରୁ ଧନ ସମ୍ପତ୍ତି ,ଇନ୍ଦ୍ରିୟ ସୁଖର ଧାର ମାଡ଼ନ୍ତି ନାହିଁ। ଏବେ ତୁମ୍ଭଠାରୁ ଗୁରୁଦକ୍ଷିଣା ସାଦରେ ଗ୍ରହଣ କଲି। ଏବେ ଆସ ଗୋବିନ୍ଦ, ଆଜ ପୂର୍ଣ୍ଣିମାର ଚନ୍ଦ୍ରାଲୋକ ରଜନୀରେ ଶ୍ରୀହରିଙ୍କ ଚରଣରେ ମନ ଲଗାଇବା। ବନପଥର ପାର୍ଶ୍ୱରେ ଥିବା ବଟବୃକ୍ଷ ମୂଳରେ ବସି ହାଡ଼ିପା ପ୍ରବୋଧନା ବାକ୍ୟରେ କହିଲେ,ଶିଷ୍ୟ ଗୋବିନ୍ଦ,ଏବେ ତୁମେ ଅନ୍ଧ ହୋଇ ଯାଅ ! ଶରୀରର ସମସ୍ତ ଇନ୍ଦ୍ରିୟଙ୍କୁ ରୋଧ କରି ମୋତେ ତୁମେ ଯଷ୍ଟି ଭଳି ଧରି ରଖ ! ତାପରେ ଧୀରେ ଧୀରେ,ପାଦ ଚିପି ଚିପି, ଦରାଣ୍ଡି ଓଟାରି ହୋଇ ଆଗକୁ ମାଡ଼ିଚାଲ ! ଗୁରୁ ରୂପକ ଯଷ୍ଟିକୁ ଜାବୁଡ଼ି ଧରିଥିବ। କେବେ କୌଣସି ପରିସ୍ଥିତିରେ ବି ଗୁରୁଙ୍କୁ ଅନ୍ତର କରିବ ନାହିଁ।

ଗୁରୁ ହାଡ଼ିପା ପୁଣି ସାନ୍ତ୍ୱନାବାଣୀରେ କହିଲେ-ଗୋବିନ୍ଦ,ଗ୍ରାମେ ଗ୍ରାମେ ପ୍ରତିଷ୍ଠିତ ଦେବାଦେବୀଙ୍କ ସହିତେ ନରନାରାୟଣଙ୍କ ଦର୍ଶନ ଦିଗରେ ଅଗ୍ରସର ହୁଅ। ସର୍ବଦେବାଦେବୀଙ୍କୁ ସନ୍ତୋଷ କରିବା ଭଳି ମନ୍ତ୍ର ଗାନ କର ! ସେମାନଙ୍କୁ ପୂଜା କର,ଶରଣ ନିଅ ! ବିଷ୍ଣୁଙ୍କର ପାର୍ଶ୍ୱ ଦେବତା ସନ୍ତୋଷ ନ ହେବା ଯାଏଁ ତୁମେ ବିଷ୍ଣୁମାୟାରୁ ବର୍ତ୍ତି ପାରିବ ନାହିଁ। ମାୟାର ଭିନ୍ନ ଭିନ୍ନ ସ୍ତରରୁ ତୁମେ କ୍ଷୁଦ୍ର ଅଂଶ ମାତ୍ର ସମାପ୍ତ କରିଛ। ଆହୁରି ଅନେକ ମାୟାର ସମ୍ମୁଖୀନ୍ନ ହେବ। ସେଇ ମାୟାର ଫାଟକ ଗୁଡ଼ିକ ପାର ହେବା ପାଇଁ ତୁମକୁ ଅନେକ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ନିରାକାର ନାଥଙ୍କର କୃପା ମିଳିଗଲେ ସେଇ ଫାଟକ ଗୁଡ଼ିକ ଆପଣାଛାଏଁ ଖୋଲିଯାଏ। ସର୍ବଦା ବିଷ୍ଣୁଙ୍କ ନାମ ସ୍ମରଣ କଲେ ପଥ ପରିଷ୍କାର ହୋଇଥାଏ। ସଦାକାଳେ ମୋର ବଚନ ରକ୍ଷା କରୁଥିବ। ତୁମ ମୃତ୍ୟୁ ବେଳା ପହଞ୍ଚିବା ପୂର୍ବରୁ ଦେବଲୋକ ଅତିକ୍ରମ କରି ଉର୍ଦ୍ଧ୍ୱକୁ ଚାଲିଯାଅ ! ଯମଦେବ ତୁମକୁ ଖୋଜି ଖୋଜି ଶେଷରେ ନିରାଶ ହୋଇ ଫେରିବେ। ବସ୍ ଗୋବିନ୍ଦ, ଭିକ୍ଷା ସଂଗ୍ରହ ନିମନ୍ତେ ତୁମେ ବିଭିନ୍ନ ରାଜ୍ୟ ନଗ୍ର ଆଦି ଭ୍ରମଣ କରିବ। କଠଉ ମାଡ଼ି ପାଦ ପରେ ପାଦ ଥାପି ଏକଲୟରେ ବାଟ ଚାଲୁଥିବ। କେଉଁ କେଉଁ ସ୍ଥାନରେ ମହାବିଷ୍ଣୁଙ୍କର କେଉଁ ନାମ ଉଚ୍ଚାରଣ କଲେ ତୁମ୍ଭଙ୍କୁ ପ୍ରମାଦ ପଡ଼ିବ ନାହିଁ ସେ ତତ୍ତ୍ୱ ତୁମକୁ ବୁଝାଇ କହୁଛି ଶ୍ରବଣ କର। ପ୍ରାତଃରେ ବ୍ରାହ୍ମ୍ୟମୁହୂର୍ତ୍ତରେ ଯାତ୍ରା ଆରମ୍ଭ କରିବ। ଶ୍ରୀବାମନଦେବଙ୍କୁ ନମସ୍କାର ଜଣାଇ ପ୍ରଥମେ ଦକ୍ଷିଣ ପାଦରେ ପଦଚଲା ଆରମ୍ଭ କରିବ। ଭୋଜନ କାଳରେ ପ୍ରଭୁ ଜନାର୍ଦ୍ଦନଙ୍କୁ ସ୍ମରଣ କରିବ। ଶୟନ କାଳରେ ପଦ୍ମନାଭଙ୍କୁ ଭଜିବ। ଦୁଃସ୍ୱପ୍ନ ଦେଖିଲେ ମୁଖେ ଗୋବିନ୍ଦ ନାମ ଉଚ୍ଚାରିବ। ପ୍ରିୟଜନ ସମାଗମ କାଳରେ ଶ୍ରୀଧରଙ୍କୁ ଡାକିବ। ବନସ୍ତରେ ଗମନ କରୁଥିଲେ ନୃସିଂହ ରୂପକୁ ସୁମରଣା କରିବ। ପର୍ବତେ ଶ୍ରୀରାମଙ୍କୁ ଭଜିବ। ବିପଦ ପଡ଼ିଲେ ମଧୁସୁଦନଙ୍କୁ, ଜଳରେ ପଡ଼ିଲେ ବିଷ୍ଣୁ ବରାହଙ୍କୁ ଡାକିବ। ଅଗ୍ନିରେ ପଡ଼ିଲେ ଜଳାଶାୟୀ ବିଷ୍ଣୁ, ଆକାଶେ ଦେବ ନିରାକାର। ପାତାଳେ ଅନନ୍ତ,ସ୍ଥଳଭାଗରେ ଜଗନ୍ନାଥଙ୍କୁ ସ୍ମରିବ। ଏହିପରି ନିଷ୍ଠା,କୃଚ୍ଛ୍ରସାଧନା ବଳରେ ତୁମେ ଅମର ବରଦାତା ମହାବିଷ୍ଣୁଙ୍କ ପାଖରେ ପହଞ୍ଚି ପାରିବ। ତୁମ ଡାକ ଶୁଣିବା ପରେ ସେ ଯେଉଁଠାକୁ ନେବେ,ଯେପରି ବାଟ କଢ଼ାଇବେ, ସେଥି ନିମନ୍ତେ ତୁମେ ପ୍ରସ୍ତୁତ ରହିଥାଅ। ବାସ୍,ତାପରେ ଦେଖିବ ସବୁ ଠିକ୍ ହୋଇଯିବ।

କେତେ ସମୟ ନିରବତା ପରେ ହାଡ଼ିପା ପୁଣି କହିଲେ-ବସ୍ ଗୋବିନ୍ଦ, ଅନ୍ତରର ଦ୍ୱାର, ଝର୍କା ଖୋଲି ଦିଅ। ଚକ୍ଷୁ ସାମନାକୁ ଯାହା ଆସିବ,ସେ ସବୁ ତାଙ୍କରି ରୂପ ! ଯେତେବେଳେ ତାଙ୍କ ଛଡ଼ା ଆଉ କିଛି ତୁମ୍ଭଙ୍କୁ ଦୃଶ୍ୟ ହେବ ନାହିଁ,ସେଇ କାଳରେ ତୁମେ ବିଭୁ ପ୍ରେମରେ ଅନ୍ଧତ୍ୱ ପ୍ରାପ୍ତ ହେବ। ଚକ୍ଷୁ ଖୋଲିଲେ ପ୍ରଭୁ ନ ଖୋଲିଲେ ବି ପ୍ରଭୁ ! ଜଗତକର୍ତ୍ତାଙ୍କର ନିତ୍ୟ ସ୍ମରଣଲୀଳାରେ ତୁମକୁ ଝାସ ଦେବାକୁ ପଡ଼ିବ। ଇନ୍ଦ୍ରିୟମାନଙ୍କୁ ରୋଧ କରି ଜ୍ଞାନଗୁଣରେ ପରିପୂର୍ଣ୍ଣ ହୋଇଯାଅ ! ଇନ୍ଦ୍ରିୟମାନଙ୍କ ମଧ୍ୟରେ ଜିହ୍ୱା ବହୁ ବିଶୃଙ୍ଖଳାର କାରଣ। ବାକ୍ ଶକ୍ତି ପ୍ରକାଶ କରିବାରେ,ଭୋଜନର ସ୍ୱାଦ ଚାଖିବାରେ ଜିହ୍ୱା କ୍ରିୟାକାରୀ ଇନ୍ଦ୍ରିୟ। ଯାହାର ମନ ଶିଥିଳ,ନିୟନ୍ତ୍ରିତ ସେ ହିଁ ସହଜରେ ଏହି ଇନ୍ଦ୍ରିୟକୁ ଜୟ କରି ପାରିବ। ତୁମେ ତୁମ୍ଭ ଜିହ୍ୱା ପ୍ରତି ସାବଧାନ ରୁହ,ଏହା ମୋର ନିର୍ଦ୍ଦେଶ। ହରି ଓଁ ତତ୍‌ସତ୍ !

*ଦୂରଭାଷ-୯୬୬୮୬୩୧୨୫୭*




**କ**ଣ କହିଲା ? ଭୟ ଓ ଆଶଙ୍କାରେ ଥରିଉଠୁଥିଲା ତନ୍ଦ୍ରା।

ଏଇଆ..ଯେ ତୁମେ ମୋତେ ଖୁବ୍ ଭଲପାଅ ବୋଲି। ସହଜ ଭାବେ ହସିହସି କହିଲା ଦେବଦାସ।

ବାସ୍ ଏତିକି। ଆଉ କିଛି ନୁହଁ? ପ୍ରଶ୍ନ କଲା ତନ୍ଦ୍ରା।

ଆଉ କଣ ଅଛି ତୁମେ ଯଦି ଜାଣିଛ କୁହ। ପାଲଟା ପ୍ରଶ୍ନ କଲା ଦେବା।

ନା..ଆଉ କିଛି ନାହିଁ। କହି ଲାଜରେ ଝାଉଁଳି ପଡୁଥିଲା ତନ୍ଦ୍ରା ଆଉ ଭାବୁଥିଲା ରେଣୁକା ସତରେ ଗ୍ରେଟ୍ ହୋଇପାରେ। ସେ କିନ୍ତୁ ହୋଇପାରିବନି। ସେତେବଡ ହାର୍ଟ ତା ପାଖେ ନାହିଁ। ସେ ଯାହା ଭାବୁ ପଛେ ତନ୍ଦ୍ରା ଅସହାୟ ଥିଲା। ତା ବ୍ୟକ୍ତିତ୍ୱ ଛୋଟ ହୋଇଯାଇଥିଲା ରେଣୁକା ପାଖେ।

ଦେବା କିନ୍ତୁ ଭାବୁଥିଲା ରେଣୁକା କଥା..! ସେଦିନ ଗୋଟେ ଅଳସ ସନ୍ଧ୍ୟାରେ ରେଣୁକାକୁ ରେଷ୍ଟୁରାଂଟକୁ ଡାକିଥିଲା ଦେବଦାସ ସେ ମୁମ୍ବାଇ ଯିବା ପୂର୍ବରୁ।

ହାଏ ରେଣୁକା। କେମିତି ଅଛ ?

ଭଲ। ଆଉ ତୁମେ ?

ଠିକ୍‌ଠାକ୍। କହିଲା ଦେବଦାସ।

ନୂଆ ଜବ୍ ଠିକ୍ ଲାଗୁଛି ତ ? ଏମିତି କାଜୁଆଲି ପଚାରିଲା ରେଣୁକା କଫି ପିଉପିଉ।

ହଁ। ତୁମେ କିନ୍ତୁ ମୁମ୍ବଇ ଚାଲିଗଲ କାହିଁକି। ଗୋଟେ ସହରରେ ଜବ୍ ପସିବ୍ଲ ଥିଲା ତ ! କହିଲା ଦେବଦାସ।

ମୁମ୍ବଇ ମୋ ପାଇଁ ବେଟର୍ ଥିଲା।

ଗୋଟେ କଥା କହିବାର ଥିଲା ରେଣୁକା। କହିପାରିବି।

କୁଣ୍ଠିତ ସ୍ୱରରେ ରେଣୁକା କହିଲା-କୁହ। ଯେମିତି ସେ ଜାଣିସାରିଥିଲା ଦେବଦାସର ପ୍ରଶ୍ନ ବିଷୟରେ।

ଓ୍ୱିଲ ୟୁ ମ୍ୟାରି ମି। ଆଇ ଆଡ୍‌ମ୍ୟାର୍ ୟୁ ରେଣୁକା। ମୁଁ ତୁମକୁ ମୋର ଜୀବନ ସାଥୀ ବନାଇବାକୁ ଚାହେଁ। ଚମକି ପଡିଲା ରେଣୁକା। ତା ମୁହଁ ଶୁଖିଯାଉଥିଲା ନିଆଁ ଧାଁସରେ ଫୁଲ ଝାଉଁଳିଯିବା ପରି ! ତା ଆଖି କୋଣରେ ଲୁହ ବୁନ୍ଦା ଝଲମଲ ହେଉଥିଲେ। ତେବେ ବି ସେ ନିଜକୁ ସଂଭାଳିନେଇ କହିଲା-ତନ୍ଦ୍ରା ତୁମକୁ ଖୁବ୍ ଭଲପାଏ।

ହୋଇପାରେ। କିନ୍ତୁ ମୁଁ..ମୁଁ ତୁମକୁ ଭଲପାଏ ରେଣୁକା। ପ୍ରଥମ ଦିନରୁ ତୁମ ପ୍ରତି ମୋର ଅହେତୁକ ଆକର୍ଷଣ। ଏ ମୋର ସାରା ଜୀବନର ପ୍ରଶ୍ନ। ଦିନେ ଦୁଇ ଦିନର କଥା ନୁହେଁ। ସେ ଚୁପ୍ ହୋଇଗଲା ଅନେକ ସମୟ। କଫି କପ୍ ଥଣ୍ଡା ହୋଇଗଲେ କିଛି ସମୟ ପରେ। ଅଧା ପିଆ ହୋଇ ରହିଗଲା କଫି।

ହେଲେ ତାର ସେଇ କଥାପଦକ ଆଜି ବି ବାରମ୍ବାର ତା କାନରେ ବାଜିଉଠେ ଘଂଟା ପରି

ନା ଦେବଦାସ..ମୁଁ ଅଲରେଡି ଏନଗେଜ୍‌ଡ। ତୁମ ପ୍ରେମକୁ ସମ୍ମାନ କରୁଛି। କିନ୍ତୁ ଗ୍ରହଣ କରିପାରିବିନି। ସରି। ୟୁ ଆର୍ ଓନ୍ଲି ମାଇଁ ଫ୍ରେଣ୍ଡ୍। ଏତିକି କହି ସେ ଦେବଦାସର ପ୍ରପୋଜାଲ୍‌କୁ ନାଁରେ ଉଡେଇଦେଲା। ଦେବା ସେଦିନ ଖୁବ୍ ଆଘାତ ପାଇଛି। ରେଣୁକାକୁ ସେ ପ୍ରଥମ ଦେଖାରେ ପସନ୍ଦ କରିଥିଲା। କିନ୍ତୁ ସେ ତାକୁ ରିଜେକ୍ଟ କରିଦେଲା ଏତେ ସହଜରେ ! ତା ପରେ ସେ ଉଠିଯାଇଥିଲା ସମୟର ଆଳରେ।

ଦେବଦାସ ଏମିତି କେତେ ସମୟ ସେ ରେଷ୍ଟୁରାଂଟରେ ବସିଥିଲା ଜାଣିନି। ବୋଧେ ଲାଷ୍ଟ କଷ୍ଟମର୍ ଥିଲା ସେ ରାତିର। ଗୁଡେ ବିୟର୍ ପିଇଥିଲା ପ୍ରଥମ କରି। ସଂପୂର୍ଣ୍ଣ ଭାବେ ଭାଙ୍ଗିପଡୁ ପଡୁ ତନ୍ଦ୍ରାର ପ୍ରେମ ତାକୁ ପୁଣି ସଜାଡି ଦେଇଥିଲା ଅବଶ୍ୟ। ହେଲେ ପ୍ରଥମ ପ୍ରେମ ମରିପାରିନି ମନତଳୁ।

ରେଣୁକା ଏମିତି ନିଷ୍ଠୁର ହେବାକୁ ବାଧ୍ୟ ହୋଇ ମିଛର ଆଶ୍ରୟ ନେଇଥିଲା। ତନ୍ଦ୍ରାର ସ୍ୱାର୍ଥପରତା ତାକୁ ଭାଙ୍ଗି ଦେଇଥିଲା ନିର୍ମମ ଭାବେ। ହେଲେ ସେ ଏବେ ବି ତା ବନ୍ଧୁତାକୁ ସମ୍ମାନ ଦେଇଛି। ଚାହିଁଥିଲେ ସେ ଦେବଦାସକୁ ଚୟନ କରି ତା ଉପରେ ପ୍ରତିଶୋଧ ନେଇପାରିଥାନ୍ତା। ହେଲେ କାହା ଆଖିର ଲୁହରେ ସେ କଣ ସୁଖୀ ହୋଇପାରିଥାନ୍ତା କେବେ ! ପ୍ରତିଶୋଧ କାହାର ମନକୁ କଣ ଋଣଗ୍ରସ୍ତ କରିପାରେ ? ସାରା ଜୀବନ ତନ୍ଦ୍ରା ସେ କରଜ ବୋହୁଥାଉ। ସେଦିନ ଦେବଦାସକୁ ନାଁ କରି ଫେରି ଆସିବା ପରେ ତକିଆରେ ମୁହଁ ଗୁଂଜି ଢେର୍ କାନ୍ଦିଥିଲା ସେ। ଦେବଦାସକୁ ସେ ବି ତ ପ୍ରେମ କରିଥିଲା ନା ! ଏମିତି ତା ମନରେ ଆଘାତ ଦେବାକୁ ଯାଇ ନିଜେ ରକ୍ତାକ୍ତ ହେଲା ! ଏ କ୍ଷତକୁ ସେ ସହିଯିବ। ହେଲେ ସାରା ଜୀବନ ଯେଉଁ ପ୍ରତାରଣାର ଆଘାତ ଲଗାଇଥାନ୍ତା ତନ୍ଦ୍ରା ତା ଉପରେ, ତାର କ୍ଷତକୁ ସେ କଣ ସହିପାରିଥାନ୍ତା !

ଗୋଟେ ସହରରେ ଦେବଦାସକୁ ଦେଖିବା ଅସଂଭବ ବୋଲି ସେ ଚାଲିଯାଇଥିଲା ମୁମ୍ବାଇ ଅବଶ୍ୟ ମାତ୍ର କିଛିବର୍ଷ ପରେ ମନକୁ ଶକ୍ତ କରି ସେ ପୁଣି ଫେରି ଆସିଲା ଏକା ସହରକୁ।

ମନେଅଛି ସେଦିନ ପ୍ରଥମ ଥର ପାଇଁ ଇଂଟରଭିଉ ଓକେ ହେବାପରେ ତୁହିନାଂଶୁ ସାର୍ ପାଖକୁ ଆସି କହିଥିଲେ-ବଡ ଦାୟିତ୍ୱ ତୁଲାଇବାକୁ ଯାଉଛ ତୁମେ। ଏମିତି ଏକା ଛାଡିବିନି ତୁମକୁ। ମନେଅଛି ଦେବଦାସ, ଦିନେ ହସ୍ପିଟାଲ୍‌ରେ କହିଥିଲି ମୁଁ ତୁମ ଉତରଦାୟିତ୍ୱ ବୋଲି। ସେ ଦାୟିତ୍ୱକୁ ଏବେ ସମର୍ପଣ କଲି ତୁମ ହାତରେ।

କଣ ସାର୍। କୋଉ ଦାୟିତ୍ୱ ? ଆଶ୍ଚର୍ଯ୍ୟ ହୋଇ ପଚାରିଲା ଦେବା।

ଏହାକୁ..କହି ତୁହିନାଂଶୁ ଅଙ୍ଗୁଳି ନିର୍ଦ୍ଦେଶ କଲେ ତନ୍ଦ୍ରା ଆଡକୁ। ସେଠି ତନ୍ଦ୍ରା ଚୁପି ଚୁପି ହସୁଥିଲା ଲାଜରେ। ଦେବଦାସ ଆଶ୍ଚର୍ଯ୍ୟ ହୋଇଯାଇଥିଲା ସାର୍‌ଙ୍କ ଏ ନିଷ୍ପତିରେ। ସାର୍ କଣ ଏକଲବ୍ୟ ପରି ତାଠୁ ମାଗିନେଲେ ବୃଦ୍ଧାଙ୍ଗୁଳି ? ଯଦି ସେ ରେଣୁକା ସହିତ ସଂପର୍କିତ ହୋଇଥାଆନ୍ତା, ତେବେ କଣ କହିଥାନ୍ତା ଏବେ ! ହେ ଭଗବାନ୍, ଏ ଦ୍ୱନ୍ଦ୍ୱରୁ ମୁକ୍ତି ଦେଇଛନ୍ତି ଭାବି ଏକପ୍ରକାର ନିଶ୍ଚିନ୍ତ ହେଲା ସେ। ରେଣୁକା ମନା କରିଦେବା ପରେ ଦେବଦାସ ଏକବାରେ ଜଡ ପାଲଟିଯାଇଥିଲା ଦିନାକେତେ। ହେଲେ ସେ ଅବସ୍ଥାରୁ ସେ ମୁକୁଳି ଆସିଲା କିଛିଦିନ ପରେ।

ତୁହିନାଂଶୁ ସାରଙ୍କ କଥାକୁ ଆଗ୍ରାହ୍ୟ କରିବାର ପ୍ରଶ୍ନ ତ ଉଠୁନଥିଲା। ସେମିତି ଅପସନ୍ ବି ନଥିଲା ତା ଜୀବନରେ। ତେଣୁ ତାର ସେମିତି ଆପତି ନଥିଲା ତନ୍ଦ୍ରାକୁ ପତ୍ନୀ ରୂପେ ଗ୍ରହଣ କରିବାରେ। କିନ୍ତୁ ସେ ଉଦ୍ଦାମତା ବି ନଥିଲା। ସେ ତନ୍ଦ୍ରା ସହିତ ସଂପର୍କିତ କେବଳ ତା ପାପାଙ୍କୁ ନେଇ। କିନ୍ତୁ ତା ପ୍ରେମ ତ ରେଣୁକା ଥିଲା ଯେ ତାକୁ ପ୍ରତ୍ୟାଖ୍ୟାନ କରି ଚାଲିଗଲା ଆଉ କାହା ସହିତ। ପ୍ରତ୍ୟାଖ୍ୟାତ ହେବାର ଦଣ୍ଡ ଶତ୍ରୁକୁ ବି ନ ମିଳୁ। ବିବାହ ଦିନ ରେଣୁକା ଆଖି ଆଗରେ ନାଚିଉଠୁଥିଲା। କାଇଁ କେଜାଣି ସେ ସୁଖୀ ହୋଇପାରୁନଥିଲା ଏ ବିବାହରେ। ଲାଗୁଥିଲା ସେ ଯେପରି ଚାରିଆଡୁ ଛନ୍ଦି ହୋଇଯାଇଛି। ସାରଂକ ପାଇଁ ସେ ତନ୍ଦ୍ରାକୁ କିଛି କହିପାରେନି। ଗୁଡେ ଋଣ ବୋଝରେ ଏଠି ଚାପି ହୋଇ ଚାକର ପାଲଟିଗଲା। ଅଥଚ ଗାଁର ଋଣ ପରିଶୋଧ ନକରି ବି ରାଜା ପରି ଅଛି ! ଛିଃ..ନିଜ ପ୍ରତି ଘୃଣା ଆସିଲା ତାର। ଏଠି ପ୍ରତି ପାଦେ ପାଦେ ତନ୍ଦ୍ରାର କଡା ନଜର। ତାକୁ ନପଚାରି ପ୍ରଶ୍ୱାସ ବି ନେଇ ହୁଏନା। ଜଂଜିରରେ ବନ୍ଧା କୁକୁରଠାରୁ ବେଳେବେଳେ ତୁଚ୍ଛ ଲାଗେ ଜୀବନ !

ଆଜି ଓଡିଶାକୁ ଫେରିବ ସେ..ବହୁବର୍ଷ ପରେ। ଆଶା ଓ ଆଶଂକାରେ ମନଟା ଦୁର୍ବଳ ହୋଇପଡିଥିଲା। ମାଆର ସେ ଅସହାୟତା ଓ ବାପଛେଉଣ୍ଡର ସେ ଟିପ୍ପଣୀ ଆଜିଯାଏଁ ବି ମନରୁ ଲିଭିନି। ତଥାପି ଗାଁର ମୋହ ଆଜି ତାକୁ ବ୍ୟତିବ୍ୟସ୍ତ କରିପକାଉଛି। ଫ୍ଲାଇଟ୍‌ରେ ବସି ବସି ସେ ଭାବୁଛି ପିଲାଦିନ କଥା। ଆଜିକାଲି କାହିଁକି ଏ ଅତୀତ ତା ଭିତରକୁ ଧସେଇ ପଶୁଛି ! ମନକୁ ଘୁଣ ପୋକ ପରି ଖାଇଯାଉଛି ! ଦିଲ୍ଲୀ ବିମାନ ବନ୍ଦରରୁ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଂଚିବା କ୍ଷଣି ଅନେକ ସ୍ୱାଗତ ସମ୍ବର୍ଦ୍ଧନା..। ଅଫିସିଆଲ୍ ଷ୍ଟାଫ୍ ମାନେ ପାଛୋଟି ନେଲେଣି। ସେଠାରେ ମିଟିଙ୍ଗ୍ ବି ସଫଳ ହୋଇଛି। ଲଂଚ୍ ସାରି ଏଥର ଗାଁ ଅଭିମୁଖେ..ଚାଲିଲା ସେ ଗାଡିରେ। ସେଠୁ ଫେରି ଭୁବନେଶ୍ୱରରେ ହୋଟେଲ୍‌ରେ ରହିଯିବ। ତା ପରିଦିନ ସକାଳେ ବାହାରିବ ବ୍ୟାଙ୍ଗାଲୋର୍।

ଏବେ ଭୁବନେଶ୍ୱରରୁ ଗାଁ ପ୍ରାୟ ତିନିଘଂଟାର ବାଟ। ଏ.ସି ଗାଡିରେ ଦୂରତା ବି ଜଣା ପଡେନି। ସେଥିପାଇଁ ଅନେକ ଉଦ୍ଦୀପନା ମନତଳେ। ରାସ୍ତାଘାଟ,ଦୋକାନ ବଜାର ସବୁ ବଦଳିଯାଇଛି। ବଦଳିଯାଇଛି ତା ପରିଚିତ ଯାଗାମାନଙ୍କ ଭୂଗୋଳ। ଏଇ ତ ଗାଁ ପାଖ ହୋଇ ଆସିଲାଣି। ଏଠିକାର ପରିବେଶ ବି ଢେର୍ ବଦଳିଯାଇଛି। କାହା ଘର କେଉଁଠି ଜଣାପଡୁନି। ସମସ୍ତଂକ କୋଠାଘରମାନ ବଢି ଉଠିଛି ସଦର୍ପରେ। କିନ୍ତୁ ସେ ତୋଟାରେ ଆଉ ଗଛ ନାହିଁ। ସେଠି ବି କାହା କୋଠା ମୁଣ୍ଡ ଟେକିଲାଣି ! ଲାଗୁଛି ଗୋଟାଏ ଯୁଗ ବିତିଯାଇଛି ଯେପରି ! ଗାଁ ଭିତରେ ସେ ଗହଳ ଚହଳ ବି ଅନ୍ତର୍ହିତ। ପିଲାମାନେ ବୁଲୁଥିଲେ ବାହାରେ। କିନ୍ତୁ ଆଜି ଯେପରି ସମସ୍ତେ ମାର୍ଜିତ। ଗାଁର ସେ ସରଳ ନିରୀହ ରୂପଟି ସତରେ ଆଜି ନାହିଁ ପୂର୍ବ ପରି ! (କ୍ରମଶଃ...)

## କିଶୋରୀ କବିତା



# ଖେଳ ଖବର

**ଅନ୍ତର୍ଯ୍ୟାମୀ ମିଶ୍ର**

**ଝି**ମିଟି ଖେଳରୁ ମହାଭାରତ ଆଡକୁ
ମୁହାଁଇଥିବେ ନିଶ୍ଚୟ ଅନେକ,
ମହାଭାରତର ମୈଦାନ ମୁହଁରୁ
ପଛକୁ ବୁଲି ଚକା ଭଉଁରୀରେ
ହସି ହସି ପହଞ୍ଚିବା ଝିମିଟି ଖେଳରେ
ବୀର ପୁଙ୍ଗବାଙ୍କ ବିଶଦ ବିବରଣୀ
କହିପାରିବ ଗୁଗୁଲ୍, ପଚାରିଲେ ?
କୋଉକାଳୁ ଗବେଷଣା ଚାଲିଛି
ଖେଳକୁ ନେଇ, ଗବେଷଣା ବି
ଗୋଟେ ଖେଳ ଅଜସ୍ର ନୂଆ ନାଁ ନେଇ
ନାଁ ଗୋଟେକୁ ମେଡାଲ୍ ଗୋଟେ
ଘରବାଡି ବିକିଭାଙ୍ଗି ଦିଏ କ'ଣ କେହି ?
ପ୍ରଥମ ଶ୍ରଦ୍ଧାନାମଟି 'ମନ' ବୋଲି ଧର
ଦ୍ୱିତୀୟଟି ଦେହ ଭଳି ଲାଗେ କହିପାର
ଏକୁ ବଳି ଆରେକ ଖେଳାଳୀ
ଖେଳରେ ଖେଳରେ ଜାତ ସଚରାଚର !
ରକମ ରକମ କାମ ପ୍ରତ୍ୟେକର
କୋଉଁଟା ଚବିଶ ଘଣ୍ଟିଆ
କୋଉଟା ବି ମାସକୁ ଥରେ, ଦି'ଥର
ପାଞ୍ଚବର୍ଷିଆ ଯୋଉ ଉଠା-ପକା-ଖେଳ
ଆଜିକାଲି ବଢ଼ିଛି ତା ଚର୍ଚ୍ଚା, ଆଦର।
ଆଖି, କାନ ଫିଟିବାଠୁ ତାଲିମ ଶିବିର
ଏନ୍ତୁଡିଠୁ ରଇ ଯାଏଁ ମାରାଥନ୍ ମଣିଷର
ଦେବତାଙ୍କ ଅବତାର ହରେକ ଯୁଗର
ଗୋଟେ ଗୋଟେ ସଂସ୍କରଣ,
ଶାସ୍ତ୍ର ଓ ପୁରାଣ ଯେତେ
ନୁହେଁ କଣ ଖେଳର ବୟାନ ?
ଖେଳ ଲୋଭରେ ଦେବତାଏ
ଓହ୍ଲାନ୍ତି ପରା ମଣିଷ ହେବାକୁ !
ଆଖିବୁଜି ଆଖପାଖର ଅନ୍ୟମଣିଷଙ୍କୁ
ଊର୍ଦ୍ଧ୍ୱମୁଖା ଚାହିଁ ରହିବା କୋଉ ଭୁବନକୁ
ଉଚିତ୍ ଲାଗୁଛି, କାହାକୁ ?

**ଆରଡିସି କଲେଜ**
**ଚିଲିକା, ନୂଆପଡ଼ା, ପୁରୀ**

# ଦେଖ ହେ ଈଶ୍ୱର



**ପ୍ରବୀଣ କୁମାର କବି**

**ଦେ**ଖ ହେ ଈଶ୍ୱର !
ଧର୍ମନାମେ ଚାଲିଅଛି ମିଛପ୍ରହସନ।
ତୁମ ଅସ୍ତିତ୍ୱକୁ ଖଣ୍ଡବିଖଣ୍ଡିତ କରି
କ୍ଷତାକ୍ତ କରନ୍ତି ଏମାନେ
ପୁଣି,
ଢାଳନ୍ତି ପ୍ରଣତି ସ୍ୱାର୍ଥରେ।

ଦେଖ ହେ ଈଶ୍ୱର !
ଗଣତନ୍ତ୍ର ନାମେ ଏଠି ଚାଲେ ଗୁଣାତନ୍ତ୍ର।
ସମାଜବାଦ ନାମରେ ନିରୀହ ଶୋଷଣ
ସେବା ଆଜି ସ୍ୱାର୍ଥଦାଣ୍ଡେ ହୁଡିଛି ତା ପଥ,
ସବୁ ଏଠି ଚୁପ୍ ଚାପ୍,
ସବୁଆଡେ କୋକୁଆର ଭୟ।

ଦେଖ ହେ ଈଶ୍ୱର !
ସାମ୍ୟବାଦ ଅବାସ୍ତବ ଏଠି
ବାସ୍ତବତା ମ୍ଳାନ ସଂରକ୍ଷଣ,
ଇଚ୍ଛା ଖାଲି ତଣ୍ଟିଚିପା ପ୍ରତିବାଦ ସ୍ୱର,
ନ୍ୟାୟ ଏଠି ଦିନର ସପନ।



ଦେଖ ହେ ଈଶ୍ୱର !
ମା, ମାଟି ଆଜି ନିର୍ଯାତିତା-ନିଷ୍ପେଷିତା
ଧରଣୀ ମାତାର ବକ୍ଷେ ଅଜସ୍ର ଯନ୍ତ୍ରଣା।
କୁସଂସ୍କାର ସଂସ୍କୃତି ବହେ,
ଅନୀତି ନୀତିକୁ ବହେ,
ଧର୍ମନିରପେକ୍ଷ ଧ୍ୱଜା ଅଧର୍ମ ଦାଣ୍ଡରେ
କେବେ କଞ୍ଚାମାଂସ ଦେହେ ତ
କେବେ ସତେଜ୍ ରକ୍ତରେ...
ଦେଖ ହେ ଈଶ୍ୱର।

**prabinkabi94@gmail.com**








**ସୌରିଶ ମହାପାତ୍ର**
**ଷ୍ଟାଣ୍ଡାର୍ଡ - ୪**
**ସେଣ୍ଟ ଜାଭିୟର୍ସ ହାଇସ୍କୁଲ**
**ସତ୍ୟନଗର, ଭୁବନେଶ୍ୱର**

# ବୀର ଶହୀଦ୍



**ନିରାକାର ଚଇନି**

**ଆ**ସରେ ଭାଇ ଶୋକ ପାଳିବା
ବୀର ଶହୀଦ୍ ପାଇଁ
ଢାଳିବା ଆମେ ଦି'ଟୋପା ଲୁହ
ଫଟୋକୁ ତାଙ୍କ ଚାହିଁ।
ଏଦେଶ ହିତେ ଲଢ଼େଇ କରି
ପରାଣ ଦେଲେ ବଳି
କେତେ ମହାନ ଅଟନ୍ତି ସିଏ
ପାରିବ କିଏ କଳି ?
ଧନ୍ୟ ତାଙ୍କ ଜୀବନ ତାଙ୍କୁ
ଜନମ ଦେଲେ ଯିଏ
ତାଙ୍କରି ପରି ବାପା-ମା ଆଉ
ଜଗତେ ଅଛି କିଏ ?
ଯେଉଁ ଗାଆଁର ମାଟିରେ ସିଏ
କଢ଼ରୁ ହେଲେ ଫୁଲ
ସେ ମାଟି ସାଥେ ମୋତି ମାଣିକ
ହେବକି ସମତୁଲ !
ଭାରତବାସୀ ଝୁରନ୍ତି ତାଙ୍କୁ
ଝୁରେ ଭାରତ ମାତା
ଚାଲରେ ଭାଇ ଗାଇବା ଆମେ
ତାଙ୍କରି ଜୟଗାଥା।

*ଶିକ୍ଷକ, ସୁବୁଦ୍ଧିସାହି ପ୍ରାଥମିକ ବିଦ୍ୟାଳୟ*
*ତେଲକୋଇ, କେନ୍ଦୁଝର-୭୫୮୦୮୪*
*ମୋ : ୮୨୪୯୩୮୭୯୭୩*

# ସମ୍ପର୍କର ସେତୁ

**ଡ.ସ୍ମୃତି ପଟ୍ଟନାୟକ**



**ସି**ନ୍ଦୁରା ଫାଟି ଆସୁଥିଲା, ପୂର୍ବାକାଶରେ ସୂର୍ଯ୍ୟ ଉଇଁବାର ସଙ୍କେତ, ଚତୁର୍ଦ୍ଦିଗରେ ବିଞ୍ଚିହୋଇ ପଡୁଥିଲା ନାଲି ସୁରୁଜ, ପବନରେ ଭାସି ଆସୁଥିଲା ଜାତି ଜାତିକା ଫୁଲମାନଙ୍କର ସୁଗନ୍ଧ, ରାଜୁ ମନରେ ଅନେକ ଆଶା ଓ ସ୍ୱପ୍ନ, ସେ ଘର ଭିତରୁ ଝରକା ଦେଇ ଦେଖୁଥାଏ ଫୁଲ ବଗିଚାକୁ, ଆଉ ମୃଦୁ ପବନରେ ଫୁଲ ମାନଙ୍କ ହଲିବା ଦୃଶ୍ୟକୁ; ମନେ ପଡିଯାଉଥିଲା; ଅତୀତ, ସତରେ କେତେ ସୁନ୍ଦର ଥିଲା, ଅପୂର୍ବ ତାର ମହକ; ବାପା, ମା ଆଉ ପାଞ୍ଚ ବର୍ଷର ସାନ ଭଉଣୀ ଲିପି ହଠାତ୍ ବଦଳିଗଲା ଯେମିତି ସବୁକିଛି। ଏଇ ରାକ୍ଷୀ ପୂର୍ଣ୍ଣିମାକୁ ବର୍ଷେ ପୁରିଯିବ, ସେଦିନ ଭୋର ସକାଳୁ ବାପା, ମା, ଲିପିଙ୍କ ସହ ରାଜୁ ବାହାରି ପଡିଥିଲା ବୁଲିବା ପାଇଁ ଖଣ୍ଡାଧାର ଜଳପ୍ରପାତ ଆଡେ। ପ୍ରକୃତିର ନୈସର୍ଗିକ ଶୋଭା ଦେଖି ବିସ୍ମିତ ହୋଇଯାଇଥିଲେ ସମସ୍ତେ; ନିବିଡ ସବୁଜିମା, ମେଘ ଢଙ୍କା ଆକାଶ, ଅପରୂପ ସୌନ୍ଦର୍ଯ୍ୟରେ ଭରା ଜାଗାଟି, ପାହାଡ, ଜଙ୍ଗଲ, ଜଳପ୍ରପାତ, ମେଘ ବର୍ଣ୍ଣାଳୀର ରଙ୍ଗ. . . ସବୁ ଯେମିତି ଅଭିଭୂତ କରିଥିଲା ସେମାନଙ୍କୁ । ଚୁଲବୁଲି ଲିପି ଡେଇଁ ବୁଲୁଥିଲା ଅତି ଆନନ୍ଦରେ; ଆତ୍ମହରା ହୋଇ ଗଡୁଥିଲା। ହଠାତ୍ ଜୋରରେ ବର୍ଷା ହେଲା; ଲିପି ଉଲ୍ଲସିତ ହୋଇ ପଡୁଥିଲା; ବର୍ଷାର ବେଗ ଓ ବେଳକୁ ବେଳ ପ୍ରଚଣ୍ଡ ହେବାକୁ ଲାଗିଲା; ଗଛପତ୍ର ସବୁ ଯେମିତି ଦୋହଲି ଯାଉଥିଲେ; କିନ୍ତୁ ହଠାତ୍ ସବୁ ଯେମିତି ସ୍ଥିର ହୋଇଗଲା। ସମସ୍ତେ ପ୍ରକୃତିସ୍ଥ ହେଲାବେଳକୁ ଲିପି ପଡି ଯାଇଥିଲା ଜଳପ୍ରପାତର ସ୍ରୋତ ଭିତରେ। ହତବାକ୍ ହୋଇଯାଇଥିଲେ ସମସ୍ତେ; ପାଗଳ ହୋଇଯାଇଥିଲା ରାଜୁ, ଏକମାତ୍ର ଗେହ୍ଲା ଭଉଣୀକୁ ହରାଇବାର ଦୁଃଖରେ; ନିମିଷକରେ ସବୁ ଖୁସି ମିଳାଇଯାଇଥିଲା ପାଣି ଫୋଟକା ପରି, ଲିପି ଆଉ ଫେରି ନଥିଲା। ରାଜୁକୁ ଏକୁଟିଆ କରି ସେ ଚାଲି ଯାଇଥିଲା ବହୁ ଦୂରକୁ।

ରାଜୁ ନୀରବ ହୋଇ ବସି ରହିଥିଲା ସକାଳୁ ଚେୟାର୍ ଉପରେ; ସେ ବାରମ୍ବାର ତାର ପଢା ଟେବୁଲ ଉପରେ ଥୁଆ ହୋଇଥିବା ଲିପିର ଫଟୋକୁ ଦେଖୁଥିଲା। କି ଅଦ୍ଭୁତ ସଂଯୋଗ; ପଡିଶା ଘରର ଆଣ୍ଟିଙ୍କ ଝିଅ ଲିସି ଆସି ପହଞ୍ଚିଲା;

- ରାଜୁ ଭାଇ କଣ କରୁଛ ?



-ଆଜି ରାକ୍ଷୀ ପୂର୍ଣ୍ଣମୀ; ମୁଁ ତୁମ ପାଇଁ ରାକ୍ଷୀ ଆଣିଥିଲି । ତୁମ ହାତ ଦେଖାଅ ତ ?

ରାଜୁ ଆଶ୍ଚର୍ଯ୍ୟ ହୋଇଯାଉଥିଲା ଲିସିର କଥାରେ। କାହିଁକି କେଜାଣି, ସେ ତାର ହାତ ଆପେଆପେ ବଢାଇ ଦେଇଥିଲା। ଲିସି ରାକ୍ଷୀଟିକୁ ବାନ୍ଧି ଦେଲା। ରାଜୁ ହାତରେ ମିଠା ଖୁଆଇ ଦେଲା; ରାଜୁ ଆଖିରୁ ଠକ୍‌ଠକ୍ ଲୁହ ଝରି ପଡୁଥିଲା; ଲିସି ତାର ଦୁଇ ହାତରେ ରାଜୁର ଲୁହକୁ ପୋଛି ଦେଉଥିଲା।

*ଅଧ୍ୟାପିକା, ୟୁ.ଏନ୍. କଲେଜ*
*ଅଡଶପୁର, କଟକ*
*ମୋ- ୯୯୩୮୪୪୦୯୪୯*

# ସ୍ୱୀକାରୋକ୍ତି

**ରାଜେଶ ପୂଜାରୀ**



**ତ**ପସ୍ୟା... !
ଯେବେ ଶ୍ରାବଣ ଫଗୁଣ
ଭୁଲି ସବୁ ଉପୁରି ଗୁମାନ
କରୁଥିଲେ ହଳଦୀ କୀର୍ତ୍ତନ
ସେଇ ମଧୁର ଲଗ୍ନରେ
ଆମ ଚୌନେତ୍ର ମିଳନ
ହୃଦୟରେ ଗଲା ଗଢ଼ି
ସତେ ଅବା ରେଳଗାଡ଼ି
ସ୍ପନ୍ଦନ ଗଲା ବଢ଼ି ବଢ଼ି।

ଯଦିଓ ତୁମେ ବେଖବର
ଏସବୁରୁ
ତଥାପି ମୋ ଭିତରେ
ଅନଟକ ଭ୍ରମୁଛ
ଆଉ ମୁଁ ଧିରେ ଧିରେ
ସମର୍ପି ହେଉଛି ତୁମ ପାଖରେ

ନା'ପାରେ କହି / ନା'ହୁଏ ସହି
ଲିଭି ଲିଭି ଯାଏ ସ୍ୱପ୍ନ କୁଞ୍ଜବନ
ଯମୁନା ପଠା ବାଲୁକା ଶେଯ
କଦମ୍ବର ମୂଳେ
ସେ ରାସ ମୋହାଛନ୍ନ
ପାଉଁଜିର ଛମ୍ ଛମ୍ ସାଥେ
ମୁରଲୀର ସ୍ୱନ।



କେବଳ ଗୋଟିଏ ଡର
ମତେ ଖାଇ ଖାଇ ଯାଏ
ନୂଆଁ ସ୍ୱପ୍ନର ଅଙ୍କନେ
ମନ ପଛଘୁଞ୍ଚା ଦିଏ
ଲାଗେ ବୋଧେ...
ଆମେ ପାରିବାନି ମେଳି
ଏ ସମ୍ପର୍କର ଡ଼ାଳ
ଅଝଟ ପାରାଙ୍କୁ
ଖୁଆଇ ପାରିବାନି
ପ୍ରେମର ଚାଉଳ
କାରଣ ମୁଁ, ଭୂମିରେ ଲୋଟୁଥିବା
ଏକ ଅସହାୟ ପାରା
ତୁମେ ଦୂର ଆକାଶର ଦିପ୍ତିମୟୀ ତାରା

*କୁଶମେଲ, ଝାରସୁଗୁଡ଼ା*

# ଅଚଳାବସ୍ଥା ପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ଦାୟୀ : ଅରୁଣ ସିଂହ



**ଭୁବନେଶ୍ୱର :** ପବିତ୍ର ଗୁରୁଦିବସ ଏବଂ ଏହି ଦିବସରେ ଛାତ୍ରଛାତ୍ରୀମାନେ ନିଜ ନିଜ ଗୁରୁମାନଙ୍କୁ ପୁଜା କରିଥାଆନ୍ତି । ମାତ୍ର ଆଜି ରାଜ୍ୟର ଅଗଣିତ ଶିକ୍ଷକମାନେ ରାଜଧାନୀର ରାଜରାସ୍ତାରେ ପଡି ରହି ରାଜ୍ୟ ସରକାରଙ୍କଠାରୁ ନିଜର ନ୍ୟାର୍ଯ ଦାବୀ ପାଇବା ଆଶାରେ ଆନ୍ଦୋଳନ କରୁଛନ୍ତି । ବିଗତ ଦିନରେ ରାଜ୍ୟ ସରକାର ବାରମ୍ବାର ମିଛ ପ୍ରତିଶୃତି ଦେଇ ଭଙ୍ଗ କରିଥିବା କାରଣରୁ ଶିକ୍ଷକମାନଙ୍କ ରାଜ୍ୟ ସରକାରଙ୍କ ଉପରୁ ବିଶ୍ୱାସ ହରାଇ ବସିଛନ୍ତି । ଦୀର୍ଘ ଦିନର ଦାବୀ ପୁରଣ ନହେବା କାରଣରୁ ଆଜିର ଏହି ପବିତ୍ର ଦିବସକୁ ଶିକ୍ଷକମାନେ କଳାଦିବସ ଭାବେ ପାଳନ କରୁଛନ୍ତି । ଆଜି ଭଳି ପବିତ୍ର ଗୁରୁଦିବସରେ ଶିକ୍ଷକମାନେ ବର୍ଷାରେ ଓଦା ହୋଇ ରାଜରାସ୍ତାରେ ଆନ୍ଦୋଳନ କରିବା ରାଜ୍ୟ ସରକାରଙ୍କ ପାଇଁ ଅତ୍ୟନ୍ତ ଲଜ୍ଜାର ବିଷୟ । ଆଜିର ଏଭଳି ପରିସ୍ଥିତି ପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ଭାବେ ଦାୟୀ ବୋଲି ବିଜେପି ରାଷ୍ଟ୍ରୀୟ ସାଧାରଣ ସଂପାଦକ ଓ ରାଜ୍ୟ ପ୍ରଭାରୀ ଶ୍ରୀ ଅରୁଣ ସିଂହ ଅଭିଯୋଗ କରିଛନ୍ତି । ଶ୍ରୀ ସିଂହ ଭୁବନେଶ୍ୱର ଲୋୟର ପିଏମଜିକୁ ଯାଇ ଆନ୍ଦୋଳନକାରୀ ଶିକ୍ଷକମାନଙ୍କୁ ଭେଟି ଆଲୋଚନା କରିଥିଲେ । ଏହି ଅବସରରେ ଶ୍ରୀ ସିଂହ ସମଗ୍ର ଶିକ୍ଷକ ସମାଜକୁ ପ୍ରଥମେ ପ୍ରଣାମ ଜଣାଇଥିଲେ । ବିଜେପି ସର୍ବଦା ଶିକ୍ଷକମାନଙ୍କୁ ସମ୍ମାନ ଦିଏ । ଦୀର୍ଘ ଦିନ ଧରି ଆନ୍ଦୋଳନକାରୀ ଶିକ୍ଷକମାନଙ୍କ ଏ ସମସ୍ତ ଦାବୀ ଯଥାର୍ଥ ଏବଂ ଏହି ଦାବୀକୁ ଭାରତୀୟ ଜନତା ପାର୍ଟି ପୂର୍ଣ୍ଣ ସମର୍ଥନ କରୁଛି ବୋଲି ଶ୍ରୀ ସିଂହ ଏହି ଅବସରରେ କହିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶାସନ କାରଣରୁ ରାଜ୍ୟବାସୀ ରାଜ୍ୟ ସରକାରଙ୍କ ଉପରୁ ଆସ୍ଥା ହରାଇ ବସିଛନ୍ତି । ଆଜି କେବଳ ଶିକ୍ଷକ ନୁହନ୍ତି, ବରଂ ସରକାରୀ କର୍ମଚାରୀଠୁ ଆରମ୍ଭ କରି ଡାକ୍ତର, ନର୍ସ, ଆଙ୍ଗନବାଡୀ ଓ ଆଶା କର୍ମୀମାନେ ଆଜି ନିଜ ନିଜ ନ୍ୟାର୍ଯ୍ୟ ଓ ବହୁ ପ୍ରତିକ୍ଷିତ ଦାବୀକୁ ନେଇ ରାଜରାସ୍ତାରେ ଆନ୍ଦୋଳନ କରୁଛନ୍ତି । ରାଜ୍ୟରେ ଶିକ୍ଷାଠୁ ଆରମ୍ଭ କରି କୃଷି, ସ୍ୱାସ୍ଥ୍ୟ, ବିଜୁଳି, ସଡକ, ପାନୀୟ ଜଳ ସଂକଟ ଉତ୍କଟ ରୂପ ଧାରଣ କରିସାରିଛି । ରାଜ୍ୟରେ ପରିସ୍ଥିତି ସଂଗୀନ ହୋଇ ପଡିଛି । ମାତ୍ର ସମ୍ବେଦନହୀନ ମୁଖ୍ୟମନ୍ତ୍ରୀ ସେମାନଙ୍କ ଦାବୀକୁ ଉପେକ୍ଷା କରିବା ସହ ସେମାନଙ୍କୁ ବାରମ୍ବାର ଅପମାନିତ କରିବାକୁ ମଧ୍ୟ ପଛାଉନାହାନ୍ତି ବୋଲି ଶ୍ରୀ ସିଂହ କହିଛନ୍ତି । ସ୍ଥାଣୁ ପାଲଟି ଯାଇଥିବା ରାଜ୍ୟ ସରକାରଙ୍କ କାରଣରୁ ରାଜ୍ୟର ବିକାଶ ଏବଂ ରାଜ୍ୟବାସୀଙ୍କ ମୌଳିକ ସମସ୍ୟାର ସମାଧାନ ଅସମ୍ଭବ । ବିଜେପି ଶାସନ କ୍ଷମତାକୁ ଆସିଲେ ଏ ସମସ୍ତ ପ୍ରସଙ୍ଗକୁ ଗୁରୁତ୍ୱ ଦେବା ସହ ଏହାର ସ୍ଥାୟୀ ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ତୁରନ୍ତ ଗ୍ରହଣ କରିବ ବୋଲି ଶ୍ରୀ ସିଂହ କହିଛନ୍ତି । ଗୋଟିଏ ପଟେ ଶିକ୍ଷକମାନେ ଆନ୍ଦୋଳନ କରୁଥିବାବେଳେ ଅନ୍ୟ ପଟେ ଅଧ୍ୟୟନରତ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଶିକ୍ଷାପ୍ରାପ୍ତିରୁ ବଂଚିତ ହେଉଛନ୍ତି । ଶିକ୍ଷା ବ୍ୟବସ୍ଥା ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ଏଥିରୁ ସ୍ପଷ୍ଟ ଅନୁମାନ କରାଯାଉଛି । ଏହା ଏକ ମୁଖ୍ୟ ଓ ଚିନ୍ତାର ବିଷୟ ହୋଇଥିବା କାରଣରୁ ଆଜି ବିଜେପି ବିଧାୟକମାନେ ବିଧାନସଭାରେ ପ୍ରଶ୍ନକାଳ ସମୟରେ ରାଜ୍ୟ ସରକାରଙ୍କଠାରୁ ଜବାବ୍ ମାଗିଥିଲେ । ଏହା ପରେ ବିଧାୟକ ରବି ନାରାୟଣ ନାଏକ ଏବଂ ପ୍ରଦୀପ ପୁରୋହିତ ଧାରଣ ସ୍ଥାଳକୁ ଯାଇ ଆନ୍ଦୋଳରତ ଶିକ୍ଷକମାନଙ୍କୁ ଭେଟି ସେମାନଙ୍କ ନ୍ୟାର୍ଯ୍ୟ ଦାବୀ ପ୍ରତି ସମର୍ଥନ ଜଣାଇଥିଲେ । ଏହି ସମସ୍ୟାର ସମାଧାନ ଏବଂ ତାଙ୍କ ନ୍ୟାର୍ଯ୍ୟ ଦାବୀ ପୁରଣ ନହେବା ପର୍ଯ୍ୟନ୍ତ ବିଜେପି ଏହି ପ୍ରସଙ୍ଗକୁ ବିଧାନସଭା ଭିତରେ ଏବଂ ବାହାରେ ରାଜ୍ୟ ସରକାରଙ୍କୁ ଘେରିବ ବୋଲି ବିଧାୟକ ଶ୍ରୀ ନାଏକ କହିଛନ୍ତି ।

# ତେଜିଲା ଓକିଲ ସଂଘ ଓ ତହସିଲଦାରଙ୍କ ମଧ୍ୟରେ ବିବାଦ

**ଖୋରଧା :** ଓଡ଼ିଶା ଉଚ୍ଚ ନ୍ୟାୟଳୟର ଆଇନଜୀବୀ ଜ୍ୟୋତିର୍ମୟୀ ସାହୁ ଓ ତାଙ୍କ ଭାଇ ଏକ ଉତ୍ତରାଧିକାରୀ ପ୍ରମାଣ ପତ୍ରର ତୃଟି ସଂଶୋଧନ ପାଇଁ ଟାଙ୍ଗୀ ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ । ତହସିଲଦାର ଆଶିଷ କୁମାର ଜେନାଙ୍କୁ ତୃଟି ସଂଶୋଧନ କରିବା ପାଇଁ କହିବାରୁ ସେ ତୃଟି ସଂଶୋଧନ ହୋଇପାରିବ ନାହିଁ ପୁନର୍ବାର ଆଉଥରେ ଉତ୍ତରାଧିକାରୀ ପ୍ରମାଣ ପତ୍ର ନିମନ୍ତେ ଆବେଦନ କରିବାକୁ ପରାମର୍ଶ ଦେଇଥିଲେ । ଏହି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଚୁକ୍ତିତର୍କ ହୋଇଥିଲା । ଟାଙ୍ଗୀ ତହସିଲଦାର ଶ୍ରୀ ଜେନା ଜ୍ୟୋତିର୍ମୟୀଙ୍କୁ ଦୁର୍ବ୍ୟବହାର କରିବା ସହିତ ଆଶାଳୀନ ବ୍ୟବହାର କରିଥିବା ନେଇ ସେ ଟାଙ୍ଗୀ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଟାଙ୍ଗୀ ତହସିଲଦାର ଶ୍ରୀ ଜେନା ଘଟଣା ସମ୍ପର୍କରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଫଳରେ ଉଭୟଙ୍କ ଅଭିଯୋଗ କ୍ରମେ ପୁଲିସ ଦୁଇଟି ପୃଥକ ପୃଥକ ମାମଲା ରୁଜୁ କରି ଘଟଣାଟିର ତଦନ୍ତ କରୁଥିବା ଜଣାପଡ଼ିଛି । ଏହି ଘଟଣାକୁ ନେଇ ଟାଙ୍ଗୀ ଓକିଲ ସଂଘ ପକ୍ଷରୁ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଟାଙ୍ଗୀ ଓକିଲ ସଂଘର ଏହି କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସମର୍ଥନ ଜଣାଇ ଖୋର୍ଦ୍ଧା ଓକିଲ ସଂଘ ଓ ବାଣପୁର ଓକିଲ ସଂଘ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଅନ୍ୟ ପଟେ ଓ.ଏ.ଏସ୍ ସଂଘ ପକ୍ଷରୁ ମଧ୍ୟ ଅନୁରୂପ ଭାବରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ଜଣାପଡ଼ିଛି ।

# ନିଜ ଗାଁ ପରିବେଶ ସଫା କଲେ ମହିଳା

**ସୋନପୁର :** ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମା ଠାରୁ କେବଳ ୨କମି ଦୂର ରେ ଥିବା ବାଇଗଣଜୁରୀ ଗ୍ରାମ ।ନିଜ ଗ୍ରାମ କୁ ସ୍ୱଚ୍ଛ ପରିବେଶ ରଖିବାକୁ ଯାଇ ଓ ଗ୍ରାମ କୁ ସଫାକରି ଅନ୍ୟ ପାଇଁ ଉଦାହରଣ ସାଜିଛନ୍ତି ଗ୍ରାମର ମହିଳା ମାନେ । ଏହି ଗ୍ରାମରେ ଗଣେଷ ପୂଜା ଓ ପଶ୍ଚିମ ଓଡିଶାର ଗଣ ପର୍ବ ନୂଆଁଖାଇ କୁ ଧୁମଧାମରେ ପାଳନ କରାଯାଏ । ତେଣୁ ଆଗାମି ପର୍ବ ପର୍ବାଣିକୁ ଆଖି ଆଗରେ ରଖି ଗାଁର ଦାଣ୍ଡ ଠାରୁ ରାସ୍ତା,ନଳକୂଅ ଓ ନିଜ ପରିବେଶ କୁ ସଫା ରଖିବା ପାଇଁ ଗ୍ରାମରେ ମହିଳା ମାନେ ଅଣ୍ଟା ଭିଡିଥିଲେ ଓ ପରିବେଶକୁ ସଫାକରିଥିଲେ ।



# ‘ରାଜ୍ୟପାଳଙ୍କ ମୁହଁରେ ମିଛ କୁହାଉଛନ୍ତି ସରକାର’

**ଭୁବନେଶ୍ୱର :** ଚଳିତବର୍ଷ ବଜେଟ ଅଧିବେଶନ ସମୟରେ ତତ୍କାଳୀନ ରାଜ୍ୟପାଳ ଏସ୍‌ସି ଜମିର ବିଧାନସଭାରେ ନିଜ ଅଭିଭାଷଣରେ କହିଥିଲେ କି, ଓଡ଼ିଶା ଦୁଗ୍ଧ ଉତ୍ପାଦନରେ ସ୍ୱାବଲମ୍ବି ହେବାସହ ଏକ ବଳକା ରାଜ୍ୟ ହୋଇପାରିଛି । ତେବେ ରାଜ୍ୟପାଳ ଗୃହରେ ମାର୍ଚ୍ଚ ୨୦ରେ ଦେଇଥିବା ଏହି ବିବୃତି ମିଥ୍ୟା ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଗଣମାଧ୍ୟମ ବିଭାଗର ମୁଖ୍ୟ ସତ୍ୟପ୍ରକାଶ ନାୟକ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି । ସେ କହିଛନ୍ତି ଯେ, ଏପ୍ରିଲ ୨୪ରେ ବିଧାନସଭାରେ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ମନ୍ତ୍ରୀ ପ୍ରଦୀପ ମହାରଥୀ ସମାନ ପ୍ରଶ୍ନର ଉତ୍ତରରେ ଗୃହରେ ଓଲଟା ତଥ୍ୟ ଉପସ୍ଥାପନ କରିଥିଲେ । ମହାରଥୀଙ୍କ ଉତ୍ତର ଅନୁଯାୟୀ, ରାଜ୍ୟରେ ହାରାହାରି ବାର୍ଷିକ ୩୩୨୮ ହଜାର ମେଟ୍ରିକ ଟ୍ରନ ଦୁଗ୍ଧର ଆବଶ୍ୟକତା ରହିଛି । ବର୍ତ୍ତମାନ କିନ୍ତୁ ୨୦୦୨ ମେଟ୍ରିକ ଟନ୍ ଦୁଗ୍ଧ ଉତ୍ପାଦନ ହେଉଛି । ଗୋଟାଏ ପଟେ ରାଜ୍ୟପାଳ କହୁଛନ୍ତି ରାଜ୍ୟ ଦୁଗ୍ଧ ଉତ୍ପାଦନରେ ବଳକା ଓ ଅନ୍ୟପଟେ ମନ୍ତ୍ରୀ ସ୍ୱୀକାର କରୁଛନ୍ତି ଦୁଗ୍ଧ ଉତ୍ପାଦନରେ ଓଡ଼ିଶା ନିଅଣ୍ଟିଆ ରାଜ୍ୟ । ଯାହାକି ଅତ୍ୟନ୍ତ ନିନ୍ଦନୀୟ କାର୍ଯ୍ୟ ବୋଲି ସତ୍ୟ ଖବରଦାତା ସମ୍ମିଳନୀରେ କହିଛନ୍ତି । ରାଜ୍ୟପାଳଙ୍କ ମୁହଁରେ ମିଛ କୁହାଇ ଶାସକ ବିଜୁ ଜନତା ଦଳ ଗଣତନ୍ତ୍ରକୁ ହତ୍ୟା କରୁଛି ବୋଲି ସତ୍ୟ ଅଭିଯୋଗ କରିଛନ୍ତି । ଏଥିସହ ସେ ଆହୁରି ମଧ୍ୟ କହିଛନ୍ତି ଯେ, ରାଜ୍ୟ ସରକାର ବିଭ୍ରାନ୍ତକର ତଥ୍ୟ ଉପସ୍ଥାପନ କରି ଯେଉଁ ଉପଲବ୍ଧର ବିଜ୍ଞାପନ ଦେଉଛନ୍ତି ତାହା ସତ୍ୟ ଉପରେ ଆଧାରିତ ନୁହେଁ ବୋଲି ଶ୍ରୀ ନାୟକ କହିଛନ୍ତି । କୃଷକଙ୍କ ଆୟ ବୃଦ୍ଧିରେ ଓଡ଼ିଶା ଦେଶର ଦୃତତମ ରାଜ୍ୟ ବୋଲି ଖବରକାଗଜରେ ଯେଉଁ ବଡ଼ବଡ଼ ବିଜ୍ଞାପନ ଦିଆଯାଉଛି ତାହା କୃଷି ଓ କୃଷକଙ୍କ ବାସ୍ତବ ଆର୍ଥିକ ସ୍ଥିତି ଉପରେ ଆଧାରିତ ନୁହେଁ । ସରକାର ଜାତୀୟ ସର୍ବେକ୍ଷଣ ସଂସ୍ଥା ୨୦୦୨-୦୩ର ୫୯ ତମ ରିପୋର୍ଟ ଓ ୨୦୧୨-୧୩ର ୭୦ ତମ ରିପୋର୍ଟକୁ ଆଧାରଭାବେ ନେଇଥିବା ବେଳେ ୧୫-୧୬ ଏନ୍‌ଏଏଫଆଇଏସ୍‌ର ରିପୋର୍ଟକୁ ଆଧାର କରିଛନ୍ତି । ତେବେ ଏନ୍‌ଏସ୍‌ର ୭୨ତମ ରିପୋର୍ଟ ବଦଳରେ ଏନ୍‌ଏଏଫଆଇଏସ୍‌ର ରିପୋର୍ଟକୁ ଚତୁରତାର ସହିତ ବିଜ୍ଞାପନରେ ସ୍ଥାନିତ କରାଯାଇଛି ବୋଲି ସତ୍ୟ ଅଭିଯୋଗ କରିଛନ୍ତି । ସରକାର ବିଜ୍ଞାପନ ଜରିଆରେ ରାଜ୍ୟବାସୀଙ୍କୁ ଭୂଆଁ ବୁଲାଇବା ପାଇଁ ଏଭଳି କୋଟିକୋଟି ଟଙ୍କା ନଷ୍ଟ ନ କରିବାକୁ ସତ୍ୟ ପରାମର୍ଶ ଦେଇଛନ୍ତି । ଅନ୍ୟପକ୍ଷରେ ସତ୍ୟଙ୍କ ଏଭଳି ଅଭିଯୋଗ ସଂକ୍ରାନ୍ତରେ ବିଜେଡି ମୁଖପାତ୍ର ସତ୍ୟଜିତ ମିଶ୍ର କହିଛନ୍ତି ଯେ, ବିଧାନସଭାରେ ହୋଇଥିବା ଘଟଣା କଂଗ୍ରେସ ଦଳର ବିଧାୟକ ଦଳ ନେତା ନରସିଂହ ମିଶ୍ର ଗଣମାଧ୍ୟମ ସମ୍ମୁଖରେ କହିବା ଠିକ୍ ହେବ । ଅନ୍ୟଙ୍କ ମୁହଁରେ ଏଭଳି କଥା ଶୋଭା ପାଉନାହିଁ ।


ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ - ୨୦୧୮ ଅବସରରେ

**ଖୋର୍ଦ୍ଧା ପୌର ପରିଷଦ ତରଫରୁ**

**ଖୋର୍ଦ୍ଧା ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।**

**ଭାରତର ଶେଷ ସ୍ୱାଧିନ ଦୁର୍ଗ ଖୋର୍ଦ୍ଧାର ବିକାଶ ମୂଳକ କାର୍ଯ୍ୟକ୍ରମ**

୧. ସହରର ପ୍ରତ୍ୟେକ ରାସ୍ତା ପକ୍କା ନିର୍ମାଣ, ସର୍ବବ୍ୟାପି ଆଲୋକୀକରଣ କରିବାର ଉଦ୍ଦେଶ୍ୟରେ ପୌର ପରିଷଦ ଅଧକ୍ଷ ଯତ୍ନବାନ ଅଛି ।
୨. ପୌରାଞ୍ଚଳକୁ ଖୋଲା ଶୌଚମୁକ୍ତ ଅଞ୍ଚଳ ପାଇଁ ପ୍ରଚେଷ୍ଟା ଜାରି ରହିଛି ।
୩. ଖୋର୍ଦ୍ଧା ସହରକୁ ପଲିଥିନ୍ ମୁକ୍ତ କରିବା ପାଇଁ ପୌର ପରିଷଦର ପଦକ୍ଷେପ ଆରମ୍ଭ ।
୪. ଆସନ୍ତୁ, ଖୋର୍ଦ୍ଧାର ବିକାଶ ଦିଗରେ ପୌର ପରିଷଦ ସହ ଭାଗିଦାର ହୁଅନ୍ତୁ ।

ଶ୍ୱେତପଦ୍ମା ଡି. ଶତପଥୀ
ନିର୍ବାହୀ ଅଧିକାରୀ
ଖୋର୍ଦ୍ଧା ପୌର ପରିଷଦ

ଶ୍ରୀ ସଞ୍ଜୟ କୁମାର ସିଂହ
ଉପାଧ୍ୟକ୍ଷ ଓ ସଭ୍ୟ / ସଭ୍ୟା ବୃନ୍ଦ
ଖୋର୍ଦ୍ଧା ପୌର ପରିଷଦ

ଶ୍ରୀମତୀ ସଂଯୁକ୍ତା ସାହୁ
ପୌରାଧ୍ୟକ୍ଷା
ଖୋର୍ଦ୍ଧା ପୌର ପରିଷଦ


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଧାନ ପରିଷଦ ...

ସମ୍ବିଧାନର ଅନୁସାରେ ବିଧାନପରିଷଦ ଗଠନ ହେଲେ ଏହାର ସଭ୍ୟ ସଂଖ୍ୟା ୪୯ ରହିବ । ଏହା ଏକ ସ୍ଥାୟୀ ଗୃହ ଭାବେ କାମ କରିବ; ଯାହାର ଏକ ତୃତୀୟାଂଶ ସଭ୍ୟ ପ୍ରତି ୨ ବର୍ଷରେ ଅବସର ନେବେ । ଏଥିରେ ବାର୍ଷିକ ୩୫ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି । ମୋଟ ୪୯ ଜଣଙ୍କ ମଧ୍ୟରୁ ୧୬ ଜଣ ବିଧାନସଭାର ସଦସ୍ୟଙ୍କ ଦ୍ୱାରା ନିର୍ବାଚିତ ହେବେ । ସେହିପରି ଅନ୍ୟ ୧୬ ଜଣ ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି ଓ ସମସ୍ତ ସହରାଞ୍ଚଳର ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଦ୍ୱାରା ନିର୍ବାଚିତ ହେବେ । ୪ ଜଣ ସଦସ୍ୟ ରାଜ୍ୟରେ ୩ ବର୍ଷର ଅଭିଜ୍ଞତା ଥିବା ସ୍ନାତକମାନଙ୍କୁ ନେଇ ଏକ ଇଲେକ୍ଟରାଲ୍ କଲେଜ ମାଧ୍ୟମରେ ନିର୍ବାଚିତ ହେବେ । ଆଉ ୪ ଜଣ ସଦସ୍ୟଙ୍କୁ ମାଧ୍ୟମିକ ବା ତଦୁର୍ଦ୍ଧ୍ୱ ସ୍କୁଲ୍‌ରେ ୩ ବର୍ଷରୁ ଉର୍ଦ୍ଧ୍ୱ ଅଭିଜ୍ଞତା ଥିବା ଶିକ୍ଷକଙ୍କୁ ନେଇ ଗଠିତ ‘ଇଲେକ୍ଟରାଲ୍ କଲେଜ’ ମାଧ୍ୟମରେ ନିର୍ବାଚିତ କରାଯିବ । ଅବଶିଷ୍ଟ ୯ ଜଣ ସଭ୍ୟଙ୍କୁ ସାହିତ୍ୟ, ବିଜ୍ଞାନ, କଳା, ସମବାୟ ଓ ସାମାଜିକ କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିଙ୍କ ମଧ୍ୟରୁ ରାଜ୍ୟପାଳ ମନୋନୀତ କରିବେ । ଏବେ ଭୁବନେଶ୍ୱରସ୍ଥିତ ପୁରୁଣା ବିଧାନସୌଧରେ ବିଧାନପରିଷଦ କାର୍ଯ୍ୟକ୍ଷମ ହୋଇପାରିବ । ଓଡ଼ିଶା ବିଧାନସଭାର ୪୦୦ରୁ ଉର୍ଦ୍ଧ୍ୱ ଆସନ ବିଶିଷ୍ଟ ସମ୍ମିଳନୀ କକ୍ଷର ତଳ ମହଲାକୁ ଉଭୟ ଗୃହର ମିଳିତ ବୈଠକରେ ରାଜ୍ୟପାଳଙ୍କ ଅଭିଭାଷଣ ପାଇଁ ମୁଖ୍ୟକକ୍ଷ ଭାବେ ବ୍ୟବହାର କରାଯାଇପାରିବ ବୋଲି ସେ କହିଛନ୍ତି ।

### ହେଲେ ସମାଧାନ ...

କରିବାକୁ ଦାବି କରିଥିଲେ । ସେପଟେ ଗତ ୨୩ ଦିନ ଧରି ଧାରଣାରେ ବସିଥିବା ଶିକ୍ଷକ ସମସ୍ୟା ନେଇ କଂଗ୍ରେସ ସଭ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ । ଉଭୟ ଶାସକ ଓ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଗୃହ କାର୍ଯ୍ୟ ସଂପାଦନ କରିବା ବାଚସ୍ପତିଙ୍କ ପକ୍ଷେ ସମ୍ଭବ ହୋଇନଥିଲା । ପ୍ରଶ୍ନଉତ୍ତରକାଳ ଆରମ୍ଭରୁ ହିଁ ଏହି ସମସ୍ୟା ଲାଗି ରହିଥିଲା । ବାଚସ୍ପତି ପ୍ରଦୀପ ଅମାତ ଗୃହରେ ଶାନ୍ତ ପରିବେଶ ଆଣିବା ପାଇଁ ବିଧାୟକମାନଙ୍କୁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ କିଛି ଫଳ ମିଳି ନଥିଲା । ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ଗୃହକୁ ଅପରାହ୍ନ ୩ଟା ଯାଏ ମୁଲତବୀ ରଖିଥିଲେ । ଅପରାହ୍ଣ ଅଧିବେଶନ ଆରମ୍ଭ ହେବା ପରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର କଟକରେ ଆଇନଜୀବୀଙ୍କୁ ପୁଲିସର ମାଡ଼ ପ୍ରସଙ୍ଗ ଉଠାଇଥିଲେ । ପୁଲିସ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ହୋଇନାହିଁ ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିଥିଲେ । ସେ କହିଥିଲେ ଯେ ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ରାଜ୍ୟରେ ବିଚାର ପ୍ରକ୍ରିୟା ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି । ସାଧାରଣ ଲୋକେ ଏଥିପାଇଁ ହଇରାଣ ହେଉଛନ୍ତି । ଗୃହକୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିବା ନେଇ ବାଚସ୍ପତି ଏକପାଖିଆ ନିଷ୍ପତ୍ତି ନେଇଛନ୍ତି ବୋଲି କଂଗ୍ରେସ ବିଧାୟକମାନେ ଅଭିଯୋଗ କରିଥିଲେ । ଅନ୍ୟ ଦିନରେ ବାଚସ୍ପତି ଗୃହକୁ ଏକ ଘଣ୍ଟା ମୁଲତବୀ ଘୋଷଣା କରୁଥିବା ବେଳେ ବିଜେଡିର ତୈଳଦର ବୃଦ୍ଧି ପ୍ରତିବାଦ କାର୍ଯ୍ୟକ୍ରମ ଥିବାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମୁଲତବୀ କରାଯାଇଛି ବୋଲି କଂଗ୍ରେସ ବିଧାୟକମାନେ କହିଥିଲେ । ତେବେ ସାଧାରଣ ଲୋକଙ୍କ ସମସ୍ୟା ଓ ରାଜ୍ୟର ବିକାଶ ସମ୍ପର୍କରେ ଆଲୋଚନା ହେବା ପରିବର୍ତ୍ତେ ଗୃହରେ ଶାସକ, ବିରୋଧୀ ଯେଉଁଳି କଳି କରୁଛନ୍ତି ତାହା ଲଜ୍ଜାଜନକ । ରାଜ୍ୟ ରାଜକୋଷରୁ ବିପୁଳ ପରିମାଣରେ ଅର୍ଥ ଖର୍ଚ୍ଚ କରାଯାଉଥିଲେ ମଧ୍ୟ ଲୋକଙ୍କ ସମସ୍ୟା ଆଲୋଚନା ପରିବର୍ତ୍ତେ ନେତାମାନେ ନିଜ ଭିତରେ ଆରୋପ ପ୍ରତ୍ୟାରୋପ କରିବା ଦ୍ୱାରା ଗୃହର ମର୍ଯ୍ୟାଦା ମଧ୍ୟ ହାନୀ ହେଉଛି । ଗାନ୍ଧିମାର୍ଗରେ ଅଙ୍ଗନୱାଡି କର୍ମୀ ନିଜର ଦାବି ନେଇ ଧାରଣାରେ ବସିଥିଲା ବେଳେ ଶିକ୍ଷକମାନେ ମଧ୍ୟ ବିଦ୍ୟାଳୟ ଗୁଡିକ ଅଚଳ କରିବା ଦ୍ୱାରା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନଷ୍ଟ ହେବାକୁ ବସିଛି । ତେଣୁ ଏହି ପରିପ୍ରେକ୍ଷୀରେ ରାଜ୍ୟର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଦିଗରେ ସଭ୍ୟମାନେ ଆଲୋଚନା କରିବା ଉଚିତ୍ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

### କେନ୍ଦ୍ରକୁ ପୁଣି ଚିଠି ...

ଏବେ ମଧ୍ୟ ସେହି ପ୍ରତିଶ୍ରୁତିରେ ସରକାର ଅଟଳ ଅଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ପତ୍ରରେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟ ସରକାର ହାଇକୋର୍ଟ ବେଞ୍ଚ ବାବଦରେ କର୍ଣ୍ଣାଟକ ଓକିଲ ସଂଘ ବନାମ ଭାରତ ସରକାରଙ୍କ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ ଏବଂ ହାଇକୋର୍ଟର ମୂଳ ପୀଠ ବାହାରେ ବେଞ୍ଚ ସ୍ଥାପନ ସମ୍ପର୍କିତ ଜଷ୍ଟିସ ଯଶୋବନ୍ତ ସିଂହ କମିଶନଙ୍କ ସୁପାରିସ ସମ୍ପର୍କରେ ରାଜ୍ୟ ସରକାର ଅବଗତ ଅଛନ୍ତି । ଏହି ଦୃଷ୍ଟିରୁ ଓଡ଼ିଶାର ପଶ୍ଚିମ ଓ ଦକ୍ଷିଣାଞ୍ଚଳରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନର ଯୌକ୍ତିକତା ରହିଛି । ଏହା ଜଷ୍ଟିସ ଯଶୋବନ୍ତ ସିଂହ କମିଶନଙ୍କ ଦ୍ୱାରା ଧାର୍ଯ୍ୟ ମାପକାଠିକୁ ପୂରଣ କରୁଥିବା ବେଳେ କେନ୍ଦ୍ର ତାଲିକାର ୭୮ତମ ସୂଚୀ ଅନୁଯାୟୀ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସଂସଦର କ୍ଷମତା ରହିଛି । ଏହି କ୍ଷମତା ଅନୁଯାୟୀ ସଂସଦ ଉଭୟ ସ୍ଥାନରେ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ କ୍ଷମତାପନ୍ନ ହୋଇଥିବାରୁ ଏ ଦିଗରେ ଯଥାଶୀଘ୍ର ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି । ସୂଚନାଯୋଗ୍ୟ ଯେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ଏବେ ପଶ୍ଚିମ ଓଡ଼ିଶାରେ ଆନ୍ଦୋଳନ ଆରମ୍ଭ ହୋଇଛି । ଓକିଲମାନେ କୋର୍ଟ ବର୍ଜନ କରିବା ସହ ଧାରଣାରେ ବସିଥିଲେ । ଆସନ୍ତାକାଲିଠାରୁ ଓକିଲମାନେ ସମସ୍ତ ସରକାରୀ ଅଫିସ୍ ଆଗରେ ପିକେଟିଂ କରିବେ ବୋଲି ସିଏସି ପକ୍ଷରୁ କୁହାଯାଇଛି ।

### ‘ଆର୍ଥିକ ବିକାଶରେ ...

ଉପଲବ୍ଧ ପେଟ୍‌କୋ ଓ କୋଇଲାର ବ୍ୟବହାରରେ ସିନ୍ଥେଟିକ୍ ଗ୍ୟାସ ପ୍ରକଳ୍ପ ଆରମ୍ଭ କରାଯିବ । ଓଡ଼ିଶା ଦେଶର ଇସ୍ପାତ ରାଜଧାନୀ ହେବାର ସମ୍ଭାବନା ରଖିଛି । କୃଷି କ୍ଷେତ୍ରରେ ଦ୍ୱିତୀୟ ସବୁଜ ବିପ୍ଳବର ପେଣ୍ଠସ୍ଥଳୀ ହୋଇପାରିବ ଓଡ଼ିଶା । କେମିକାଲ୍ ଓ ପେଟ୍ରୋକେମିକାଲ୍ କ୍ଷେତ୍ରରେ ପାରାଦୀପକୁ କେନ୍ଦ୍ର କରି ବିଶାଳ ଡାଉନଷ୍ଟ୍ରିମ୍ ଶିଳ୍ପର ସମ୍ଭାବନା ତିଆରି ହୋଇଛି । ଆଇସିଟି- ଆଇଓସି କ୍ୟାମ୍ପସର ଛାତ୍ରଛାତ୍ରୀମାନେ ଓଡ଼ିଶାରୁ ଦେଶ ବିକାଶର ବଡ଼ କାମ କରିବାର ସୁଯୋଗ ସଦୁପଯୋଗ କରନ୍ତୁ ବୋଲି ସେ ଆହ୍ୱାନ ଜଣାଇଛନ୍ତି । ସାରା ଦେଶ ସହ ବିଶ୍ୱକୁ ମାଲ ପରିବହନର କେନ୍ଦ୍ର ଓଡ଼ିଶାର ସମୁଦ୍ର ବେଳାଭୂମିର କିଛି ବିକଳ୍ପ ନାହିଁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଲିଙ୍ଗରାଜ ମନ୍ଦିର ପାଖରେ ଥିବା ବିନ୍ଦୁସାଗରର ବର୍ଜ୍ୟବସ୍ତୁରୁ ବିଜୁଳି ପ୍ରସ୍ତୁତିର ଏକ ପ୍ରକଳ୍ପ ନିର୍ମାଣ ପାଇଁ ଆଇସିଟି- ଆଇଓସି ତରଫରୁ ସ୍ଥାନୀୟ ଉନ୍ନୟନ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦେଇଛନ୍ତି ଶ୍ରୀ ପ୍ରଧାନ । ଶ୍ରୀ ପ୍ରଧାନ ଏହି ଅବସରରେ ଏହି ଅନୁଷ୍ଠାନକୁ ରାଜ୍ୟ ସରକାର ନିଜସ୍ୱ କ୍ୟାମ୍ପସ ପାଇଁ ଜମି ଯୋଗାଇ ଦେଇନଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି । ସର୍ଦ୍ଦାର ରାଜାସ ଭଳି ତାମିଲନାଡ୍ରୁର ଠକ ସଂସ୍ଥାକୁ ୧୦୦ ଏକର ଜମି ଯୋଗାଇ ଦିଆଯାଇପାରୁଛି । ମାତ୍ର ସରକାରୀ ଦାମ୍‌ରେ କ୍ୟାମ୍ପସ୍ ପାଇଁ ଜାଗା କିଣିବା ପାଇଁ ଆଇସିଟି ମୁମ୍ବାଇ ରାଜିଥିବା ବେଳେ ଜାଗା ଯୋଗାଇ ଦିଆନଯିବା କ୍ଷୋଭର ବିଷୟ ବୋଲି ଶ୍ରୀ ପ୍ରଧାନ କହିଥିଲେ । ଏହି ଶିକ୍ଷାନୁଷ୍ଠାନକୁ ମାଗଣାରେ ୧୦୦ ଏକର ଜମି ଯୋଗାଇ ଦେବାପାଇଁ ସେ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଇଓସିଏଲ୍ ଅଧ୍ୟକ୍ଷ ସଞ୍ଜୀବ ସିଂ, ଆଇସିଟି ମୁମ୍ବାଇ କୁଳପତି ପ୍ରଫେସର ଜି ଡି ଯାଦବ, ଆଇଓସିଏଲ୍ ନିର୍ଦ୍ଦେଶକ (ଆର୍‌ଆଣ୍ଡଡି) ଡ. ଏସ୍‌ଏସ୍‌ଭି ରାମକୁମାର, ଆଇଓସିଏଲ ନିର୍ଦ୍ଦେଶକ (ଏଚ୍‌ଆର୍) ରଞ୍ଜନ କୁମାର ମହାପାତ୍ର, ଆଇସିଟି ମୁମ୍ବାଇ ନିର୍ଦ୍ଦେଶକ ପ୍ରଫେସର ବି ଏନ୍ ଥୋରାଟ୍ ଓ ଇଣ୍ଡିଆନ ଅଏଲ ଓଡ଼ିଶା କ୍ୟାମ୍ପସ୍ ପ୍ରମୁଖ ଉପସ୍ଥିତ ଥିଲେ ।

### ସମଲିଙ୍ଗୀ ସମ୍ପର୍କ ...

ସ୍ପଷ୍ଟତଃ ଏକତରଫା । ବିଚାରପତି ଖାନୱିଲକର ପ୍ରଧାନ ବିଚାରପତିଙ୍କ ରାୟ ସହିତ ଏକମତ । ପ୍ରଧାନ ବିଚାରପତି ତାଙ୍କ ରାୟରେ କହିଛନ୍ତି ଯେ ଲେସବିୟାନ୍, ଗେ, ବାଇସେକ୍ସୁଆଲ, ଟ୍ରାନ୍ସଜେଣ୍ଡର ଓ କ୍ୱେଶ୍ଚେନିଂ ବା ମହିଳା ସମଲିଙ୍ଗୀ, ପୁରୁଷ ସମଲିଙ୍ଗୀ, ଉଭୟଲିଙ୍ଗୀ, ଲିଙ୍ଗ ପରିବର୍ତ୍ତନକାରୀ ଏବଂ ପ୍ରଶ୍ନିଳ (ଏଲଜିବିଟିକ୍ୟୁ) ସଂପ୍ରଦାୟଙ୍କର ଅନ୍ୟ ନାଗରିକଙ୍କ ପରି ସମାନ ଅଧିକାର ରହିଛି । ପ୍ରଧାନ ବିଚାରପତି କହିଛନ୍ତି ଯେ ସାମାଜିକ ନୈତିକତା ସାମ୍ବିଧାନିକ ନୈତିକତାକୁ ଉଡ଼ାଇ ଦେଇପାରିବ ନାହିଁ । ସାମାଜିକ ନୈତିକତା ଜରେ ବ୍ୟକ୍ତିର ମୌଳିକ ଅଧିକାରକୁ ଓଲଟାଇ ଦେଇପାରିବ ନାହିଁ । ସେ କହିଛନ୍ତି, ଯୌନ ଅଭିବିନ୍ୟାସ ବା ଆକାଙ୍କ୍ଷା ହେଉଛି ସଂପୂର୍ଣ୍ଣ ଭାବେ ଜୈବିକ ଓ ଜନ୍ମଗତ । ଜଣେ ପୁରୁଷ ବା ନାରୀ କାହା ପ୍ରତି ଆକର୍ଷିତ ହେବେ ତାହା ଉପରେ ତାଙ୍କର ନିୟନ୍ତ୍ରଣ ନାହିଁ । ଏହାକୁ ଦମନ କରାଯିବା ଅର୍ଥ ମୁକ୍ତ ଅଭିବ୍ୟକ୍ତିର ଉଲ୍ଲଙ୍ଘନ । ପ୍ରଧାନ ବିଚାରପତି ତାଙ୍କ ରାୟରେ କହିଛନ୍ତି, ଦୈହିକ ସ୍ୱତନ୍ତ୍ରତା ହେଉଛି ବ୍ୟକ୍ତିଗତ, ପସନ୍ଦର ବିଷୟ ଓ ମର୍ଯ୍ୟାଦାର ବିଷୟବସ୍ତୁ । ଉଭୟ ପ୍ରଧାନ ବିଚାରପତି ଦୀପକ ମିଶ୍ର ଏବଂ ଏଏମ ଖାନୱିଲକର କହିଛନ୍ତି ଯେ ସହମତି ଭିତ୍ତିରେ ହେଉଥିବା ସମକାମୀ ସଂପର୍କ ଆଦୌ ଅବୈଧ ନୁହେଁ । କେବଳ ସହମତି ନଥାଇ ଯଦି ଏଭଳି ଯୌନ ସଂପର୍କ ରଖାଯାଏ କିମ୍ବା ପଶୁ ସହିତ ଏଭଳି ସଂପର୍କ ରଖାଯାଏ ତେବେ ତାହା ୩୭୭ ଦଫା ଅନୁସାରେ ଅବୈଧ ଓ ଅପରାଧ ବିବେଚିତ ହେବ ବୋଲି ଉଭୟ ବିଚାରପତି କହିଛନ୍ତି । ରାୟର ଭାଷା ଅନୁସାରେ, ‘ମାନବିକତା ଦୃଷ୍ଟିକୋଣରୁ ଏଲଜିବିଟିକ୍ୟୁ ସଂପ୍ରଦାୟର ଆଶାର ଇନ୍ଦ୍ରଧନୁ ଦରକାର । ମର୍ଯ୍ୟାଦାର ସହିତ ଓ ଛଳନା ରହିତ ଭାବେ ବଞ୍ଚିବା ପାଇଁ ସେମାନଙ୍କୁ ଅନୁମତି ମିଳିବା ଆବଶ୍ୟକ । ଏହା ହେଉଛି ସେମାନଙ୍କର ମର୍ଯ୍ୟାଦା, ସମାନତା ଓ ସ୍ୱତନ୍ତ୍ରତାର ଯାତ୍ରା । ଏବେ ସମୟ ଆସିଛି ସାମାଜିକ ଆଭିମୁଖ୍ୟରେ ସେମାନଙ୍କ ବିରୋଧରେ ରହିଥିବା ବାଛବିଚାରକୁ ବିଦାୟ ଦେବାର । ଏବେ ବାଛବିଚାର ବିରୋଧରେ ଏଲଜିବିଟିକ୍ୟୁ ସଂପ୍ରଦାୟର ସଶକ୍ତିକରଣ ଆବଶ୍ୟକ । ସେମାନଙ୍କୁ ସେମାନଙ୍କ ପସନ୍ଦ ବାଛିବାର ଅଧିକାର ମିଳିବା ଉଚିତ ।’ ପ୍ରଧାନ ବିଚାରପତିଙ୍କର ଏହି ରାୟ ବସ୍ତୁତ ଏହି ବିବାଦ ସଂପର୍କରେ ବିଚାରପତି ସୁରେଶ କୌଶଳ ପ୍ରଦାନ କରିଥିବା ରାୟକୁ ରଦ୍ଦ କରିଦେଇଛି । ସେହିପରି ବିଚାରପତି ରୋହିନଟନ୍ ଏଫ. ନରିମାନ ତାଙ୍କ ରାୟ ଘୋଷଣା କରି କହିଛନ୍ତି ଯେ ଯୋଗ୍ୟାକର୍ତ୍ତା ନୀତି ଅନୁସାରେ ସମ୍ବିଧାନର ୧୪ ଧାରାରେ ପ୍ରଦତ୍ତ ସ୍ୱାଧୀନତା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ନୀତି ଅନୁସାରେ ସମଲିଙ୍ଗୀମାନଙ୍କର ମୌଳିକ ଅଧିକାର ସେତିକି ଗୁରୁତ୍ୱପୂର୍ଣ୍ଣ ଯେତିକି ଅନ୍ୟମାନଙ୍କର । ସେମାନେ ମଧ୍ୟ ମଣିଷ, ସେମାନଙ୍କର ମଧ୍ୟ ମର୍ଯ୍ୟାଦାର ସହିତ ବଞ୍ଚିବାର ଅଧିକାର ରହିଛି । ସୂଚନାଯୋଗ୍ୟ ଯେ ଇଣ୍ଡୋନେସିଆର ଯୋଗ୍ୟାକର୍ତ୍ତାରେ ମାନବାଧିକାର ଗୋଷ୍ଠୀଗୁଡ଼ିକ ଏକାଠି ହୋଇ ୨୦୦୬ ନଭେମ୍ବର ମାସରେ ଏ ନେଇ ଏକ ନୀତି ପ୍ରଣୟନ କରିଥିଲେ । ୨୦୧୭ ମସିହାରେ ଏଥିରେ ସମଲିଙ୍ଗୀ ସଂପର୍କ ପରି ଅନ୍ୟ କେତେକ ବିଷୟବସ୍ତୁ ସଂଯୁକ୍ତ ହୋଇଥିଲା । ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ କହିଛନ୍ତି ଯେ ୩୭୭ ଦଫା ଯୋଗୁଁ ସୃଷ୍ଟି ହୋଇଥିବା ଦୁଃଖ ଓ ଯନ୍ତ୍ରଣା ଦୂର ହେବା ଦରକାର । ଏକ ଉଦାରବାଦୀ ସମ୍ବିଧାନ କାର୍ଯ୍ୟକାରୀ ହେବାର ୬୮ ବର୍ଷ ପରେ ମଧ୍ୟ ମ୍ୟାକଲେଙ୍କ ମୂଲ୍ୟବୋଧ ବଳବତ୍ତର ରହିବା ଦୁଃଖଦାୟକ । ଭଲ ପାଇବାର ମାନବିକ ପ୍ରବୃତ୍ତିରେ ଏହା ବାଧା ସୃଷ୍ଟି କରିଛି । ସେ ପ୍ରଶ୍ନ କରିଛନ୍ତି, ‘ପ୍ରକୃତିର ଶୃଙ୍ଖଳା କ’ଣ ? କ’ଣ ଅନୁମତି ଯୋଗ୍ୟ ଓ କ’ଣ ନୁହେଁ ସେନେଇ ରାଷ୍ଟ୍ର ସୀମା ନିର୍ଦ୍ଧାରଣ କରିପାରିବ ନାହିଁ ?’ ସେହପରି ବିଚାରପତି ଇନ୍ଦୁ ମାଲହୋତ୍ରା କହିଛନ୍ତି ଯେ ଦୀର୍ଘ ବର୍ଷ ଧରି ଏଲଜିବିଟିକ୍ୟୁ ସଂପ୍ରଦାୟ ପ୍ରତି କରାଯାଇଥିବା ଅତ୍ୟାଚାର ପାଇଁ ସମାଜ କ୍ଷମା ମାଗିବା ଉଚିତ । ଏହି ରାୟ ପରେ ଏଲଜିବିଟିକ୍ୟୁ ସଂପ୍ରଦାୟରେ ଖୁସିର ଲହରୀ ଖେଳି ଯାଇଛି । ସେମାନେ ଏଣକି ମୁଣ୍ଡଟେକି ନିଜର ପ୍ରେମ ଘୋଷଣା କରିପାରିବେ ବୋଲି କହିଛନ୍ତି ।

### ଗ୍ରାମାଞ୍ଚଳ ଓ ଭିତ୍ତିଭୂମି ...

ସଞ୍ଚୟ ଓ ସମର୍ପଣରୁ ୫୫୪୨ କୋଟି ଟଙ୍କା ଆସିବ । ଏହି ବ୍ୟୟ ବରାଦ ମଧ୍ୟରେ ଶିକ୍ଷା ସହାୟକଙ୍କୁ ନିୟମିତ ଦରମା ଦେବା ବାବଦରେ ୭୫୦ କୋଟି ଟଙ୍କା ଖର୍ଚ୍ଚ ହେବ । ସୁଧ ରାଶି ପଇଠ କରିବାକୁ ସରକାର ୩୫୦ କୋଟି ଟଙ୍କା ବ୍ୟୟ କରିବେ । ଲୋକସଭା ଓ ବିଧାନସଭାର ଏକକାଳୀନ ନିର୍ବାଚନ ପରିଚାଳନା ପାଇଁ ୪୧ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ସଡ଼କ ରକ୍ଷଣାବେକ୍ଷଣ ପାଇଁ ୧୦୦ କୋଟି ଟଙ୍କା, ଉଠା ଜଳସେଚନ ନିଗମକୁ ଅନୁଦାନ ଓ ଆର୍ଥିକ ପ୍ରୋତ୍ସାହନ ବାବଦରେ ୩୧ କୋଟି ଟଙ୍କା ଦେବାର ବ୍ୟବସ୍ଥା ହୋଇଛି । ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରେ ୨୦୧୭-୧୮ ଆର୍ଥିକ ବର୍ଷ ଶେଷରେ ବଳକା ଥିବା ୧୩୬୪ କୋଟି ଟଙ୍କାର ବ୍ୟୟ ବରାଦ ୨୦୧୮-୧୯ ଅତିରିକ୍ତ ବଜେଟରେ କରାଯାଇଛି । ସେ ପୁଣି କହିଲେ ଯେ କାର୍ଯ୍ୟକ୍ରମ ବ୍ୟୟ ମଧ୍ୟରେ ଭିତ୍ତିଭୂମି ଓ ଗ୍ରାମ୍ୟ ଉନ୍ନୟନ ପାଇଁ ୬୦୯୭ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି । ସେଥିରୁ ବସୁଧା ଯୋଜନା ମାଧ୍ୟମରେ ପାନୀୟ ଜଳ ଯୋଗାଣ ପାଇଁ ୪୦୦ କୋଟି ଟଙ୍କା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)-ବିଜୁ ପକ୍କା ଘର ପାଇଁ ୧୫୦୦ କୋଟି ଟଙ୍କା, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ପାଇଁ ୨୦୬୫ କୋଟି ଟଙ୍କା, ସ୍ୱଚ୍ଛ ଭାରତ ମିଶନ ପାଇଁ ୧୦୦୦ କୋଟି ଟଙ୍କା ଏବଂ ଜାତୀୟ ଗ୍ରାମୀଣ ଜୀବିକା ମିଶନ ପାଇଁ ୨୧୧ କୋଟି ଟଙ୍କାର ବ୍ୟୟ କରାଯିବ । ଏହା ବ୍ୟତୀତ ଓପିଜିସି ପାଇଁ ୩୦ କୋଟି ଟଙ୍କା, ରାଜଧାନୀ ଶକ୍ତି ପ୍ରଣାଳୀର ଉନ୍ନତିକରଣ ପାଇଁ ୨୫ କୋଟି ଟଙ୍କା, ବିଜୁ ଗ୍ରାମ ଜ୍ୟୋତି ଯୋଜନା ପାଇଁ ୭୫ କୋଟି ଟଙ୍କା, ଆମ ଘରେ ଏଲ୍‌ଇଡି ଯୋଜନା ପାଇଁ ୧୦୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି । ରାଜ୍ୟ ସରକାର କେନାଲ ବନ୍ଧ ରାସ୍ତାର ନବୀକରଣ ପାଇଁ ୨୦୦ କୋଟି ଟଙ୍କା, ଏମ୍‌ଆଇପିର ଉନ୍ନତିକରଣ ପାଇଁ ୨୦ କୋଟି ଟଙ୍କା, ବର୍ଷା ଜଳ ସଂରକ୍ଷଣ ଓ ଭୂତଳ ଜଳ ରିଚାର୍ଜ ବାବଦରେ ୧୨ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା କରିଛନ୍ତି । ସହରାଞ୍ଚଳ ଉନ୍ନୟନ ପାଇଁ ଜାଗା ମିଶନ ବାବଦରେ ୧୦୦ କୋଟି ଟଙ୍କା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) ପାଇଁ ୩୦୦ କୋଟି ଟଙ୍କା, ଓଡ଼ିଶା ସମନ୍ୱିତ ପରିମଳ ଉନ୍ନୟନ ପ୍ରକଳ୍ପ ପାଇଁ ୬୧ କୋଟି ଟଙ୍କା, ସହରାଞ୍ଚଳ ପରିବହନ ପାଇଁ ୨୫ କୋଟି ଟଙ୍କା, ଅମୃତ ଯୋଜନା ପାଇଁ ୮୦ କୋଟି ଟଙ୍କା ଏବଂ ଓଡ଼ିଶା ସହରାଞ୍ଚଳ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ପାଇଁ ୨୨ କୋଟିର ବ୍ୟୟବରାଦ କରାଯାଇଛି । ସର୍ବଶିକ୍ଷା ଅଭିଯାନ ପାଇଁ ରାଜ୍ୟ ସହାୟତା ବାବଦକୁ ଏହି ବଜେଟରେ ୨୪୨ କୋଟି ଟଙ୍କା ଦିଆଯାଇଛି । ମଧ୍ୟାହ୍ନ ଭୋଜନ ପାଇଁ ରାଜ୍ୟ ସହାୟତା ବାବଦକୁ ୨୩ କୋଟି ଟଙ୍କା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୧୦୦ କୋଟି ଟଙ୍କା, ମୋ ସ୍କୁଲ ଅଭିଯାନ ପାଇଁ ୩୫ କୋଟି ଟଙ୍କା, ଏସସିଏସଟି ଛାତ୍ରଛାତ୍ରୀମାନଙ୍କୁ ମେଧାବୃତ୍ତି ବାବଦରେ ୨୬୩ କୋଟି ଟଙ୍କା ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ ତଥା ସଂଖ୍ୟାଲଘୁଙ୍କ ଆବାସ ନିର୍ମାଣ ପାଇଁ ୨୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ବୀମା ଯୋଜନାର କାର୍ଯ୍ୟକାରିତା ପାଇଁ ୬୨ କୋଟି ଟଙ୍କା ଓ ସ୍ୱାସ୍ଥ୍ୟ ସହାୟ ପାଇଁ ୮୨ କୋଟି ଟଙ୍କା ବଜେଟରେ ରଖାଯାଇଛି । ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତୀକରଣ ଯୋଜନା ପାଇଁ ୫୦ କୋଟି ଟଙ୍କା ଏବଂ ମୁଧବାବୁ ପେନସନ ଯୋଜନା ପାଇଁ ୨୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ବୋଲି ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି ।




# ଓଡ଼ିଶା ବାହାରେ ଓଡ଼ିଆ ଖାଦ୍ୟର ମହକ






ଆପଣ ମାନଙ୍କର ମନେଥିବ ଯେ ଆମେ ଚର୍ଚ୍ଚ ଅଫ୍ ଲେଡି ରୋଜାରୀ ଦେଖିସାରିବା ପରେ ସଂଧ୍ୟାକାଳୀନ ଜଳଖିଆ ଖାଇବା ପାଇଁ ବାହାରିଥିଲୁ। ଆଉ ଏହା ମଧ ମନେଥିବ ଯେ, ମୋ ଅନୁରୋଧ କ୍ରମେ ସମସ୍ତେ ବରା ଖାଇବା ପାଇଁ ସ୍ଥିର କରିଥିଲୁ। ଆପଣମାନଙ୍କୁ ସୂଚନା ଦେବି ଯେ, ଗୋଆରେ ପ୍ରାୟ ପ୍ରତ୍ୟେକ ପ୍ରକାରର ଖାଦ୍ୟ ମିଳିଥାଏ। କାରଣ ଏଠାକୁ ବିଦେଶୀ ପର୍ଯ୍ୟଟକଙ୍କ ସହ ଆମ ଦେଶର ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟକ ମାନେ ଆସିଥାନ୍ତି। ତେଣୁ ଖାଇବାରେ କିଛି ଅସୁବିଧା ନାହିଁ। ଗାଡି ଚାଳକ ଆମକୁ ପୁରୁଣା ଗୋଆରୁ ପାଣାଜୀ ଫେରିବା ରାସ୍ତାରେ ଏକ ସାଉଥ ଇଣ୍ଡିଆନ ରେଷ୍ଟୁରାଣ୍ଟରେ ପହଞ୍ଚାଇଥିଲେ। ସଂଧ୍ୟା ସମୟ ହୋଇଥିବାରୁ ଖୁବ୍ ଗହଳି ଥିଲା। ତଥାପି ରେଷ୍ଟୋରାଣ୍ଟରେ ଆମେ ଏକ ସ୍ଥାନରେ ବସିଯାଇଥିଲୁ। ତା'ପରେ ମୋ ଅନୁସାରେ ଅର୍ଡର ଦେବା ପାଇଁ ରେଷ୍ଟୁରାଣ୍ଟର ଜଣେ ସହଯୋଗୀଙ୍କୁ ଡାକିଥିଲି। ଏହାରି ଭିତରେ ଏକ ଅଦ୍ଭୁତ ଘଟଣା ଘଟିଥିଲା। ଆମେ ସମସ୍ତେ ଓଡ଼ିଆ ଭାଷାରେ କଥା ହେଉଥିଲୁ ଆଉ ଜଣେ ଅଜଣା ବ୍ୟକ୍ତି ଆମକୁ ହଠାତ୍ ଆସି ପଚାରିଲେ 'ଆପଣ ମାନେ କେଉଁଠାରୁ ଆସିଛନ୍ତି?' ଘର ଠାରୁ ଅନେକ ଦୂରରେ ପୁଣି ନିଜ ମାତୃଭାଷା ଶୁଣିବା ମାତ୍ରେ ଆମେ ସମସ୍ତେ ହଠାତ୍ କିଛି ବୁଝିପାରି ନଥିଲୁ। ତେବେ ସେ ଭଦ୍ରବ୍ୟକ୍ତି ଜଣକ ନିଜ ପରିଚୟ ଦେଇ କହିଲେ ଯେ, ସେ ହେଉଛନ୍ତି ଏ ରେଷ୍ଟୁରାଣ୍ଟର ମ୍ୟାନେଜର। ତାଙ୍କ ଘର ବ୍ରହ୍ମପୁର ଅଞ୍ଚଳରେ। ଆଉ ସେ ପ୍ରାୟ ୧୫ ବର୍ଷ ହେବ ଗୋଆରେ ରହୁଛନ୍ତି। ଏତେ କଥା ଭିତରେ ସେ ରେଷ୍ଟୁରାଣ୍ଟର ସହଯୋଗୀଙ୍କୁ ଆମ ଖାଇବା ଅର୍ଡର ନେବା ପାଇଁ କହିଲେ। ଆଉ ଭଲ ଭାବରେ ଆମ ପାଇଁ ପ୍ରସ୍ତୁ କରିବା ପାଇଁ ମଧ ନିର୍ଦ୍ଦେଶ ଦେଲେ। ତା'ପରେ ସେ କ୍ୟାଶ୍ କାଉଣ୍ଟର ନିକଟକୁ ଚାଲିଗଲେ। ଆମେ ମେନ୍ୟୁକୁ ଦେଖି ଦୋଷା ଆଉ ବରା ଅର୍ଡର କଲୁ। ବାରିକ ଦେଖିଲେ ନଖ କଅଁଳିବା ଭଳି ମୋ ମନରେ ସେମିତି ଏକ କଥା ଆସିଲା। ମୋର ବରା ସହ ମଟର ଘୁଗୁନି କଞ୍ଚାଲଙ୍କା ଦଳି ଖାଇବାକୁ ଖୁବ୍ ଇଚ୍ଛା ଥିଲା। ତେଣୁ ଯେମିତି ମୁଁ ଜାଣିଲି ଯେ ମ୍ୟାନେଜର ଆମ ଲୋକ ତେଣୁ ମୁଁ ସିଧା ଯାଇ ପହଞ୍ଚିଲି କ୍ୟାଶ୍ କାଉଣ୍ଟରରେ ଓ ଓଡ଼ିଆରେ ଗପିବାକୁ ଆରମ୍ଭ କଲି। କିନ୍ତୁ ମୋର ଲକ୍ଷ୍ୟଥିଲା ମଟର ଘୁଗୁନି। କିଛି ସମୟ ଗପିବା ପରେ ସେ ମୋତେ ପଚାରିଲେ ଆଉ କିଛି ଖାଇବେ ନା କେବଳ ବରା ଆଉ ଦୋଷା। ମଟର ଘୁଗୁନି ପ୍ରତି ମୋ ମନରେ ଖୁନ୍ଦି ହୋଇଥିବା ଲାଳସା ଯେମିତି ବନ୍ଧବାଡ ଡେଇଁଲା। ମୁଁ ସାଙ୍ଗେ ସାଙ୍ଗେ ତାଙ୍କୁ ମୋ ମନ କଥା କହିଲି। ସେ ଖୁବ୍ ଜୋରରେ ହସିଲେ ଆଉ କହିଲେ ଏଠି ବରା ସହ ମଟର ଘୁଗୁନି ମିଳେନି। କେବଳ ସମ୍ବର ଆଉ ଚଟଣି ଦିଆଯାଏ। ଏକଥା ଶୁଣିବା ପରେ ମୋ ମନ ପୁରା ଶୁଖିଗଲା ଆଉ ମୋର ମୁହଁକୁ ସେ ଲକ୍ଷ୍ୟ କରି ମଧ ସାମାନ୍ୟ ଅପ୍ରସ୍ତୁତ ହେଲେ। ମୋତେ କହିଲେ ବ୍ୟସ୍ତ ହୁଅନ୍ତୁ ନାହିଁ, ମୁଁ କିଚେନ୍‌ରେ ଦେଖୁଛି ଯଦି ମଟର ଶିଝା ଥାଏ ତେବେ ନିହାତି ଆପଣଙ୍କ ପାଇଁ ବନେଇବି। କାରଣ ମଟର ଶିଝା ଅନ୍ୟ ତରକାରୀ ପାଇଁ ରଖାଯାଇଥାଏ। ସାମାନ୍ୟ ଆଶାର କିରଣ ମୋ ମନ ଭିତରେ ଆସିଲା। ଏପଟେ ମୋର ଏପରି ଖାଦ୍ୟପ୍ରୀତି ଦେଖି ମୋର ବନ୍ଧୁ ଏବଂ ଗାଡି ଚାଳକ ମୁରୁକି ହସା ଦେଉଥିଲେ। ମୁଁ ସେମାନଙ୍କୁ କୌଣସି ପ୍ରତିକ୍ରିୟା ନଦେଇ ସିଧା ଆସି ଚୌକିରେ ବସିଲି। କିଛି ସମୟ ଅତିକ୍ରାନ୍ତ ପରେ ରେଷ୍ଟୁରାଣ୍ଟର ସହଯୋଗୀ ଏବେ ସେମାନଙ୍କ ଖାଦ୍ୟ ନେଇ ଆସିଲେ। ହେଲେ ସେଥିରେ ମୋ ପାଇଁ ଖାଦ୍ୟ ନଥିଲା। ପ୍ଲେଟ୍ ଗୁଡିକ ଉପରେ ବରା ଗୁଡିକ ଖୁବ୍ ସୁନ୍ଦର ଦେଖାଯାଉଥିଲା। ମୋ ବନ୍ଧୁ ମୋତେ ଚାହୁଁଥାନ୍ତି ଏବଂ ଖାଦ୍ୟ ଖାଉଥାନ୍ତି। କିଛି ସମୟ ପରେ ସେମାନଙ୍କ ଖାଇବା ପ୍ରାୟ ଅଧା ହୋଇ ସାରିଲା, ତା'ପରେ ରେଷ୍ଟୁରାଣ୍ଟର ସହଯୋଗୀ ମୋ ପାଇଁ ଖାଦ୍ୟ ଧରି ଆସିଲେ। ବରା ସହ ଧନିଆ ପତ୍ର ଆଉ ଗରମ ମସଲାର ସୁଗନ୍ଧ ବାମ୍ଫ ବାହାରୁଥିବା ମଟର ଘୁଗୁନି। ସାଥିରେ କଞ୍ଚାଲଙ୍କା ଏବଂ କଟା ପିଆଜ ବି ରହିଥିଲା। ଓଃ ଏବେ ବି ସେ ସମୟ କଥା ମନେ ପଡିଲେ ପାଟିରେ ଲାଳ ଆସିଯାଉଛି। ଅନ୍ୟକାହାକୁ ନ ଚାହିଁ ମଟର ଘୁଗୁନିରେ କଞ୍ଚା ଲଙ୍କା ଦଳି ଖାଇବା ଆରମ୍ଭ କଲି। ବନ୍ଧୁମାନେ ମୋତେ ଦେଖୁଥାନ୍ତି ହେଲେ କିଛି କହୁ ନଥାନ୍ତି। କିଛି ସମୟ ପରେ ମୋତେ କିଛି ଘୁଗୁନି ମଧ ମାଗିଲେ। ଏହାରି ଭିତରେ ରେଷ୍ଟୁରାଣ୍ଟର ମ୍ୟାନେଜର ମୋ ପାଖକୁ ଆସିଲେ ଏବଂ କେମିତି ହୋଇଛି ଖାଦ୍ୟ ପଚାରିଲେ। ତାଙ୍କୁ ମୋର ଅନୁରୋଧ ରକ୍ଷା କରିଥିବାରୁ ଧନ୍ୟବାଦ ଦେଲି। ମୋ ସହର (ଶ୍ରୀକ୍ଷେତ୍ର ପୁରୀ)ଠାରୁ ଏତେ ଦୂରରେ କଞ୍ଚାଲଙ୍କା ମନ୍ଥା ମଟର ଘୁଗୁନିକୁ ବରା। ସତରେ ଖୁବ୍ ସ୍ୱାଦକର ଥିଲା। ମ୍ୟାନେଜରଙ୍କର ନାଁ ଥିଲା ସୁନିଲ୍। ଆମେ ଅନେକ ସମୟ ତାଙ୍କ ରେଷ୍ଟୁରାଣ୍ଟରେ କଟାଇଲୁ। ସେ ତାଙ୍କ ଘରକୁ ମଧ ଆମକୁ ନିମନ୍ତ୍ରଣ କଲେ। କଥା ରହିଲା ତାଙ୍କ ଘରେ ଦିନେ ଘିଅ ଅନ୍ନ ଏବଂ ଆଳୁ ମଟନ ଝୋଳ ହେବ। ରେଷ୍ଟୁରାଣ୍ଟର ମାଲିକଙ୍କ ସହ ଆମକୁ ସେ ଭେଟ କରାଇଲେ। ସେ ମଧ ଖୁବ୍ ମେଳାପୀ ସ୍ୱଭାବର ଥିଲେ। ଆଉ ସବୁଠାରୁ ବଡ କଥା ହେଲା ସୁନିଲ୍‌ଙ୍କୁ ସେ ଖୁବ୍ ବିଶ୍ୱାସ ମଧ କରୁଥିଲେ। ପୁରୀ ଏବଂ ଓଡ଼ିଶା ବିଷୟରେ ସେ ଅନେକ କଥା ମୋ ଠାରୁ ପଚାରି ବୁଝିଥିଲେ। ଏହାରି ଭିତରେ ରାତି ବଢୁଥିଲା ମୋତେ ଗୋଆର ନାଇଟ୍ ଲାଇଫ୍‌ରେ ସାମିଲ ହେବାର ଥିଲା। ସେ କଥା ଗାଡି ଚାଳକ ମୋତେ ମନେ ପକାଇଦେଲେ। ଆମେ ତା'ପରେ ଉଭୟ ସୁନିଲ୍ ଏବଂ ରେଷ୍ଟୁରାଣ୍ଟ ମାଲିକଙ୍କ ଠାରୁ ବିଦାୟ ନେଇ ଗେଷ୍ଟହାଉସ୍ ଅଭିମୁଖେ ବାହାରିଲୁ।

*କ୍ରମଶଃ...*







ଉପସ୍ଥାପନା
ଜାହ୍ନବୀସୁତ

## ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲରେ ଗୁରୁଦିବସ ପାଳିତ

# 'ଅଜ୍ଞାନରୂପୀ ଅନ୍ଧକାରକୁ ଦୂର କରନ୍ତି ଗୁରୁ'

**ଭୁବନେଶ୍ୱର :** ଆଦର୍ଶ ଗୁରୁମାନେ ଛାତ୍ରଛାତ୍ରୀମାନଙ୍କ ଅଜ୍ଞାନରୂପୀ ଅନ୍ଧକାରକୁ ଦୂର କରି ଜ୍ଞାନ ରୂପକ ଆଲୋକ ପ୍ରଦାନ କରିପାରନ୍ତି। ଜଣେ ଉତ୍ତମ ଗୁରୁ ହିଁ ଛାତ୍ରାବସ୍ଥାକୁ ଶୃଙ୍ଖଳିତ କରିବା ସହିତ ପିଲାମାନଙ୍କ ଭବିଷ୍ୟତ ପଥକୁ ସୁଦୃଢ଼ ଓ ସୁନ୍ଦର କରିବା ପାଇଁ ପ୍ରେରଣା ଦିଅନ୍ତି ବୋଲି କହିଛନ୍ତି ମଳିପଡା ସ୍ଥିତ ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲର ଚେୟାରମ୍ୟାନ୍ ପବିତ୍ର ରାଉତରାୟ। ବିଦ୍ୟାଳୟ ପରିସରରେ ଆୟୋଜିତ ଗୁରୁଦିବସ ଅବସରରେ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପବିତ୍ର ଜନ୍ମତିଥିରେ ତାଙ୍କର ସ୍ମୃତିଚାରଣ କରିବା ସହିତ ପିଲାମାନଙ୍କୁ ଭବିଷ୍ୟତରେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଛନ୍ତି। ବିଦ୍ୟାଳୟର ଅଧକ୍ଷ ଡକ୍ଟର ସ୍ୱରୂପାନନ୍ଦ ମିଶ୍ର ସ୍ୱାଗତ ଭାଷଣ ଦେବା ଅବସରରେ ଛାତ୍ରଛାତ୍ରୀମାନଙ୍କୁ ସାଧୁତା ବଜାୟ ରଖିବା ସହିତ ଭଲ ପାଠ ପଢ଼ିବା ପାଇଁ କହିଛନ୍ତି। ଏଥିସହିତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ କହିଥିଲେ ଯେ, ଉତ୍ତମ ଗୁରୁମାନେ ହିଁ ଉତ୍ତମ ଛାତ୍ର ସୃଷ୍ଟି କରନ୍ତି।



ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଓ ଗୁରୁମାନଙ୍କୁ ପିଲାମାନେ ଉପହାର ପ୍ରଦାନ କରିବା ସହିତ ଆଶିଷ ଭିକ୍ଷା କରିଥିଲେ। ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାର ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉପାଧ୍ୟକ୍ଷ କବୀନ୍ଦ୍ର ଦାଶ କହିଥିଲେ ଗୁରୁମାନଙ୍କୁ ଭକ୍ତି କରିବା ହେଉଛି ଛାତ୍ରମାନଙ୍କ ଧର୍ମ। ତେଣୁ ସମସ୍ତେ ଏହାକୁ ମନେ ରଖିବା ଉଚିତ୍। ଆୟୁଷ ପାତ୍ର, ଜ୍ଞାନରଞ୍ଜନ, ହିନା ପଟେଲ ଓ ତନୟା ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲା ବେଳେ ମନୀଷା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିକାଶ ହସ୍ପିଟାଲରେ ନି-ରିପ୍ଲେସ୍‌ମେଣ୍ଟ ସର୍ଜରୀ ସଫଳ

**ବରଗଡ଼ :** ଗତ ଅଗଷ୍ଟ ୨୮ ତାରିଖରେ ପଶ୍ଚିମ ଓଡ଼ିଶାରେ ପ୍ରଥମ ଥର ପାଇଁ ବିକାଶ ହସ୍ପିଟାଲରେ ନି ରିପ୍ଲେସ୍‌ମେଣ୍ଟ ସର୍ଜରୀ ସଫଳତା ପୂର୍ବକ ସମ୍ପନ୍ନ ହୋଇଛି। ଗତ ୪ମାସ ଧରି ରୋଗୀ ଅଷ୍ଟିଓଆର୍ଥ୍ରାଇଟିସ୍ ରୋଗରେ ପୀଡିତ ଥିଲେ ଏବଂ ଚକାଲଗା ଚଉକି ସାହାଯ୍ୟରେ ଯିବାଆସିବା କରୁଥିଲେ। ବିକାଶ ହସ୍ପିଟାଲ୍‌ର ଅସ୍ଥିରୋଗ ବିଶେଷଜ୍ଞ ଡା.ଚନ୍ଦ୍ରକାନ୍ତ ନାୟକ ରୋଗୀଙ୍କ ପରୀକ୍ଷାନୀରୀକ୍ଷା କରିବା ପରେ ଅସ୍ତ୍ରୋପଚାର ଦ୍ୱାରା ଆଣ୍ଠୁର ସମ୍ପୂର୍ଣ୍ଣରୂପେ ଚିକିତ୍ସା କରାଯାଇପାରିବ ବୋଲି କହିଥିଲେ। ବିକାଶ ହସ୍ପିଟାଲ୍‌ରେ ଉପଯୁକ୍ତ ଆଇସିୟୁ ସୁବିଧା, ଅଭିଜ୍ଞ ନିଶ୍ଚେତକ ଡାକ୍ତର ଟିମ୍, ପୋଷ୍ଟ ଅପରେଟିଭ୍ ପେନ୍ ମ୍ୟାନେଜ୍‌ମେଣ୍ଟ ଟିମ୍, ଅସ୍ଥିରୋଗ ବିଶେଷଜ୍ଞ ମାନଙ୍କ ଦ୍ୱାରା ରୋଗୀଙ୍କ ନି ରିପ୍ଲେସ୍‌ମେଣ୍ଟ ସର୍ଜରୀ ସଫଳତା ପୂର୍ବକ ଗତ ଅଗଷ୍ଟ ୨୮ ତାରିଖରେ ସମ୍ପାଦିତ ହୋଇଥିଲା। ସର୍ଜରୀର ଦୁଇଦିନ ପରେ ରୋଗୀ ଚାଲିବାରେ ସକ୍ଷମ ହୋଇପାରିଥିଲେ ଏବଂ ଗତକାଲି ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ ହୋଇଥିଲେ। ପ୍ରକାଶ ଥାଉକି, ଉକ୍ତ ଜଟିଳ ସର୍ଜରୀ ଅତି କମ୍ ଖର୍ଚ୍ଚରେ ବିକାଶ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ୍ ଠାରେ ସମ୍ପାଦିତ ହୋଇଛି। ଉକ୍ତ ସଫଳତା ପରେ ସମସ୍ତ ପ୍ରକାର ନି ରିପ୍ଲେସ୍‌ମେଣ୍ଟ ଏବଂ ଜଟିଳ ଅସ୍ଥି ରୋଗ ଚିକିତ୍ସା କ୍ଷେତ୍ରରେ ବିକାଶ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ୍ ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ଏକ ନୂତନ ସମ୍ଭାବନା ସୃଷ୍ଟି କରିଛି। ବିକାଶ ହସ୍ପିଟାଲର ପରିଚାଳନା କମିଟୀ ତରଫରୁ ନି ରିପ୍ଲେସ୍‌ମେଣ୍ଟ ସର୍ଜନ୍ ତଥା ଅସ୍ଥିରୋଗ ବିଶେଷଜ୍ଞ ଡା.ଚନ୍ଦ୍ରକାନ୍ତ ନାୟକ, ଅସ୍ଥିରୋଗ ବିଶେଷଜ୍ଞ ଡା.ସୁଜିତ କୁମାର ଲାକ୍ରା, ନିଶ୍ଚେତକ ଡା.ମିଥିଲେଶ, ଡା.ଜଗନ୍ନାଥ ତ୍ରିପାଠୀ, ଡା.ତତ୍ତ୍ୱଦର୍ଶୀ ସାହୁ, ଡା.ରାମକୃଷ୍ଣ ଭୁଏ, ପୋଷ୍ଟ ଅପରେଟିଭ୍ ପେନ୍ ମ୍ୟାନେଜ୍‌ମେଣ୍ଟ ଏବଂ ଆଇସିୟୁ ଟିମ୍‌କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା।

# ବିଜେଡିରେ ମିଶିଲେ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ



**ଭୁବନେଶ୍ୱର :** ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ନେତୃତ୍ୱ ଏବଂ ଜନହିତକର କାର୍ଯ୍ୟକ୍ରମ ପ୍ରତି ଆକୃଷ୍ଟ ହୋଇ କୋରାପୁଟ ଜିଲ୍ଲା ପଟାଙ୍ଗୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନନ୍ଦପୁର, ପଟାଙ୍ଗୀ, ସେମିଳିଗୁଡ଼ା ବ୍ଲକର ୨୦୦ରୁ ଊର୍ଦ୍ଧ୍ୱ ନେତା, କର୍ମୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ, ପୂର୍ବତନ ପ୍ରଶାସକ, ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ମେମ୍ବର, ନାଏବ ସରପଞ୍ଚ, କୃଷକ ନେତା, ମହିଳା ନେତ୍ରୀ, ଯୁବ ଓ ଛାତ୍ରନେତା ପ୍ରମୁଖ ବିଜେପି ଏବଂ କଂଗ୍ରେସ ଦଳ ଛାଡ଼ି ଆଜି ଅପରାହ୍ଣରେ ନବୀନ ନିବାସରେ ଆନୁଷ୍ଠାନିକ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବିଜେପି ଓବିସି ସେଲ୍‌ର ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ଦଳେଇ, ପୂର୍ବତନ ପ୍ରଶାସକ ପଦ୍ମନାଭ ସେଠୀ, ମା' ସିଂହବାହିନୀ ନାରୀସଂଘର ସଭାନେତ୍ରୀ ତୁଳସା ଖରା, ସେମିଳିଗୁଡ଼ା ବ୍ଲକର ସମିତି ସଭ୍ୟ ଜ୍ୟୋତ୍ସ୍ନା ଚୌଧୁରୀ, ଧନୁମତି ଖିଲୋ, ଅନିତା ବାଗ, ଧନ ଦାନୀ, ମଙ୍ଗୁଳି ପାଙ୍ଗୀ, ଲକ୍ଷ୍ମୀ ହନ୍ତାଳ, କମୁଲୁ ଧଡ଼କା, ଦଶମନ୍ତପୁର ବ୍ଲକର ସମିତି ସଭ୍ୟ ନରସିଂହ ବିଶୋୟୀ, ମହେଶ୍ୱର ଗାଦ୍‌ବା, ପବିତ୍ର ଚେଟି, ପୂର୍ବତନ ସମିତି ସଭ୍ୟ ସହଦେବ ଖିଲ, ପଦୁ ବୁରୁଡ଼ି, ଅନନ୍ତରାମ ମାଟାମ୍, ପୂର୍ବତନ ସରପଞ୍ଚ କମୁଲୁ ଖିଲ, ରାମଚନ୍ଦ୍ର ଦଳାଇ, କଂଗ୍ରେସର ଗୁଣ୍ଡାପୁଟ ପଞ୍ଚାୟତ ସଭାପତି ସୋନୁ ମାଝୀ, ବିଜେପିର ରାଜପୁର ପଞ୍ଚାୟତ ସଭାପତି ସଂଜୟ ନାଏକ ପ୍ରମୁଖ ଆଜି ନିଜ ନିଜର ଦଳ ପରିତ୍ୟାଗ କରି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ବିଜେଡି ପ୍ରତି ଆସ୍ଥା ପ୍ରକଟ କରି ଦଳରେ ଯୋଗଦେଇଥିବା ସମସ୍ତ କର୍ମୀଙ୍କୁ ମାନ୍ୟବର ସଭାପତି ଶ୍ରୀଯୁକ୍ତ ପଟ୍ଟନାୟକ ସ୍ୱାଗତ କରିବା ସହ କହିଥିଲେ ଯେ ଆଜି ପଟାଙ୍ଗୀ ନିର୍ବାଚନ ମଣ୍ଡଳୀର ଉଭୟ ବିଜେପି ଓ କଂଗ୍ରେସର ନେତୃମଣ୍ଡଳୀଙ୍କ ସହ ଶତାଧିକ କର୍ମୀ ବିଜେଡିରେ ଯୋଗ ଦେଇଥିବାରୁ ମୁଁ ବହୁତ ଖୁସି। ଏହି ଯୋଗଦାନ ପଟାଙ୍ଗୀ ନିର୍ବାଚନ ମଣ୍ଡଳୀ ସହିତ କୋରାପୁଟ ଜିଲ୍ଲାରେ ବିଜୁ ଜନତା ଦଳର ଶକ୍ତି ବୃଦ୍ଧି କରିବାରେ ସହାୟକ ହେବ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶ୍ରୀ ଦଳେଇ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ କୋରାପୁଟ ଜିଲ୍ଲା ସହିତ ରାଜ୍ୟର ବିକାଶ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଯେଉଁ ଉଦ୍ୟମ କରିଛନ୍ତି, ତାହା ପ୍ରଶଂସନୀୟ। ସେଥିରେ ମୁଁ ଅନୁପ୍ରାଣିତ ହୋଇ ଆଜି ବିଜେପି ଛାଡ଼ି ବିଜେଡିରେ ଯୋଗ ଦେଇଛି। ନବୀନ ନିବାସ ଠାରେ ଅନୁଷ୍ଠିତ ଏହି ଯୋଗଦାନ ଅବସରରେ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗୀ, କୋରାପୁଟ ଜିଲ୍ଲା ସଭାପତି ଈଶ୍ୱର ପାଣିଗ୍ରାହୀ, ଖଦୀ ବୋର୍ଡ ସଭାପତି ତେଜେଶ୍ୱର ପରିଡ଼ା, କେଆରଆଇଟି ଅଧ୍ୟକ୍ଷ ଅଶୋକ ପାଙ୍ଗୀ, ଜିଲ୍ଲା ସାଧାରଣ ସଂପାଦକ ଉତ୍କଳ ରଞ୍ଜନ ନାୟକ, ଯୁବ ବିଜେଡିର ନିର୍ବାଚନ ମଣ୍ଡଳୀ ସଭାପତି ଧନଞ୍ଜନ ନାୟକ, କୋଟପାଡ଼ ବ୍ଲକ ସଭାପତି ବୀରେନ୍ ବିଶୋୟୀ, ଦଶମନ୍ତପୁର ବ୍ଲକ ଉପ-ସଭାପତି ପଣ୍ଡିତ ବିଶୋୟୀ, ଅନୁସୂଚିତ ଜାତି ଓ ଜନଜାତି ସେଲ୍‌ର ଉପ-ସଭାପତି ପୂର୍ବ ଖିଲ, ଏସ୍‌ଡିସି ସଭ୍ୟ ସାଧୁ ଗୁଣ୍ଠା, ଚିକ୍କଣ ପାଙ୍ଗୀ, ସଦାଶିବ ବାରିକ, ଅଶ୍ୱିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜଧାନୀରେ ସରକାରୀ ଜମି ଜବରଦଖଲ ପାଇଁ ଦାୟୀ କିଏ?



## ଜନମତ

ଗତ କିଛିବର୍ଷ ହେବ ବର୍ଷାଦିନେ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଲୋକଙ୍କୁ ହନ୍ତସନ୍ତ କରିବା ସହିତ ପ୍ରଶାସନକୁ ଅଡୁଆରେ ପକାଉଛି। ଯାହାକୁ ନେଇ ଜନସାଧାରଣ ସବୁ ଦୋଷ ବିଏମ୍‌ସିକୁ ଦେଉଛନ୍ତି। ହେଲେ ଏଭଳି ସମସ୍ୟା ଉପୁଜିବାର ମୁଖ୍ୟ କାରଣ ଭାବେ ଉଭା ହୋଇଛି ଜବରଦଖଲ। ଯାହା ଜଣାପଡିଛି, ପୂର୍ବରୁ ଏଠାରେ ଥିବା ପ୍ରାକୃତିକ ନାଳ ଗୁଡିକ ସମୟକ୍ରମେ ଅବରୋଧ କରାଯାଇଥିବାରୁ ବର୍ଷାଜଳ ଠିକ୍ ଭାବେ ନିଷ୍କାସନ ହୋଇପାରୁନାହିଁ। ଅବରୋଧ ବା ଜବରଦଖଲ ଗୋଟିଏ ଦିନରେ ସମ୍ଭବ ହୁଏନାହିଁ। ଏଥିପାଇଁ ବର୍ଷବର୍ଷ ଲାଗିଯାଏ। ତେବେ ରାଜ୍ୟ ରାଜଧାନୀରେ ପ୍ରଶାସନର କଡା ନଜର ଭିତରେ ବେଆଇନ ଭାବେ ଜବରଦଖଲକାରୀମାନେ ସରକାରୀ ଜାଗା ଜବରଦଖଲ କରିବାକୁ କିଭଳି ସକ୍ଷମ ହୁଅନ୍ତି? ସ୍ମାର୍ଟସିଟିର ମାନ୍ୟତା ପାଇଥିବା ଭୁବନେଶ୍ୱରରେ ଛୋଟ ହେଉ ବା ବଡ ହେଉ ଗୃହ ନିର୍ମାଣ ପୂର୍ବରୁ ବିଡିଏରୁ ଅନୁମତି ନେବାକୁ ପଡିଥାଏ। ଅନୁମତି ଦେବା ପୂର୍ବରୁ ବିଡିଏର ଅମିନ ଠାରୁ ଆରମ୍ଭ କରି ଯନ୍ତ୍ରୀ ଓ ହାକିମଙ୍କ ପର୍ଯ୍ୟନ୍ତ ଏହାର ଛାନ୍‌ଭିନ୍ କରିଥାନ୍ତି। ଯେଉଁଥିପାଇଁ ସାଧାରଣ ଲୋକଙ୍କୁ ନାକେଦମ ହେବାକୁ ପଡିଥାଏ। ସେହିଭଳି ସାଧାରଣ ପ୍ରଶାସନ ଅଧିନରେ ରହିଥିବା ସରକାରୀ ଜମି ଗୁଡିକର ରକ୍ଷଣାବେକ୍ଷଣ ମଧ୍ୟ ଏହି ବିଭାଗର ଦାୟିତ୍ୱ। ହେଲେ ମାତ୍ରାଧିକ କ୍ଷେତ୍ରରେ ଦେଖାଯାଇଛି ଜିଏ ଅଧିନରେ ରହିଥିବା ସରକାରୀ ଜମିରେ ଜବରଦଖଲକାରୀଙ୍କର ଭାଉ ବେଶୀ। କେବଳ ଘରୋଇ ଅଞ୍ଚଳ ନୁହେଁ ବିଡିଏ ଓ ହାଉସିଂବୋର୍ଡ ନିର୍ମାଣ କରିଥିବା କଲୋନୀ ଗୁଡିକରେ ମଧ୍ୟ ଜବରଦଖଲ କମ ନୁହେଁ। ଅନୁମୋଦିତ ନକ୍ସା ବା ନିର୍ମାଣ ବାହାରେ ଜବରଦଖଲକାରୀମାନେ ବେଧଡକ ଭାବେ ରାସ୍ତାଘାଟକୁ ମଧ୍ୟ ମାଡି ବସିଛନ୍ତି। ହେଲେ ଏଥିରେ ଏହି ଦୁଇ ସଂସ୍ଥାର କୌଣସି ଭୂମିକା ନଥିଲା ଭଳି ମନେହୁଏ। ସରକାରଙ୍କ ଆବଶ୍ୟକତା ବା ଲୋକଙ୍କ ଅଭିଯୋଗ ଆଧାରରେ କିଛି କିଛି ଜବରଦଖଲ ଉଚ୍ଛେଦ କରାଯାଉଥିଲେ ବି ଏହା ସମୁଦ୍ରକୁ ଶଙ୍ଖେ ଭଳି। ଏଥିପାଇଁ ମଧ୍ୟ ପ୍ରଶାସନକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡେ ଓ ପୋଲିସର ବିନା ସହାୟତାରେ ଏହା ସମ୍ଭବ ହୋଇପାରେନାହିଁ। ତେଣୁ ରାଜଧାନୀରେ ଜବରଦଖଲକାରୀଙ୍କ ଦମ୍ ତୁଳନାରେ ପ୍ରଶାସନର ଦମ୍ କମ୍ ଥିଲା ଭଳି ସମସ୍ତେ ଅନୁଭବ କରୁଛନ୍ତି। ତେବେ ଦୀର୍ଘବର୍ଷ ଧରି ଚାଲି ଆସିଥିବା ଏହି ଜବରଦଖଲ ସମସ୍ୟା ଏବେ ସ୍ମାର୍ଟସିଟି ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। କଡା ଆଇନ ଥିବା ସତ୍ତ୍ୱେ ଯେତେଦିନ ପର୍ଯ୍ୟନ୍ତ ଜବରଦଖଲକାରୀ ଓ ଏଥିପାଇଁ ଦାୟୀ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନହୋଇଛି ସେତେଦିନ ପର୍ଯ୍ୟନ୍ତ ଏହି ବ୍ୟାଧିରୁ ନିସ୍ତାର ନାହିଁ। ତେଣୁ 'ଏକମାତ୍ର'ର ଏଥର ପ୍ରସଙ୍ଗ 'ରାଜଧାନୀରେ ସରକାରୀ ଜମି ଜବରଦଖଲ ପାଇଁ ଦାୟୀ କିଏ?'



**ଜଗନ୍ନାଥ ପ୍ରଧାନ**
**ଅବସରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ**

ସରକାରୀ ଜମିର ସୁରକ୍ଷା ତଥା ଜଗାରଖା ପାଇଁ ଥିବା ବିଭିନ୍ନ ବିଭାଗର କର୍ମଚାରୀଙ୍କ ଦାୟିତ୍ୱହୀନତା ଓ ଉଦାସୀନତା ଏଥିପାଇଁ ଦାୟୀ। ଯେଉଁ ସମୟରେ ଜବରଦଖଲ ଆରମ୍ଭ ହୁଏ ସେହି ସମୟରୁ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ୍। ନଚେତ୍ ସମୟକ୍ରମେ ଏହା ବଢ଼ିଚାଲେ। ଜବରଦଖଲ ଜାଗାରେ ୫ ରୁ ୭ବର୍ଷ ମଧ୍ୟରେ ଗୋଟିଏ ଗୋଟିଏ ଜନଗହଳି ବସ୍ତି ଗଢ଼ିଉଠେ। ପରେ ସେମାନେ ସଂଗଠିତ ହୋଇ ସରକାରୀ ଜମିକୁ ନିଜର କରି ନିଅନ୍ତି। ଜିଏ, ବିଡିଏ ଓ ବିଏମ୍‌ସି ଆରମ୍ଭରୁ ଜବରଦଖଲକାରୀଙ୍କ ବିରୋଧରେ କୌଣସି ଠୋସ୍ କାର୍ଯ୍ୟାନୁଷ୍ଠାନ ନନେବା ଦ୍ୱାରା ଜବରଦଖଲକାରୀଙ୍କ ମନରେ ଭୟ ସୃଷ୍ଟି ହେଉନି। ଏଥିପାଇଁ ସରକାର ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରି ସ୍ୱତନ୍ତ୍ର ଭାବେ ସରକାରୀ ଜମିର ସୁରକ୍ଷା ନକଲେ ସମସ୍ୟା ବଢ଼ିଚାଲିବ। ସରକାରୀ ନିର୍ଦ୍ଦେଶନାମା ଏଥିପାଇଁ କଠୋର ହେବା ମଧ୍ୟ ଉଚିତ୍। ତ୍ୱରିତ କାର୍ଯ୍ୟାନୁଷ୍ଠାନ ନହେଲେ ଏଭଳି ସମସ୍ୟା ବଢ଼ିଚାଲିବ।



**ମାନସ ରଞ୍ଜନ ମହାପାତ୍ର**
**ପୂର୍ବତନ ଚେୟାରମ୍ୟାନ୍**
**ଓଡ଼ିଶା ବାର କାଉନସିଲ**

ରାଜଧାନୀ ଆରମ୍ଭରୁ ଏନ୍‌ଏସି ଥିଲା। ଓଡ଼ିଶା ମ୍ୟୁନିସିପାଲ ଅଧିନିୟମ ୧୯୫୦ ଅନୁସାରେ ଏହା କାର୍ଯ୍ୟ କରୁଥିଲା। ସେତେବେଳେ କୌଣସି ବ୍ୟକ୍ତି ଯଦି ରାସ୍ତା ଅବରୋଧ କରନ୍ତି କିମ୍ବା କୌଣସି ବେଆଇନ ନିର୍ମାଣ କରନ୍ତି ତାକୁ ଉଚ୍ଛେଦ କରିବାର କ୍ଷମତାପ୍ରାପ୍ତ ହୋଇଥିଲା ଏନ୍‌ଏସି। ଭୁବନେଶ୍ୱର ସହରର ଅଧିକାଂଶ ଅଞ୍ଚଳ ସରକାରୀ ଜମିରେ ଗଢ଼ି ଉଠିଛି। ଏହିସବୁ ଜମିକୁ ନିୟନ୍ତ୍ରଣ କରିବା ପାଇଁ ୧୯୭୧ ମସିହାରେ ଓଡ଼ିଶା ପବ୍ଲିକ ପ୍ରିମାଇସେସ୍ ଆକ୍ଟ ପ୍ରଣୀତ ହୋଇଥିଲା। ଏହି ଆଇନ ଅନୁସାରେ କୌଣସି ବ୍ୟକ୍ତି ବା ବ୍ୟକ୍ତିବିଶେଷ ଯଦି ସାଧାରଣ ପ୍ରଶାସନ ବିଭାଗ ଅଧିନରେ ଥିବା କୌଣସି ଜମିକୁ ବେଆଇନ ସୂତ୍ରରେ ଦଖଲ କରନ୍ତି ତାଙ୍କ ବିରୁଦ୍ଧରେ ରାଜ୍ୟ ସରକାରଙ୍କ ଜିଏ ବିଭାଗ ଉଚ୍ଛେଦ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ନେଇପାରିବେ। ସେହି ସମୟରେ ଭୁବନେଶ୍ୱର ସହର ଗଢ଼ିବା ପାଇଁ ମିସ୍ତ୍ରୀ, ମୂଲିଆ ଏବଂ ଅନ୍ୟାନ୍ୟ ମାନବ ସମ୍ବଳ ସତ୍ୟନଗର ଠାରେ ବସତି ସ୍ଥାପନ ଆରମ୍ଭ କରିଥଲେ। ଭୁବନେଶ୍ୱର ସହର ତା'ର କଳେବର ବୃଦ୍ଧି କରିବା ପରେ ପରେ ୧୯୮୦ ମସିହା ବେଳକୁ ତିନି ନମ୍ବର ମାଳିସାହି ଏବଂ ସତ୍ୟନଗର ଅଞ୍ଚଳରେ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷ ସରକାରୀ ଜମିକୁ ଜବରଦଖଲ କରି ବିଭିନ୍ନ ବ୍ୟବସାୟ କରିବାକୁ ସକ୍ଷମ ହୋଇଥିଲେ। ସମୟକ୍ରମେ ୩୦ ବର୍ଷରୁ ଉର୍ଦ୍ଧ୍ୱ ଦଖଲ କରିଥିବା ଆଳ ଦେଖାଇ ସମ୍ପୃକ୍ତ ବ୍ୟକ୍ତି ତାଙ୍କ ନାଁରେ ସରକାରଙ୍କ ଠାରୁ ଜମି ନେଇଗଲେ। ଏହି କ୍ରମରେ ସରକାରଙ୍କ ଜାଣତରେ ବହୁ ଲୋକ ବେଆଇନ ଦଖଲର ଆଳ ନେଇ ଜମି ପଟ୍ଟା ପାଇବା ପାଇଁ ସକ୍ଷମ ହେଲେ। ସତ୍ୟନଗର ବସ୍ତି ଉଚ୍ଛେଦ ପରେ କିଛି ଶ୍ରମିକଙ୍କୁ ଭରତପୁର, ଶିଖରଚଣ୍ଡୀ ଓ ଗଧିଆଖାଲକୁ ଜମି ପଟ୍ଟା ଦିଆଯାଇ ସ୍ଥାନାନ୍ତର କରାଗଲା। ଏମାନଙ୍କ ମଧ୍ୟରୁ ବହୁଲୋକ ବଂଶବୃଦ୍ଧି ଫଳରେ ପରିବାରର ବିଭିନ୍ନ ସଦସ୍ୟଙ୍କ ନାମରେ ଜମି ପଟ୍ଟା ହାତେଇ ନେବାକୁ ସକ୍ଷମ ହେଲେ। ଏଥିରେ ସରକାରଙ୍କ ଅଦୃଶ୍ୟ ଶକ୍ତି ମଧ୍ୟ କାମ କଲା। ଏହାପରେ ସରକାରୀ ଜମି ଜବରଦଖଲ କରିବା ଏକ ପେଶାରେ ପରିଣତ ହୋଇଗଲା। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ଓ ମ୍ୟୁନିସିପାଲିଟି ଜ୍ଞାତସାରରେ ଏହା ହୋଇଥିଲେ ବି ଯେକୌଣସି ଖାଲି ଥିବା ସରକାରୀ ଜମିରେ ଘର ତୋଳା ଗଲା ତାକୁ ଉଚ୍ଛେଦ କରିବା ପରିବର୍ତ୍ତେ ସରକାର ସେମାନଙ୍କୁ ସମୟ ଦେଇ ଏହି ସଂଖ୍ୟାକୁ ସେହି ଅଞ୍ଚଳରେ ବୃଦ୍ଧି କରିଚାଲିଲେ। ଏହି ସଂଖ୍ୟା ଧିରେ ଧିରେ ଗୋଷ୍ଠି ଗଠନ କରିବା ପାଇଁ ସକ୍ଷମ ହେଲା ଏବଂ ଏହି ଗୋଷ୍ଠୀଙ୍କୁ କରାୟତ୍ତ କରିବା ପାଇଁ ଭୋଟ ରାଜନୀତି ଆରମ୍ଭ ହେଲା। ରାଜନୈତିକ ପ୍ରୋତ୍ସାହନ ମିଳିବାରୁ ରାଜଧାନୀରେ ଥିବା ଦୁଇଟି ବସ୍ତି ୨୦୦ରୁ ଉର୍ଦ୍ଧ୍ୱ ବସ୍ତିରେ ପରିଣତ ହେଲା। ଯାହାକୁ କି ସରକାର ସମୟକ୍ରମେ ପଟ୍ଟା ଦେଇ ନିୟମଭୁକ୍ତ କରିଛନ୍ତି। ଅନୁସନ୍ଧାନ କଲେ ଜାଣିହେବ ଯେ, ଏ ସମସ୍ତ ବସ୍ତିରେ ରହୁଥିବା ଗୋଟିଏ ପରିବାରରୁ ୫ ରୁ ୧୦ଜଣ ସଦସ୍ୟ ବିଭିନ୍ନ ଜାଗାରେ ବିଭିନ୍ନ ସମୟରେ ଜମି ପଟ୍ଟା ପାଇଛନ୍ତି। ପରେ ସେଗୁଡିକ ଭଡା ସୂତ୍ରରେ ଦେଇ ସେମାନେ ଲକ୍ଷାଧିକ ଟଙ୍କା ଅର୍ଥ ଉପାର୍ଜନ କରୁଛନ୍ତି। ଏହି ପ୍ରକ୍ରିୟା ସଙ୍ଗେସଙ୍ଗେ ରାଜ୍ୟ ବିଦ୍ୟୁତ୍ ଯୋଗାଣ ସଂସ୍ଥା ଏବଂ ପାନୀୟ ଜଳ ଯୋଗାଣ ସଂସ୍ଥା ଏଭଳି ବେନିୟମ ଜବରଦଖଲ ପାଇଁ ସୁଯୋଗ ସୃଷ୍ଟି କରିଛନ୍ତି। ଏ ସମସ୍ତକୁ ଯଦି ଠିକ୍ ଭାବେ ଅନୁଶୀଳନ କରାଯାଏ ରାଜଧାନୀରେ ସରକାରୀ ଜମି ଜବରଦଖଲ ପାଇଁ ସରକାର ହିଁ ଦାୟୀ। କୌଣସି ଉନ୍ନତିର ଆଳ ଦେଖାଇ ଜବରଦଖଲକାରୀଙ୍କ କବ୍‌ଜାରେ ଥିବା ଜମିକୁ ଉଚ୍ଛେଦ କରିବା ପରିବର୍ତ୍ତେ ଏହା ସରକାରଙ୍କ ଯୋଜନାପୂର୍ଣ୍ଣ ପରିକଳ୍ପିତ ଏକ ସହଜ ସ୍ୱପ୍ନ ପୂରଣ।



**ମନୋରଞ୍ଜନ ମିଶ୍ର**
**ଏଡିଟର, କନକ ଟିଭି**

ଆମ ବ୍ୟବସ୍ଥାରେ ସରକାରୀ ଜମି ଜବରଦଖଲ କରିବା ଏକ ବଡ ଅପରାଧ ବୋଲି ଗଣାଯାଏନାହିଁ। ଯେଉଁଥିପାଇଁ ଜବରଦଖଲକାରୀମାନେ ଭାବନ୍ତି ଯେ, ଜବରଦଖଲ କଲେ ଆମର କ୍ଷତି କ'ଣ? ଯେତିକି ଆଇନ୍ ରହିଛି ତାହାର କାର୍ଯ୍ୟକାରିତା ଉପରେ ସରକାରଙ୍କ ନଜର ନଥାଏ। ଯେଉଁଥିପାଇଁ ଗଳାବାଟର ଫାଇଦା ଉଠାନ୍ତି ଜବରଦଖଲକାରୀ। ସାମାଜିକ ସ୍ତରରେ ଏହି ଜବରଦଖଲକାରୀଙ୍କୁ କେହି ଅପରାଧୀ ବୋଲି ମନେ କରନ୍ତି ନାହିଁ କିମ୍ବା ଘୃଣା ମଧ୍ୟ କରନ୍ତି ନାହିଁ। ବରଂ କିଛି ଲୋକ ନିଜେ ଜବରଦଖଲ କରିପାରିଲେ ନାହିଁ ବୋଲି ଜବରଦଖଲକାରୀଙ୍କୁ ଈର୍ଷା କରନ୍ତି। ଯେତେବେଳେ ଜମି ହଡପକାରୀଙ୍କୁ ଅପବାଦ ମୁଣ୍ଡାଇବାକୁ ପଡେନାହିଁ କିମ୍ବା କଠୋର କାର୍ଯ୍ୟାନୁଷ୍ଠାର ସାମ୍ନା କରିବାକୁ ପଡେନାହିଁ, ସେତେବେଳେ ସେମାନେ ଅଧିକରୁ ଅଧିକ ଏହି କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରନ୍ତି। ସୁଯୋଗ ଥିବାରୁ କିଛି ଲୋକ ନିଜ ଆଡୁ ନିଜ ନାଁରେ କେଶ୍ କରି ସରକାରଙ୍କ ନିକଟରେ ଜବରଦଖଲ ଜମିର ଦାବିଦାର ହୋଇଥାନ୍ତି। ପରେ ଏହା ଏକ ବିବାଦ ଭାବେ ଉଭା ହେଲେ ଆଇନର ଆଶ୍ରୟ ନେଇ ସରକାରୀ ଜମିକୁ ନିଜ ନାଁରେ କରାଇ ନିଅନ୍ତି। ଦାବିଦାର ପ୍ରମାଣ କରିବା ପାଇଁ କିଛି ଲୋକ ଅନ୍ୟକୁ କହି ନିଜ ନାଁରେ କେଶ୍ ମଧ୍ୟ କରାଇଥାନ୍ତି। ଯେହେତୁ ପରେ ଏହି ମାମଲାର ସୁଫଳ ଦାବିଦାରକୁ ମିଳିବାର ବ୍ୟବସ୍ଥା ରହିଛି ତେଣୁ ଏହାର ଫାଇଦା ଉଠାଇବା ସେମାନଙ୍କ ଲକ୍ଷ୍ୟ। ସବୁଠୁ ବଡ କଥା ହେଲା ଜମିଜମା ମାମଲାରେ ଦସ୍ତାବିଜ୍‌ର ରକ୍ଷଣାବେକ୍ଷଣ ଠିକ୍ ନଥିବାରୁ କୌଣସି ନଥି ଖୋଜିବା ପାଇଁ ବର୍ଷ ବର୍ଷ ମଧ୍ୟ ଲାଗିଯାଏ। ଯଦିଓ ଡିଜିଟାଲ ଦ୍ୱାରା ଏହା କିଛିମାତ୍ରାରେ ସରଳ ହୋଇଛି ତଥାପି ଯେତିକି ସରଳୀକରଣ ଆବଶ୍ୟକ ତାହା ହୋଇପାରିନାହିଁ। ଗୋଟିଏ ଜମିକୁ ଦୁଇଦୁଇ ଥର ବିକ୍ରି କରିବାର ନଜିର ମଧ୍ୟ କମ୍ ନୁହେଁ। ଜମି ଠକି ନେବାର ପ୍ରକ୍ରିୟାରେ ଅନେକ ଧୂର୍ତ୍ତ ସାମିଲ ଅଛନ୍ତି। ଯେଉଁମାନେ କି ଆଇନର ଫାଙ୍କ ଦେଇ ସହଜରେ ଏସବୁ କାର୍ଯ୍ୟ କରିପାରନ୍ତି। ଭୋଟ ବର୍ଷ ଥିବାରୁ ସରକାର ଜବରଦଖଲ ଉଚ୍ଛେଦ ପରିବର୍ତ୍ତେ ଜବରଦଖଲକାରୀଙ୍କୁ ଉତ୍ସାହିତ କରୁଥିବା ମନେହୁଏ। ତେଣୁ ବ୍ୟବସ୍ଥା ଭିତରେ ଜବରଦଖଲକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ ଏହା ବଢ଼ି ବଢ଼ି ଚାଲିଛି। ତେଣୁ ଯେପର୍ଯ୍ୟନ୍ତ ଆଇନରେ ବା ସରକାରଙ୍କ ନିୟମରେ ଏଭଳି ଗଳାବାଟ ରହିବ ସେ ପର୍ଯ୍ୟନ୍ତ ଜବରଦଖଲ ସମସ୍ୟାରୁ ମୁକ୍ତି ମିଳିବ ନାହିଁ।



**ପବିତ୍ର ମୋହନ ରାଉତରାୟ**
**ଚେୟାରମ୍ୟାନ**
**ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲ**

ଦିନଥିଲା ରାଜ୍ୟ ସରକାରଙ୍କ ସ୍ଲୋଗାନ ଥିଲା 'ସରକାରଙ୍କ ସମ୍ପତ୍ତି, ଆପଣଙ୍କ ସମ୍ପତ୍ତି, ଏହାର ଯତ୍ନ ନିଅନ୍ତୁ'। କିନ୍ତୁ ଦିନ ପରେ ଦିନ ଗଡିଚାଲିଲା ପରି ଏବେ ରକ୍ଷକ ସାଜିଛି ଭକ୍ଷକ। ଯେଉଁ ଲୋକଙ୍କୁ ଏହାର ଯତ୍ନ ନେବାକୁ କୁହାଯାଇଥିଲା ସେମାନେ ଯତ୍ନନେବା ପରିବର୍ତ୍ତେ ଏହି ସମ୍ପତ୍ତିକୁ ନିଜର ସମ୍ପତ୍ତି ଭାବେ ବାଣ୍ଟି ନେଲେ। ଅଭିମାନ କରି ସରକାର ଚୋରକୁ ଚାବିକାଠି ଦେଲା ପରି ତାର ପୁନଃରୁଦ୍ଧାର ପାଇଁ ପ୍ରଶାସନ ଏବେ ଅଣ୍ଟା ଭିଡିଛି। ନାଳ କେଉଁଠି, ନର୍ଦ୍ଦମା କେଉଁଠି ତାକୁ ଖୋଜୁଛି। ଯେପର୍ଯ୍ୟନ୍ତ ସରକାରୀ ସମ୍ପତ୍ତିର ସୁରକ୍ଷା ପାଇଁ ଜନସଚେତନତା ବୃଦ୍ଧି ପାଇନି ଓ ସରକାରଙ୍କ ଏନେଇ କଠୋର ମନୋଭାବ ଦେଖା ନ ଯାଇଛି ସେତେଦିନ ଯାଏ ଏହା କେବଳ ଭଙ୍ଗା ମାଠିଆରେ କାଦୁଅ ନେସିଲା ଭଳି। ବର୍ଷା ହେଲେ ସଜାବାଜ, ବର୍ଷା ଛାଡିଗଲେ ଥଣ୍ଡା ଘରେ ବସିରହି ବ୍ୟକ୍ତିଗତ ଚିନ୍ତା। ତେଣୁ ପ୍ରଥମେ ଭୁବନେଶ୍ୱରରେ ଥିବା ସମସ୍ତ ପ୍ରାକୃତିକ ନାଳ ଓ ହ୍ରଦକୁ ଚିହ୍ନଟ କରାଯାଉ। ବର୍ଷାଦିନ ବ୍ୟତିରେକ ଖରାଦିନରେ ଏଗୁଡିକର ପୁନଃରୁଦ୍ଧାର ପାଇଁ ତୁରନ୍ତ ପଦକ୍ଷେପ ନିଆଗଲେ ସମାଧାନର ପନ୍ଥା ବାହାରି ପାରିବ। ଭୁବନେଶ୍ୱର ଏକ ପାହାଡିଆ ଅଞ୍ଚଳ। ଏଠାରେ ବର୍ଷାଜଳ ଅଟକି ରହିବା କଥା ନୁହେଁ। ଅତୀତରେ ଏଠାରେ ଥିବା ସମସ୍ତ ପ୍ରାକୃତିକ ନାଳ ଓ ଝରଣାର ଜଳ ଗଙ୍ଗୁଆରେ ମିଶୁଥିଲା। ଏକଥା ରାଜଧାନୀରେ ବସବାସ କରୁଥିବା ସମସ୍ତ ପୁରୁଣା ଓ ନୂଆ ଲୋକବି ଜାଣନ୍ତି। କିନ୍ତୁ ଯେତେବେଳେ ନିଜ ସ୍ୱାର୍ଥକୁ ଦୃଷ୍ଟିରେ ରଖି ୧୦୦ ଫୁଟର ନାଳ ବୟସ କ୍ରମେ ୫ ଫୁଟକୁ ପଳାଇ ଆସିଲା ସେତେବେଳେ ସରକାରଙ୍କ ଚେତା ପଶିଲା। ଯଦି ପ୍ରାପ୍ତ ବୟସ୍କ ନାଳ ବୃଦ୍ଧ ଅବସ୍ଥାକୁ ଆସିଯାଏ ସେଠାରେ ବାଲ୍ୟ ଚପଳତା ଦେଖାଦେବା ସ୍ୱାଭାବିକ। ଆଜି ତାହାହିଁ ଘଟିଛି। ଏଠାରେ ଥିବା ସମସ୍ତ ନାଳ ଓ ହ୍ରଦ ସରକାରଙ୍କ ଅଧିନରେ ରହିଥିଲା। କିନ୍ତୁ ସମୟକ୍ରମେ ନାଳ ଓ ହ୍ରଦର ଦୁଇପଟେ ଅନେକ ଗୁଡିଏ ବସ୍ତି ଗଢ଼ି ଉଠିଲା। ସରକାରଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଯୋଗୁଁ ଏଥିପ୍ରତି କାହାର ଧ୍ୟାନ ରହିଲାନାହିଁ। ଯେତେଦିନ ପର୍ଯ୍ୟନ୍ତ ନିଃସ୍ୱାର୍ଥପର ଭାବରେ ସରକାରୀ ବାବୁମାନେ ଏଦିଗରେ ପଦକ୍ଷେପ ନ ନେଇଛନ୍ତି ସେତେଦିନ ପର୍ଯ୍ୟନ୍ତ ସମସ୍ୟା ଲାଗି ରହିଥିବ ଓ ରାଜଧାନୀରେ କୃତ୍ରିମ ବନ୍ୟା ସୃଷ୍ଟି ହେଉଥିବ। ତେଣୁ ବର୍ତ୍ତମାନ ସାଧାରଣ ପ୍ରଶାସନ ବିଭାଗ, ବିଡିଏ ଓ ବିଏମ୍‌ସି ମିଳିତ ଭାବେ ଏହାର ଅନୁସନ୍ଧାନ କରି ସରକାରୀ ଜମିକୁ ତୁରନ୍ତ ଉଦ୍ଧାର କରନ୍ତୁ। ଏଥିସହିତ ସରକାରୀ ଜମି ଜବରଦଖଲ କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ସରକାର।

**ଅନିଲ କୁମାର ମହାନ୍ତି**
**ବାଲେଶ୍ୱର**



ଜବରଦଖଲ କେବଳ ରାଜଧାନୀର ସମସ୍ୟା ନୁହେଁ, ଅନ୍ୟ ସହର ମାନଙ୍କରେ ମଧ୍ୟ ଜବରଦଖଲ ଏକ ମୁଖ୍ୟ ସମସ୍ୟା। ଅସରାଏ ବର୍ଷାରେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ଅନେକ ଧନଜୀବନ ନଷ୍ଟ ହେଉଛି। ଏଥିପାଇଁ ମୁଖ୍ୟତଃ ପ୍ରଶାସନ ଦାୟୀ, କିନ୍ତୁ ଜନସାଧାରଣ ମଧ୍ୟ ସଚେତନ ହେବା ଆବଶ୍ୟକ। କାରଣ କିଛି ଲୋକଙ୍କ ପାଇଁ ସମସ୍ତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜବରଦଖଲକାରୀଙ୍କ ରାଜନୈତିକ ଦଳ ଏବଂ ପ୍ରଶାସନିକ ଅଧିକାରୀଙ୍କ ସହ ସମ୍ପୃକ୍ତ ପ୍ରଶାସନକୁ ପଙ୍ଗୁ କରିଦେଇଛି। ଅନେକ ରାଜନେତା ଓ ପ୍ରଶାସନିକ ଅଧିକାରୀ ମଧ୍ୟ ଜବରଦଖଲ କରିଛନ୍ତି। ସୁତରାଂ ଜବରଦଖଲ ଉଚ୍ଛେଦ ନକରାଗଲେ ଆଗାମୀ ଦିନରେ ସହରବାସୀଙ୍କ ପାଇଁ ଏହା ବିପଦ ସୃଷ୍ଟି କରିବ।



**ଗାୟତ୍ରୀ ଦାଶ**
**ବଡଗଡ଼, ଭୁବନେଶ୍ୱର**

ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଘର ପାଖରେ ଥିବା ସରକାରୀ ଜାଗାକୁ ଦଖଲ କରି ସର୍ବସାଧାରଣ ରାସ୍ତାକୁ ଷାଠିଏ ଫୁଟ୍‌ରୁ କୋଡିଏ ଫୁଟ୍‌କୁ ସଙ୍କୁଚିତ କରି ଲୋକଙ୍କ ଯାତାୟତରେ ବାଧା ସୃଷ୍ଟି କରିବା ହେଉ ବା ଜଳ ନିଷ୍କାସନ ପ୍ରଣାଳୀକୁ ଅବରୋଧ କରି ସେହି ଅଞ୍ଚଳବାସିନ୍ଦାଙ୍କ ପାଇଁ ଜଳବନ୍ଦୀ ସମସ୍ୟା ସୃଷ୍ଟି କରିବା ହେଉ, ଏଥିପାଇଁ ପ୍ରଥମରେ ଜବରଦଖଲକାରୀ ହିଁ ନିଶ୍ଚିତ ଭାବେ ଦାୟୀ। ଜବରଦଖଲକୁ ଆରମ୍ଭରୁ ଯଦି ରୋକାଯାଇନାହିଁ ତା'ହେଲେ ତଦାରଖ ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀ ଓ ଅଧିକାରୀ ସମାନ ଭାବରେ ଦାୟୀ। ଏହା ବାଦ୍ ସ୍ଥାନେ ସ୍ଥାନେ ଜବରଦଖଲକୁ ସହଯୋଗ କରୁଥିବା ରାଜନୈତିକ ଶକ୍ତି ମଧ୍ୟ ଦାୟୀ ମନେହୁଅନ୍ତି। କିନ୍ତୁ କଡା ଆଇନ ପ୍ରଣୟନ ହେଲେ ବା ଜବରଦଖଲକାରୀ ଓ ଦାୟିତ୍ୱରେ ଅବହେଳା କରିଥିବା ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଯେ, ଏହି ସମସ୍ୟା ଭବିଷ୍ୟତରେ ପୁନର୍ବାର ସୃଷ୍ଟି ହେବନାହିଁ ଏହା କୁହାଯାଇ ନପାରେ। କାରଣ : ଦେଖାଯାଇଛି ଯେ ପ୍ରଶାସନ ପକ୍ଷରୁ ପାଞ୍ଚଟି ଜାଗାରେ ଜବରଦଖଲକୁ ଉଚ୍ଛେଦ କରାଯାଉଥିବା ବେଳେ ଦଶଟି ଅନ୍ୟ ଜାଗାରେ ସରକାରୀ ଜମି ବେଆଇନ ଭାବେ ଅକ୍ତିଆର ହୋଇସାରିଲାଣି।

ମୋର ମତ ହୁଏତ ବର୍ତ୍ତମାନର ଆଲୋଚନାରେ ଅପ୍ରାସଙ୍ଗିକ ମନେ ହୋଇପାରେ, କିନ୍ତୁ ଏକଥା ସତ୍ୟ ନୁହେଁ କି ଆମେ ଯେତେବେଳେ କୌଣସି ସମସ୍ୟା ଉପରେ ଚର୍ଚ୍ଚା ବିଚାର ଆଲୋଚନା କରୁ ସେତେବେଳେ ତତ୍କାଳ ସମାଧାନ ପାଇଁ କେବଳ ବାଟ ଖୋଜିଥାଉ ଓ ଶେଷରେ ଅସ୍ଥାୟୀ ସମାଧାନର ପନ୍ଥା ଆପଣେଇଥାଉ। ଦୀର୍ଘକାଳୀନ ସମାଧାନ ବ୍ୟବସ୍ଥା ଦିଗରେ ଧ୍ୟାନ ଦେବା ପାଇଁ ଆମର ସମୟ ନଥାଏ ବା ଆମେ ସେଭଳି ଚେଷ୍ଟା ନିରର୍ଥକ ଭାବୁ।

ଜବରଦଖଲକାରୀମାନେ ବା ନିଜର ଦାୟିତ୍ୱ ସଠିକ୍ ରୂପେ ନିର୍ବାହ ନ କରୁଥିବା ସରକାରୀ ବାବୁମାନେ ଆସଲେ କେଉଁଠୁ? ନିର୍ବିକାର ଭାବେ ଆଇନକୁ ଭାଙ୍ଗୁଥିବା ଲୋକମାନଙ୍କର କାର୍ଯ୍ୟକଳାପ ଦେଖି ମଧ୍ୟ ନିରବଦ୍ରଷ୍ଟା ସାଜିଥିବା ବ୍ୟକ୍ତିମାନେ ଆସିଲେ କେଉଁଠୁ? ଏହିଭଳି ଦୁର୍ବଳ ଚରିତ୍ର ସୃଷ୍ଟି କରୁଥିବା ସମାଜ କ'ଣ ଏହି ସମସ୍ୟା ପାଇଁ ଦାୟୀ ନୁହେଁ କି? ଆମର ସାମାଜିକ / ପରିବାର ବ୍ୟବସ୍ଥା, ଶିକ୍ଷାପଦ୍ଧତି / ବ୍ୟବସ୍ଥା, ଶାସନ ବ୍ୟବସ୍ଥା ଅଧିକରୁ ଅଧିକ ବଳିଷ୍ଠ ସତ୍‌ଚରିତ୍ର ଯୁକ୍ତ ମନୁଷ୍ୟ ସୃଷ୍ଟି କରିବାରେ ବିଫଳ ହୋଇନାହିଁ କି? ସେଥିପାଇଁ ଆଜି ଯେ କୌଣସି ସମସ୍ୟା ସୃଷ୍ଟି ହେଲେ ପରସ୍ପରକୁ ଦୋଷାରୋପ କରିବା ଅଥବା ଅସ୍ଥାୟୀ ରୂପରେ ପରିସ୍ଥିତିକୁ ସମ୍ଭାଳିବା ପାଇଁ କିଛିଟା ସମାଧାନ କରିବା ବ୍ୟତୀତ ଅଧିକ ସଫଳତା ଆମେ ପାଇ ପାରୁନାହେଁ।

କେବଳ ପ୍ରଶାସନ ନୁହେଁ, ଧନୀ-ଗରିବ, ଶିକ୍ଷିତ-ଅଶିକ୍ଷିତ, ସ୍ତ୍ରୀ-ପୁରୁଷ ପ୍ରତ୍ୟେକ ନାଗରିକଙ୍କର ଦାୟିତ୍ୱବୋଧ ରହିବା ଆବଶ୍ୟକ। ସତ୍ ଚରିତ୍ରଯୁକ୍ତ ଦାୟିତ୍ୱବାନ୍ ମଣିଷ ହିଁ ସମାଜକୁ ଆଇନ ବିରୁଦ୍ଧ କାର୍ଯ୍ୟର କୁପରିଣାମରୁ ରକ୍ଷା କରିପାରିବ। ଅନ୍ୟଥା ଦିନପରେ ଦିନ ଗଡିଚାଲିଥିବ। ଆମେ କିନ୍ତୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ବିଭିନ୍ନ ସମସ୍ୟା ଭିତରେ ହନ୍ତସନ୍ତ ହୋଇ ଜୀବନ ଜୀଉଁଥିବା। ଗୋଟିଏ ସମସ୍ୟାରୁ କଷ୍ଟେମଷ୍ଟେ ମୁକୁଳିବା ବେଳକୁ ଦଶଟି ସମସ୍ୟା ସାମ୍ନାରେ ଉଭା ହେବ। ଚରିତ୍ର ଗଠନର ପ୍ରୟାସ ବ୍ୟକ୍ତିଗତ ବା ସାମୂହିକ ସ୍ତରରେ କଷ୍ଟକର ମନେ ହୁଏ କିନ୍ତୁ ଅସମ୍ଭବ ନୁହେଁ। ସମାଜକୁ ଏହାର ସୁଫଳ ତୁରନ୍ତ ନ ମିଳିପାରେ କିନ୍ତୁ ଆଗାମୀ ଦିନରେ ଅନେକ ସମସ୍ୟା ରୋକିବାରେ ଏହା ନିଶ୍ଚିତ ସହାୟକ ହେବ।



**ରମାକାନ୍ତ ତ୍ରିପାଠୀ**
**ଇଚ୍ଛାପୁର, ବଡମ୍ବା**

ଭୁବନେଶ୍ୱରରେ ସରକାରୀ ଜମି ଜବରଦଖଲ ପାଇଁ ରାଜଧାନୀବାସୀ ହିଁ ଦାୟୀ। କାରଣ ଏଠାରେ ରହୁଥିବା ସଚେତନ ନାଗରିକମାନେ ସରକାରଙ୍କ ସମ୍ପତ୍ତିର ସୁରକ୍ଷା ପାଇଁ ଆଦୌ ଚିନ୍ତା କରନ୍ତିନାହିଁ। ଯାହାଫଳରେ ଭୋଟ ରାଜନୀତିର ପ୍ରଭାବ ଶିକ୍ଷିତଙ୍କ ଅପେକ୍ଷା ଅର୍ଦ୍ଧଶିକ୍ଷିତ ବା ଅଳ୍ପଶିକ୍ଷିତଙ୍କ ଉପରେ ପଡେ। ଯେହେତୁ ଶିକ୍ଷିତ ଲୋକ ଅଳ୍ପ ସଂଖ୍ୟାରେ ଭୋଟ ଦିଅନ୍ତି ଏବଂ ବସ୍ତିବାସିନ୍ଦା ନେତା ନିର୍ବାଚିତ କରନ୍ତି ତେଣୁ ସରକାରଙ୍କ ନିକଟରେ ସେମାନଙ୍କର ଦାବି ରହେ। ଅଧିକାଂଶ ସରକାରୀ ଜମି ବସ୍ତିବାସିନ୍ଦାଙ୍କ ନିୟନ୍ତ୍ରଣରେ ରହିଛି। ଯେହେତୁ ସରକାର ଓ ସ୍ଥାନୀୟ ନେତା ଏମାନଙ୍କ ଭୋଟ ନେଇ ବଳିଆନ ତେଣୁ ସେମାନେ ଏହାକୁ ଉଚ୍ଛେଦ କରିବେ କିପରି? ଯେପର୍ଯ୍ୟନ୍ତ ଆମେ କେବଳ ପ୍ରଶାସନକୁ ଦୋଷ ନଦେଇ ନିଜେ ନିଜ ଦାୟିତ୍ୱ ଠିକ୍ ଭାବେ ନିର୍ବାହ କରିନାହେଁ ସେ ପର୍ଯ୍ୟନ୍ତ ଏହି ସମସ୍ୟାରୁ ମୁକ୍ତି ମିଳିବା ଅସମ୍ଭବ।



**ଶିବାଶୀଷ ମହାପାତ୍ର**
**ଆଇନଜୀବୀ**

ଆମ ରାଜ୍ୟର ପ୍ରାୟ ସବୁ ସହରରେ ସରକାରୀ ଜମି ଜବରଦଖଲ ସମସ୍ୟା ଦେଖାଯାଏ। ସେ ପଛରେ ରାଜନୈତିକ ପୃଷ୍ଠପୋଷକତା ମଧ୍ୟ ଥାଏ। ସରକାରୀ ଜବରଦଖଲରୁ ଗଢ଼ି ଉଠିଥିବା ବସ୍ତି ହିଁ ସହରାଞ୍ଚଳର ବିଭିନ୍ନ ସମସ୍ୟା ସୃଷ୍ଟିର ମୂଳ କାରଣ। ସହରରେ ଘଟୁଥିବା ପ୍ରାୟ ସବୁ ଅପରାଧର ନକ୍ସା ସେହି ଅଞ୍ଚଳରେ ହିଁ ହୋଇଥାଏ। କୃତ୍ରିମ ନଳା ଅବରୋଧ ତଥା ଖାଲୁଆ ତଳି ଅଞ୍ଚଳରେ ଗଢ଼ି ଉଠିଥିବା ବସ୍ତି ଅସରାଏ ବର୍ଷା ହେଲେ ସହରରେ କୃତ୍ରିମ ବନ୍ୟା ସୃଷ୍ଟି କରାଏ। ସହରର ପରିମଳ ଅବ୍ୟବସ୍ଥାଠୁ ବିଦ୍ୟୁତ୍ ପାଣି ଚୋରି ସବୁର ମୂଳ କାରଣ ଜବରଦଖଲରେ ଗଢ଼ି ଉଠୁଥିବା ଏହି ବସ୍ତିସବୁ। ଆଜିର ଟଙ୍କିକିଆ ଚାଉଳ ଓ ଅନ୍ୟାନ୍ୟ ମାଗଣା ସ୍କିମ୍ ଗ୍ରାମାଞ୍ଚଳର ଯୁବକଙ୍କୁ ଅକର୍ମଣ୍ୟ କରିଦେଇଛି। ଯୁବକମାନେ ଆଜି ଚାଷ ବାସ ପ୍ରତି ପୁରା ବିମୁଖ। ସହରକୁ ଆସି ବରଂ କେଉଁ ଦୋକାନରେ କାମ କରିବେ କି ନ ହେଲେ କେଉଁ ବିଲ୍ଡର ପାଖରେ ବେଠି ଖଟିବେ ହେଲେ ଗାଁରେ ରହିବେନି। ଗ୍ରାମାଞ୍ଚଳର ସବୁ ଯୁବକ ଆଜି ସହର ମୁହାଁ। ସହରକୁ ଥରେ ଆସିଗଲେ ଲାଜରେ ଆଉ ଗାଁକୁ ଫେରିବା କଷ୍ଟ। ଏଠି ତା ଜାଗାବାଡି ଇଞ୍ଚରେ ହିସାବ ହୁଏ। କରିବେ କ'ଣ! ଘର ଭଡା ଦବାକୁ ରୋଜଗାର ବା କାହିଁ! ଗଧ ଭଳିଆ ଖଟି କି ମାସର ରୋଜଗାର ଭାତିଆକୁ ନିଅଣ୍ଟ। ମୁଣ୍ଡ ଗୁଞ୍ଜିବାକୁ ଖୋଜନ୍ତି ସରକାରୀ ଜାଗା ଖଣ୍ଡେ। ସରକାରୀ ଜାଗା ଦଖଲ ଦବାକୁ ବି କିଛି ଅସାମାଜିକ ଲୋକ ଅଫିସ ଖୋଲିକି ବସିଛନ୍ତି। ଦଶ ପନ୍ଦର ହଜାର ଟଙ୍କା ନେଇ ଦୁଇଶହ କି ତିନିଶହ ସ୍କୋୟାର ଫୁଟ୍ ଜାଗା ଯୋଗେଇ ଦିଅନ୍ତି। ବାସ୍! ତା'ପରେ ଗଢ଼ି ଉଠେ ବସ୍ତି ପରେ ବସ୍ତି। ଆଇନର ଗଳାବାଟ ଦେଇ କିଛି ଜବରଦଖଲକାରୀ ଅସାଧୁ ଉପାୟରେ ସରକାରୀ ଜାଗାକୁ ନିଜ ନାଁରେ ରେକର୍ଡ ବି କରେଇ ନିଅନ୍ତି। ଭୋଟ ଆଶାରେ ସେମାନଙ୍କର ଘରକୁ ବିଦ୍ୟୁତ୍ ପାଣି ସଂଯୋଗ ସହଜରେ ମିଳିଯାଏ। ସହରାଞ୍ଚଳରେ ଜବରଦଖଲ ପାଇଁ ମୁଖ୍ୟତଃ ରାଜନେତା ଦାୟୀ। ରାଲି ସଭା ସମିତି କଥା ଉଠିଲେ ଏହି ବସ୍ତିବାସିନ୍ଦା ହିଁ ସେମାନଙ୍କର ଦରକାର। ବସ୍ତି ଲୋକଙ୍କ ଭୋଟ ଅତି ସହଜରେ କିଣିହୁଏ। ଏମାନେ ବୁଝନ୍ତିନି ରାଜ୍ୟର ଋଣଭାର ବୋଝ। ଏମାନେ ବୁଝନ୍ତିନି ରାଜ୍ୟର ସମସ୍ୟା। କ'ଣ ଟିକିଏ ସୁବିଧା ପାଇଗଲେ ଏମାନେ ଆଖିବୁଜି ଭୋଟ ଦେଇଦିଅନ୍ତି। ରାଜନେତାଙ୍କ ଇଙ୍ଗିତରେ କାମ କରୁ କରୁ ପ୍ରଶାସନ ବି ଯେ ସୁଯୋଗକୁ ହାତଛଡା କରେନା। ସୁବିଧା ଦେଖି ନିଜ ନାଁରେ କି ନିଜ ଲୋକଙ୍କ ନାଁରେ ସରକାରୀ ଜମିରୁ ସିଂହଭାଗ ଏମାନେ ବି ମାଡି ବସନ୍ତି। ଜମି ମାଫିଆଙ୍କୁ ବି କିଛି ସୁବିଧା କରେଇ ନିଜ ପକେଟ ଗରମ କରନ୍ତି। ଶେଷରେ ଏତିକି କହିବି ଗ୍ରାମାଞ୍ଚଳରେ ବିନା ପାଠରେ ସହଜରେ ମିଳୁଥିବା ଡିଗ୍ରୀ, ରାଜନେତାଙ୍କର ହିନ୍ନ ରାଜନୀତି ସାଙ୍ଗକୁ ପ୍ରଶାସନ ସହରାଞ୍ଚଳରେ ଜବରଦଖଲ ପାଇଁ ଦାୟୀ। ଆଜି ସହରର ସବୁ କୋଣ ଅନୁକୋଣ ଦଖଲକାରୀଙ୍କ କବଜାରେ। ନିକଟ ଭବିଷ୍ୟତରେ ଯେ ଜବରଦଖଲ ସମସ୍ୟା ଲୋପ ପାଇବାର କୌଣସି ଆଶା ନାହିଁ।



**ଭାଗବତ ପରିଡା**
**ମୁମ୍ବାଇ**

ସହରାଞ୍ଚଳଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ମଧ୍ୟ ବ୍ୟାପକ ମାତ୍ରାରେ ସରକାରୀ ଜମି ଜବରଦଖଲ କରାଯାଇଛି। ରାଜନୈତିକ ପୃଷ୍ଠପୋଷକାତାର ଆଶୀର୍ବାଦ ରହିଛି ଜବରଦଖଲକାରୀଙ୍କ ଉପରେ। ରାଜ୍ୟରେ ସଭିଏଁ ଲୁଟନ୍ତୁ ... ସଭିଏଁ ଚଳନ୍ତୁ ... ନୀତିରେ କାର୍ଯ୍ୟ କରୁଛନ୍ତି ସ୍ଥାନୀୟ ପ୍ରଶାସନ। ଏମିତି ହେଲେ ଆଉ କିଛିବର୍ଷ ମଧ୍ୟରେ ସର୍ବସାଧାରଣଙ୍କ ରାସ୍ତା ଅବରୋଧ ହୋଇଯିବ। ବ୍ୟାପକ ଜନଆନ୍ଦୋଳନ ସୃଷ୍ଟି ହେବାର ଆଶଙ୍କା ରହିଛି।

**ଜଗଦିଶ କୁମାର ରଥ**



ସରକାର ତ ଜବରଦଖଲକାରୀଙ୍କ ପାଇଁ ସର୍ବକ୍ଷମା ଯୋଜନା ଆଣୁଛନ୍ତି, ଦୋଷ କାହାକୁ ଦେବା? ରାଜ୍ୟସାରା ଜବରଦଖଲ ଚାଲିଛି, ପଶ୍ଚିମ ଓଡ଼ିଶାରେ ଗରିବ ଓଡ଼ିଆ ମୁଣ୍ଡ ଗୁଞ୍ଜିବାକୁ ଚାଳ ଘରଟିଏ ପାଉନଥିବା ବେଳେ, ବାହାର ରାଜ୍ୟର ଲୋକେ ଏକର ଏକର ଜାଗା ମାଡି ବସିଛନ୍ତି। ସରକାର ଜବରଦଖଲକୁ ପ୍ରୋତ୍ସାହନ ଦେଉଛନ୍ତି।

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି